

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୦୯ ଜୁଲାଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 09 July 2026

Vol.No. 36 ■ No.179 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ADMISSION GOING ON- 2026

SAI SADHANA SCIENCE COLLEGE

+2 Sc. & +2 Arts

SAI SADHANA COLLEGE OF BASIC SCIENCE (+3)

(HONS- PHYSICS, CHEMISTERY, MATHEMATICS, BOTANY, COMPUTER SCIENCE, ZOOLOGH, GEOLOGY, MICROBIOLOGY)

Dibyasingpur, UDALA

100% first class result-2026

Contact No: 9437294587, 9437443950, 9937557158


## ଇରାନର ଆକ୍ରମଣ କ୍ଷମତାକୁ ସଂପୂର୍ଣ୍ଣ ନଷ୍ଟ କରିବୁ: ଟ୍ରମ୍ପ



ନୂଆଦିଲ୍ଲୀ,୮/୭ : ଇରାନ-ଆମେରିକା ମଧ୍ୟରେ ଆଜି ପୁଣି ସଂଘର୍ଷ ଆରମ୍ଭ ହେବା ସହ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଉଭୟ ରାଷ୍ଟ୍ର ମଧ୍ୟରେ ମାସେ ଧରି ଚାଲିଥିବା ଶାନ୍ତି ବୁଝାମଣା ସମ୍ପୂର୍ଣ୍ଣ ଶେଷ ହୋଇଥିବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘୋଷଣା ଆତଙ୍କ ସୃଷ୍ଟି କରିଛି। ପରସ୍ପର ଉପରେ ଅତି ଭୟାବହ ସାମରିକ ଆକ୍ରମଣ ହେଉଥିବାରୁ ଗଲ୍ଫ ସହଯୋଗ ପରିଷଦ (ଜିସିସି)ର ସଦସ୍ୟ ଦେଶ ଗୁଡ଼ିକରେ ଏହି ଘଟଣା ସଂଘାତିକ ସ୍ଥିତି ସୃଷ୍ଟି କରିଛି ଏବଂ ସାଧାରଣ ନାଗରିକଙ୍କ ସୁରକ୍ଷା ପାଇଁ ପ୍ରତିରକ୍ଷା ବ୍ୟବସ୍ଥାକୁ ସକ୍ରିୟ କରାଯାଇଛି। ଇରାନର ପ୍ରମୁଖ ସାମରିକ ବାହିନୀ 'ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ପକ୍ଷରୁ ଗଲ୍ଫ ଅଞ୍ଚଳରେ ଥିବା ପଶ୍ଚିମ ଦେଶଗୁଡ଼ିକର ସାମରିକ ପ୍ରତିରକ୍ଷା ଭିତ୍ତିଭୂମି ଉପରେ ଏକ ସମନ୍ୱିତ ଏବଂ ବଡ଼ ଧରଣର ଡ୍ରୋନ ଓ ବାଲିଷ୍ଟିକ ମିସାଇଲ ଆକ୍ରମଣ କରାଯିବା ପରେ ଏହି ସଙ୍କଟ ସୃଷ୍ଟି ହୋଇଛି। ଏହି ଆକ୍ରମଣରେ ବାହାରିନରେ ଥିବା ଆମେରିକାର ପ୍ରମୁଖ ସାମୁଦ୍ରିକ ପାଟ୍ରୋଲିଂ ଏବଂ ଯୁଦ୍ଧ ବିମାନ କେନ୍ଦ୍ର 'ଶେଖ୍ ଇସା ଏୟାର ବେସ୍' ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏହା ସହିତ କୁଏତରେ ଥିବା ଆମେରିକାର ସବୁଠାରୁ ବଡ଼ ଲଜିଷ୍ଟିକ କେନ୍ଦ୍ର 'ଅଲି ଅଲ୍ ସାଲେମ ଏୟାର ବେସ' ଉପରେ ଇରାନ ପକ୍ଷରୁ ପ୍ରାୟ ୮୫ଟି ସ୍ଥାନକୁ ଟାର୍ଗେଟ କରି ପ୍ରଚଣ୍ଡ ଆକ୍ରମଣ କରାଯାଇଛି। ଆମେରିକା ସେନା ତୁରନ୍ତ ଇରାନର ଶୀର୍ଷ ନେତୃତ୍ୱ, ଗୁଇନ୍ଦା ନେଟୱର୍କ ଏବଂ ଏୟାର ଡିଫେନ୍ସ ବ୍ୟାଟେରିଗୁଡ଼ିକୁ ଟାର୍ଗେଟ କରି ପାଲଟା ବୋମାବର୍ଷଣ କରିଛି। ପ୍ରତିରକ୍ଷା ବିଶେଷଜ୍ଞଙ୍କ ଅନୁଯାୟୀ, ସମ୍ପୂର୍ଣ୍ଣ ଗଲ୍ଫ ଅଞ୍ଚଳ ବର୍ତ୍ତମାନ ଯୁଦ୍ଧକ୍ଷେତ୍ରରେ ପରିଣତ ହୋଇଛି ଏବଂ ବିଭିନ୍ନ ଦେଶ ପ୍ରତି ଭିନ୍ନ ଭିନ୍ନ ସାମରିକ ବିପଦ ସୃଷ୍ଟି ହୋଇଛି। ବାହାରିନ ପ୍ରତି ସର୍ବାଧିକ ବିପଦ ରହିଥିବା ଜଣାପଡ଼ିଛି। ପୋର୍ଟ ସଲମାନଠାରେ ଆମେରିକା ନୌସେନାର ପଞ୍ଚମ ଘାଟିର ସ୍ଥାୟୀ କାର୍ଯ୍ୟାଳୟ ଏବଂ ଶେଖ୍ ଇସା ଏୟାର ବେସ ଥିବାରୁ ଏହା ଇରାନର ମୁଖ୍ୟ ଟାର୍ଗେଟ ପାଲଟିଛି। ଇରାନର ନିମ୍ନ ଉଚ୍ଚତାର ଡ୍ରୋନକୁ ରୋକିବା ପାଇଁ ଏଠାକାର ପ୍ରତିରକ୍ଷା ବ୍ୟବସ୍ଥା ଉପରେ ପ୍ରବଳ ଚାପ ପଡ଼ିଛି। କୁଏତରେ ଆମେରିକାର ସର୍ବାଧିକ ସ୍ଥଳସେନା ଏବଂ ଯୋଗାଣ କେନ୍ଦ୍ର ଥିବାରୁ ଆମେରିକୀୟ ସୈନ୍ୟ ଚଳପ୍ରଚଳକୁ ରୋକିବା ପାଇଁ ଇରାନ ଏଠାରେ କ୍ରମାଗତ ମିସାଇଲ ମାଡ଼ କରିବାର ଆଶଙ୍କା ରହିଛି। ହରମୁଜ ପ୍ରଣାଳୀ ନିକଟରେ ବାଣିଜ୍ୟିକ ତୈଳ ଜାହାଜଗୁଡ଼ିକ ଉପରେ ହୋଇଥିବା ଆକ୍ରମଣ ଯୋଗୁଁ ଓମାନର ସାମୁଦ୍ରିକ ସୀମାରେ ସାମରିକ ଉତ୍ତେଜନା ଦେଖାଦେଇଛି। ପୂର୍ବ ସଂଘର୍ଷରେ କ୍ଷତିଗ୍ରସ୍ତ ହୋଇଥିବା ୟୁଏଇର ବାଣିଜ୍ୟିକ ଏବଂ

◆◆ପୃଷ୍ଠା ୭

## ଜାଲ ଶ୍ରମିକ କାର୍ଡ ଓ ମୃତ୍ୟୁ ପ୍ରମାଣପତ୍ର ଦେଇ ଟଙ୍କା ହଡ଼ପ ମାମଲା: ଏବେ ହେବ ସବୁ ଲେବର କାର୍ଡର ଯାଂଚ

ବାଲେଶ୍ୱର , ୦୮/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଭୋଗରାଇରେ ଜାଲ ଶ୍ରମକାର୍ଡ ଜରିଆରେ ସରକାରୀ ତହବିଲରୁ ଟଙ୍କା ହଡ଼ପ ମାମଲା। ଶ୍ରମ ବିଭାଗ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଓ ମୃତକଙ୍କ ଉତ୍ତରାଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ପରେ ଦଲାଲଙ୍କ ବୁଦ୍ଧିବଣା ହୋଇଯାଇଛି। ୭ ଦିନରେ ଉତ୍ତର ନଦେଲେ ଏଫଆଇଆରର ଧମକ ମିଳିଛି। ଏବେ ମିଛ ମୃତ୍ୟୁ ତାରିଖକୁ ସତ ପ୍ରମାଣିତ କରିବାକୁ ନାକେଦମ ଉଦ୍ୟମ ଚାଲିଛି। ଶ୍ରମ ବିଭାଗର ନୋଟିସ ପରେ ଶ୍ରମକାର୍ଡ ଜାଲିଆତିରେ ସଂପୃକ୍ତଙ୍କ ଛାତି ଧଡ଼ଧଡ଼ କରୁଛି। ମିଛକୁ ସତ କରିବାକୁ ଚାଲିଥିବା ଉଦ୍ୟମ। ଗାଁ ଲୋକ କହୁଛନ୍ତି ଅଗଷ୍ଟ ୮ରେ ଜ୍ୟୋତ୍ସ୍ନା ମିର୍ଦ୍ଧାଙ୍କ ମୃତ୍ୟୁ କଟକରେ ହୋଇଥିଲା। କିନ୍ତୁ ଦଲାଲମାନେ ଚଞ୍ଚକତା କରି ଜ୍ୟୋତ୍ସ୍ନା ନାଁରେ ଅଗଷ୍ଟ ୧୧ରେ ଶ୍ରମକାର୍ଡ କରିବା ପରେ ୧୮ରେ ମୃତ୍ୟୁ ପ୍ରମାଣପତ୍ର ହାସଲ କରିଛନ୍ତି। ଆଉ ଶ୍ରମକାର୍ଡ ଜରିଆରେ ୩ ଲକ୍ଷ ଚଳୁ କରିଛନ୍ତି। ସେହପରି କିର୍ତ୍ତନିଆଜଳପାହି ଅଞ୍ଚଳର ମିନତି ସେନାପତି କ୍ୟାନ୍ସରରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅବସ୍ଥାରେ କଟକରେ ୨୦୨୫ ଅଗଷ୍ଟ ୪ରେ ଆଖି ବୁଜିଥିଲେ। କିନ୍ତୁ ସରକାରୀ ସହୟତା ରାଶି ପାଇଁ ମିନତିଙ୍କ ମୃତ୍ୟୁ ପରେ ଅଗଷ୍ଟ ୭ରେ ଶ୍ରମ କାର୍ଡ ଇସ୍ୟୁ କରି ୧୧ଅଗଷ୍ଟରେ ମୃତ୍ୟୁ ଦର୍ଶାଇ ୩ ଲକ୍ଷ ଟଙ୍କା ହଡ଼ପ କରିଛନ୍ତି। ସାଂଘାତିକ କଥା ହେଉଛି ଉଭୟ ମିନତି ସେନାପତି ଓ ଜ୍ୟୋତ୍ସ୍ନା ମିର୍ଦ୍ଧାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିଲା। ସେମାନଙ୍କୁ ଜାଲ ଶ୍ରମକାର୍ଡ ଦେଲା କିଏ। ସେହିପରି ୨ ହିତାଧିକାରୀଙ୍କ ମୃତ୍ୟୁ କଟକ ଅଞ୍ଚଳରେ ସତ୍ତ୍ୱେ ଜଳେଶ୍ୱର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ମୃତ୍ୟୁ ପ୍ରମାଣ ପତ୍ର ଜାରି ହେଲା କିପରି ? ଏହା ପ୍ରମାଣିତ କରୁଛି ଶ୍ରମକାର୍ଡ ସହାୟତା ରାଶି ହାତେଇବାକୁ ବଡ଼ ରାକେଟ ଚାଲିଛି। ସ୍ୱାସ୍ଥ୍ୟକେନ୍ଦ୍ରରୁ ଶ୍ରମ କାର୍ଯ୍ୟାଳୟ ଯାଏଁ କର୍ମଚାରୀଙ୍କ ସଂପୃକ୍ତି ଓ ଦଲାଲ ସକ୍ରିୟ ଅଛନ୍ତି। ତୁରନ୍ତ ତଦନ୍ତ କରି ଦୋଷୀଙ୍କୁ ଦଣ୍ଡ ଦେବାକୁ ଦାବି ହେଉଛି। ଅନ୍ୟପଟେ ଶ୍ରମମନ୍ତ୍ରୀ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଶ୍ରମକାର୍ଡ ଜାଲିଆତି କରି ସରକାରୀ ସହାୟତା ଲୁଟ କରିବା ଭଳି ଘଟଣା କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## ତାମିଲନାଡୁ ଗ୍ୟାସ୍ ଟ୍ରାଜେଡି ପରେ ଚେତିଲା ଶ୍ରମ ବିଭାଗ: ଏବେ ପ୍ରତ୍ୟେକ ବ୍ଲକରେ ହେବ ଦାଦନ ସର୍ଭେ



ଭୁବନେଶ୍ୱର, ୦୮/୭ (ନି.ପ୍ର): ଦାଦନ ଦଲାଲଙ୍କ ପାଇଁ ବାଜିଲା ବିପଦ ଘଣ୍ଟି। ଗରିବଙ୍କ ଅସହାୟତାକୁ ପୁଞ୍ଜି କରି ନାବାଳିକା ଓ ଶ୍ରମିକଙ୍କୁ ମିଛ ପ୍ରତିଶ୍ରୁତି ଦେଇ ବାହାର ରାଜ୍ୟକୁ ପଠାଉଥିବା ଦଲାଲଙ୍କ ବିରୋଧରେ ଏବେ ଆରମ୍ଭ ହେବ ବଡ଼ ଧରଣର ଅପରେସନ। ଦଲାଲଙ୍କୁ ଚିହ୍ନଟରୁ ଆରମ୍ଭ କରି ଗିରଫ ପର୍ଯ୍ୟନ୍ତ, ପ୍ରତ୍ୟେକ ପଦକ୍ଷେପ ଉପରେ ରହିବ ସରକାରଙ୍କ କଡ଼ା ନଜର। ଶ୍ରମମନ୍ତ୍ରୀଙ୍କ ଘୋଷଣା ପରେ ରାଜ୍ୟବ୍ୟାପୀ ଆରମ୍ଭ ହୋଇଛି ତତ୍ପରତା। ହେଲେ ପ୍ରଶ୍ନ କେବଳ ଚେତାବନୀରେ ରହିଯିବ ନା ଏଥର ସତରେ ଭାଙ୍ଗିବ ଦାଦନ ଦଲାଲଙ୍କ ସାମ୍ରାଜ୍ୟ ? ଗାଁରୁ ସହର ସବୁଠି ମାଡ଼ିଛି ଦାଦନ ଦଲାଲଙ୍କ ଜାଲ।

◆◆ପୃଷ୍ଠା ୭

## ଓଡ଼ିଶା ପୋଲିସରେ ୨୬ ହଜାର ପଦବୀ ଖାଲି : ଡିଜିପି

ଭୁବନେଶ୍ୱର, ୦୮/୭ (ନି.ପ୍ର): ଓଡ଼ିଶା ପୋଲିସ ବିଭାଗରେ ମାନବ ସମ୍ବଳର ଅଭାବ ରହିଥିବା କହିଛନ୍ତି ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇ. ବି. ଖୁରାନିଆ। ବର୍ତ୍ତମାନ ରାଜ୍ୟ ପୋଲିସ ବିଭାଗରେ ପ୍ରାୟ ୨୬ ହଜାର ପଦବୀ ଖାଲି ପଡ଼ିଥିବା ସେ ସୂଚନା ଦେଇଛନ୍ତି। ଡିଜିପି କହିଛନ୍ତି ଯେ, ରାଜ୍ୟର ବୃଦ୍ଧିଶୀଳ ଜନସଂଖ୍ୟା ଅନୁସାରେ ପୋଲିସ ବଳର ସଂଖ୍ୟା ପର୍ଯ୍ୟାପ୍ତ ନାହିଁ। ଅନ୍ୟ ରାଜ୍ୟ ତୁଳନାରେ ମଧ୍ୟ ଓଡ଼ିଶାରେ ପୋଲିସ ମାନବ ସମ୍ବଳ କମ୍ ରହିଥିବା ସେ କହିଛନ୍ତି। ସେ କହିଛନ୍ତି ଯେ, ପୋଲିସ ବିଭାଗକୁ ଆହୁରି ସୁଦୃଢ଼ କରିବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ଏହା ମଧ୍ୟରେ ମୁଖ୍ୟମନ୍ତ୍ରୀ ୧୭ ହଜାର ନୂଆ ପଦବୀ ସୃଷ୍ଟିକୁ ଅନୁମୋଦନ କରିଛନ୍ତି। ନୂତନ ସୃଷ୍ଟି ହୋଇଥିବା ପଦବୀ ଏବଂ ପୂର୍ବରୁ ଖାଲି ଥିବା ପଦବୀକୁ ମିଶାଇ ପ୍ରାୟ ୨୬ ହଜାର ପଦବୀ ପୂରଣ କରାଯିବ।

## ଖୋଲିବ ହୀରାକୁଦ୍ ଗେଟ୍: ନିଷ୍କାସିତ ହେବ ବର୍ଷର ପ୍ରଥମ ବନ୍ୟା ଜଳ, ତଳମୁଣ୍ଡରେ ଥିବା ଜିଲ୍ଲାକୁ ସତର୍କ ସୂଚନା



ସମ୍ବଲପୁର, ୦୮/୭ (ନି.ପ୍ର): ଆସନ୍ତାକାଲି ହୀରାକୁଦରୁ ନିଷ୍କାସିତ ହେବ ପ୍ରଥମ ବନ୍ୟା ଜଳ। ଦିନ ୧୧ଟାରେ ୪ଟି ଗେଟ୍ ଖୋଲାଯିବ। ପରବର୍ତ୍ତୀ ସମୟରେ ଅଧିକ ଗେଟ୍ ଖୋଲି ୧ ଲକ୍ଷ କ୍ୟୁସେକ୍ ପର୍ଯ୍ୟନ୍ତ ପାଣି ଛଡ଼ାଯିବ। ତେବେ ଜଳ ଛଡ଼ାଯିବା ପୂର୍ବରୁ ମହାନଦୀରେ ବନ୍ୟା ନିୟନ୍ତ୍ରଣ ପାଇଁ ଓଡ଼ିଶା ଓ ଛତିଶଗଡ ଅଧିକାରୀଙ୍କ ମଧ୍ୟରେ ହୋଇଛି ବଡ଼ ବୈଠକ। କିନ୍ତୁ ଏହି ବୈଠକରୁ ସାମନାକୁ ଆସିଛି ସାଂଘାତିକ ତଥ୍ୟ। ଛତିଶଗଡ ସରକାର ଜଳ ନିଷ୍କାସନର ସଠିକ୍ ତଥ୍ୟ ପ୍ରଦାନ କରୁଥିବା ଜଣାପଡିଛି। ହୀରାକୁଦର ଜଳଭଣ୍ଡାରରର ଜଳସ୍ତର ୬୧୧ ଫୁଟ ଟପିବା ପରେ ଗେଟ୍ ଖୋଲିବାକୁ ହୋଇଛି ନିଷ୍ପତ୍ତି। କାଲି ପ୍ରଥମେ ୪ଟି ଗେଟ୍ ଖୋଲି ଛଡ଼ାଯିବ ବନ୍ୟାଜଳ। ପାଣି ଛଡ଼ାଯିବା ପରେ ମହାନଦୀର ତଳମୁଣ୍ଡରେ ବଢ଼ିବ ଜଳପ୍ରବାହ ବଢ଼ିବ। ୧୦ରୁ ଅଧିକ ଜିଲ୍ଲା ଦେଇ ମହାନଦୀ ପ୍ରବାହିତ ହେଉଥିବାରୁ, ତଳିଆ ଅଂଚଳର ଲୋକଙ୍କୁ ପ୍ରଶାସନ କରିଛି ସତର୍କ। ବନ୍ୟା ଜଳ ଛାଡ଼ିବା ପୂର୍ବରୁ ମହାନଦୀରେ ବନ୍ୟା ନିୟନ୍ତ୍ରଣ ପାଇଁ ହୋଇଛି ବଡ଼ ବୈଠକ। କେନ୍ଦ୍ରୀୟ ଜଳ ଆୟୋଗଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଓ ଛତିଶଗଡ଼ ଅଧିକାରୀଙ୍କ ମଧ୍ୟରେ ସମ୍ବଲପୁରରେ ହୋଇଛି ଗୁରୁତ୍ୱପୂର୍ଣ୍ଣ ବୈଠକ। ବନ୍ୟା ପରିଚାଳନା ଏବଂ ଜଳଭଣ୍ଡାରର ଫଳପ୍ରଦ ପରିଚାଳନା ପାଇଁ ଜଳସ୍ତର ଓ ଜଳନିଷ୍କାସନ ତଥ୍ୟର ଆଦାନ-ପ୍ରଦାନ ନେଇ ଆଲୋଚନା ହୋଇଛି। କିନ୍ତୁ ବିଡମ୍ବନାର ବିଷୟ ଛତିଶଗଡ଼ ସରାଡିହି ଓ ସିଓରୀନାରାୟଣ ବ୍ୟାରେଜ୍‌ର ଜଳନିଷ୍କାସନ ନେଇ ସଠିକ୍ ତଥ୍ୟ ଦେଉ ନାହିଁ। ଏହାକୁ ନେଇ ବୈଠକରେ ଆପତି ଉଠାଇଛି ଓଡ଼ିଶା। ଛତିଶଗଡ଼ ବ୍ୟାରେଜ ଗୁଡ଼ିକର ଜଳସ୍ତର, ଜଳ ନିଷ୍କାସନର ସଠିକ୍ ତଥ୍ୟ ଦେବାକୁ ଦାବି ରଖିଛି ଓଡ଼ିଶା। ଅନ୍ୟପଟେ ପ୍ରତି ୩ଘଣ୍ଟାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର, ଜଳ ପ୍ରବେଶ ଏବଂ ଜଳ ନିଷ୍କାସନ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିବାକୁ ସହମତି ଜଣାଇଛି। ବର୍ତ୍ତମାନ ହୀରାକୁଦରେ ୬୧୧.୨୩ ଫୁଟ୍ ଜଳ ଅଛି। ହୀରାକୁଦକୁ ୨ ଲକ୍ଷ ୬୨ହଜାର କ୍ୟୁସେକ୍ ପାଣି ଇନ୍ ଫ୍ଲୋ ହେଉଛି। ଗତ ରାତିରେ ମୁଣ୍ଡଳୀରେ ୫ ଲକ୍ଷ ୫୪ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଥିଲା। ଏବେ ୪ଲକ୍ଷ ୮୦ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ତେଣୁ ତଳ ମୁଣ୍ଡରେ ବନ୍ୟା ସମ୍ଭାବନା ନଥିବା ସ୍ପଷ୍ଟ କରିଛି ଜଳସମ୍ପଦ ବିଭାଗ।

## ବୋମା ଗୁଜବ: ନ୍ୟାୟାଳୟରେ କୋକୁଆ ଭୟ: ୨ ଘଣ୍ଟାର ଛାନଭିନ୍ ପରେ ବି କିଛି ମିଳିଲାନି

ଭୁବନେଶ୍ୱର, ୦୮/୭ (ନି.ପ୍ର): ବୋମା ଭୟରେ ଥରହର ଓଡ଼ିଶା ପୁଲିସ। କେତବେଳେ କୋର୍ଟ ତ ଆଉ କେତବେଳେ ପାସପୋର୍ଟ ଅଫିସ, ପୁଣି କେତବେଳେ ବିମାନବନ୍ଦର। ଅଜଣା ଇ-ମେଲ୍ ଆଇଡିରୁ ଆସୁଛି ମେଲ୍। ଧରିବାକୁ ଗଠନ ହେଉଛି ସ୍ପେସାଲ୍ ଟିମ୍। କିନ୍ତୁ ନା ମିଳୁଛି ବୋମା, ନା ମିଳୁଛନ୍ତି ଗୁଜବକାରୀ। ହାତରେ ମେଟାଲ ଡିଟେକ୍ଟର ଧରି ପଇଁତରା ମାରୁଛନ୍ତି ଡଗ୍‌ସ୍କ୍ୱାଡ୍, ବମ୍‌ସ୍କ୍ୱାଡ୍, ଗାର୍ଡେନଠୁ ଗ୍ୟାରେଜ୍। ଲବିରୁ ଏଣ୍ଟ୍ରି ପଏଣ୍ଟ। ଚାରିଆଡେ ଧାଁ ଦୌଡ଼ ସ୍ଥିତି, ସମସ୍ତଙ୍କ ମନରେ କୋକୁଆ ଭୟ। ଭୁବନେଶ୍ୱର କୋର୍ଟର ଏହି ବିଲ୍ଡିଂ ଭିତରେ କୁଆଡେ ବୋମା ଅଛି।

◆◆ପୃଷ୍ଠା ୭

## ନକଲି ରସିଦ ଦେଇ ଭକ୍ତଙ୍କଠାରୁ ଅର୍ଥ ଆଦାୟ: ତଦନ୍ତରୁ ମିଳିଲା ନୂଆ ତଥ୍ୟ



ନୂଆଦିଲ୍ଲୀ,୮/୭ : ଅଯୋଧ୍ୟାର ଶ୍ରୀରାମ ଜନ୍ମଭୂମି ମନ୍ଦିରରେ ଦାନ ଅନିୟମିତତା ମାମଲାରେ ତଦନ୍ତ ଆଗକୁ ବଢ଼ିବା ସହ ଆଉ ଏକ ସଙ୍ଗିନ ତଥ୍ୟ ସାମ୍ନାକୁ ଆସିଛି। ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି)ର ପ୍ରାଥମିକ ତଦନ୍ତରେ ଜଣାପଡ଼ିଛି ଯେ, କେତେକ ଅସାଧୁ କର୍ମଚାରୀ ନକଲି ଦାନ ରସିଦ ବ୍ୟବହାର କରି ଭକ୍ତଙ୍କଠାରୁ ଟଙ୍କା ଆଦାୟ କରୁଥିଲେ। ଏହି ଟଙ୍କା ସରକାରୀ ରେକର୍ଡରେ ଦାନ ଭାବେ ଜମା ହେଉ ନ ଥିଲା, ବରଂ ଏହାକୁ ଆତ୍ମସାତ୍ କରାଯାଉଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ମନ୍ଦିର ପରିସରରେ କିଛି କର୍ମଚାରୀ ଭକ୍ତଙ୍କୁ ଆଧିକାରିକ ରସିଦ ବୋଲି କହି ନକଲି ରସିଦ ଦେଉଥିଲେ। ଭକ୍ତମାନେ ଏହାକୁ ସତ ବୋଲି ବିଶ୍ୱାସ କରି ଦାନ କରୁଥିଲେ, କିନ୍ତୁ ସେହି ଟଙ୍କା ଟ୍ରଷ୍ଟର ଖାତାକୁ ଯାଉନଥିଲା। ଏହି ଅନିୟମିତତା ଦୀର୍ଘ ସମୟ ଧରି ଚାଲିଥିବା ଏବଂ ଏଥିରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବାର ସନ୍ଦେହ କରାଯାଉଛି। ଏସ୍ଆଇଟି ସିସିଟିଭି ଫୁଟେଜ୍, ଦାନ ରେଜିଷ୍ଟର, ରସିଦ ବହି ଓ ଆର୍ଥିକ କାଗଜପତ୍ରର ଯାଞ୍ଚ କରି ଅନେକ ଅସଙ୍ଗତି ଚିହ୍ନଟ କରିଛି। କିଛି ରସିଦର କ୍ରମିକ ସଂଖ୍ୟା ଆଧିକାରିକ ରେକର୍ଡ ସହ ମେଳ ଖାଉ ନ ଥିବାବେଳେ ଅନେକ ଦାନର କୌଣସି ହିସାବ ମିଳିନାହିଁ। ତଦନ୍ତକାରୀ ଅଧିକାରୀମାନେ ଏହି ନକଲି ରସିଦ କେଉଁଠାରେ ଛପାଯାଇଥିଲା ଏବଂ ଏଥିରେ କେଉଁମାନେ ସମ୍ପୃକ୍ତ ଥିଲେ, ସେନେଇ ମଧ୍ୟ ଖୋଳତାଡ଼ କରୁଛନ୍ତି। ଏହି ମାମଲାରେ ପୂର୍ବରୁ ଦାନ ବାକ୍ସରୁ ଟଙ୍କା ଚୋରି ଘଟଣାରେ କେତେକ କର୍ମଚାରୀଙ୍କୁ ଗିରଫ କରାଯାଇଥିଲା। ବର୍ତ୍ତମାନ ନକଲି ରସିଦ ବ୍ୟବହାର କରି ଦାନ ଆଦାୟ କରାଯାଉଥିବା ଅଭିଯୋଗ ସାମ୍ନାକୁ ଆସିବା ପରେ ତଦନ୍ତର ପରିସର ଆହୁରି ବଢ଼ାଯାଇଛି। ତଦନ୍ତକାରୀ ଦଳ ସମସ୍ତ ଆର୍ଥିକ କାରବାରର ଅଡିଟ୍ କରିବା ସହ ସନ୍ଦେହଭାଜନ କର୍ମଚାରୀଙ୍କୁ ପଚରାଉଚରା କରୁଛି।

## ସେନା ମୁଖ୍ୟ ଜେନେରାଲ ସେଠ୍ କାଶ୍ମୀରରେ ସୁରକ୍ଷା ପରିସ୍ଥିତି କଲେ ସମୀକ୍ଷା

ନୂଆଦିଲ୍ଲୀ,୮/୭ : ସେନା ମୁଖ୍ୟ ଜେନେରାଲ ଧୀରଜ ସେଠ୍ ବୁଧବାର କାଶ୍ମୀର ଉପତ୍ୟକାରେ ବର୍ତ୍ତମାନର ସୁରକ୍ଷା ପରିସ୍ଥିତି, କାର୍ଯ୍ୟକ୍ଷମ ପ୍ରସ୍ତୁତି ଏବଂ ଯୁଦ୍ଧ ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ଜେନେରାଲ ସେଠ ଶ୍ରୀନଗରରେ ସେନାର ୧୫ତମ କୋର୍ପସ (ଚିନାର କୋର୍ପସ) ମୁଖ୍ୟାଳୟ ପରିଦର୍ଶନ କରି ପରିସ୍ଥିତି ସମୀକ୍ଷା କରିଛନ୍ତି। ଜେନେରାଲ ସେଠ୍ ନିୟନ୍ତ୍ରଣ ରେଖା ଏବଂ ଆଭ୍ୟନ୍ତରୀଣ ଅଂଚଳରେ ବର୍ତ୍ତମାନର ସୁରକ୍ଷା ପରିସ୍ଥିତି, କାର୍ଯ୍ୟକ୍ଷମ ପ୍ରସ୍ତୁତି ଏବଂ ଯୁଦ୍ଧ ପ୍ରସ୍ତୁତିର ମୂଲ୍ୟାଙ୍କନ କରିବା ପାଇଁ ଚିନାର କୋର ମୁଖ୍ୟାଳୟ ଏବଂ ଏହାର ୟୁନିଟଗୁଡ଼ିକୁ ପରିଦର୍ଶନ କରିଥିଲେ। ସେନା ମୁଖ୍ୟଙ୍କୁ କାର୍ଯ୍ୟକ୍ଷମ ନିୟୋଜନ, ଆତଙ୍କବାଦ ବିରୋଧୀ ଅଭିଯାନ, ବିଭିନ୍ନ ଏଜେନ୍ସି ମଧ୍ୟରେ ସମନ୍ୱୟ, ବଢୁଥିବା କାର୍ଯ୍ୟକ୍ଷମ ପରିସ୍ଥିତି ଏବଂ ଚଳିତ ବାର୍ଷିକ ଅମରନାଥ ଯାତ୍ରା ପାଇଁ ସୁରକ୍ଷା ବ୍ୟବସ୍ଥା ବିଷୟରେ ସୂଚନା ଦିଆଯାଇଥିଲା।

## ଖୁବ୍‌ଶୀଘ୍ର ଓଡ଼ିଶାରେ ଲାଗୁ ହେବ ପେଶା ଆଇନ: ଆସନ୍ତା କ୍ୟାବିନେଟରେ ଆସିବ ପ୍ରସ୍ତାବ

ଭୁବନେଶ୍ୱର, ୦୮/୭ (ନି.ପ୍ର): ଓଡ଼ିଶାରେ ଖୁବଶୀଘ୍ର କାର୍ଯ୍ୟକାରୀ ହେବ ପେଶା ଆଇନ। ଏନେଇ ଆସନ୍ତା କ୍ୟାବିନେଟ ବୈଠକରେ ପ୍ରସ୍ତାବ ଆଗତ କରାଯିବ ବୋଲି ପଂଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ପେଶା ଆଇନ କାର୍ଯ୍ୟକାରୀ କରିବା ନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଛି। ଆଇନଟିକୁ ସଠିକ୍ ଭାବେ ଲାଗୁ କରିବା ପାଇଁ ସମସ୍ତ ଷ୍ଟେକ୍‌ହୋଲ୍ଡରଙ୍କ ସହ ବିସ୍ତୃତ ଆଲୋଚନା କରାଯାଇଛି। ସେ କହିଛନ୍ତି ଯେ, ପେଶା ଆଇନ ଲାଗୁ ହେବା ପରେ ଏହା ଯେପରି ସମସ୍ତଙ୍କ ପାଇଁ ସୁବିଧାଜନକ ଓ ପ୍ରଭାବଶାଳୀ ହୋଇପାରିବ, ସେଥିପାଇଁ ବିଭିନ୍ନ ପକ୍ଷଙ୍କ ମତାମତ ନିଆଯାଇଛି।

## ଶିଶୁ କିଶୋର ପତ୍ରିକା 'କିଚିରିମିଚିରି'ର ରଥ ସଂଖ୍ୟା ଉନ୍ମୋଚିତ




ବାଲେଶ୍ୱର, ୦୮/୭ (ନି.ପ୍ର): ବାଲେଶ୍ୱରରୁ ପ୍ରକାଶ ପଉଥିବା ଶିଶୁ-କିଶୋର ପତ୍ରିକା 'କିଚିରିମିଚିରି'ର ରଥସଂଖ୍ୟା ଗତକାଲି ଜୁଲାଇ ୭ ତାରିଖ ଅପରାହ୍ଣ ୫ ଘଟିକା ସମୟରେ ମାକଲପୁର,ବାଲେଶ୍ୱର ସ୍ଥିତ 'ସ୍ରଷ୍ଟା ନାଟ୍ୟାଳୟ' ପରିସରରେ ଉନ୍ମୋଚିତ ହୋଇଯାଇଛି। ଏକାଡେମୀ ପୁରସ୍କୃତ ବରିଷ୍ଠ ତଥା ବିଶିଷ୍ଟ ନାଟ୍ୟକାର ଶ୍ରୀଯୁକ୍ତ ହେମେନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉନ୍ମୋଚନ ଉତ୍ସବରେ ଅତିଥି ଭାବେବିଶିଷ୍ଟ ଗବେଷକ ତଥା ସୁପ୍ରାବନ୍ଧିକ ଡକ୍ଟର ରାଧାରଂଜନ ପଟ୍ଟନାୟକ, ଶିଶୁ ସାହିତ୍ୟର ଅନ୍ୟତମ ଧୁରୀଣ ଲେଖକ ସାହିତ୍ୟିକ ବ୍ରଜେନ୍ଦ୍ରନାଥ ଗିରି,'ଦୈନିକ ଧ୍ୱନି ପ୍ରତିଧ୍ୱନି'ମୁଖ୍ୟ ସମ୍ପାଦକ ତଥା ଔପନ୍ୟାସିକ ଶ୍ରୀଯୁକ୍ତ ସୃଷ୍ଟିଧର ପରିଡ଼ା, ସୁସାହିତ୍ୟିକ, ବିଶିଷ୍ଟ ଆଲୋଚକ, ପ୍ରଖ୍ୟାତ ବ୍ୟଙ୍ଗକାର ତଥା ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ସମ୍ପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରମୁଖ ଯୋଗଦେଇ ମିଳିତ ଭାବେ ପତ୍ରିକାଟିକୁ ଉନ୍ମୋଚନ କରି ଶିଶୁ ସାହିତ୍ୟ ଉପରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିବା ସହ ଶିଶୁ-କିଶୋର ପତ୍ରିକା ପ୍ରକାଶନର ଅବଶ୍ୟକତା ପୂରଣ କରିବା ପାଇଁ ଶ୍ରୀ ପୀତାମ୍ବର ଦାସଙ୍କ ଏତାଦୃଶ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହ ପତ୍ରିକାର ସମ୍ପାଦିକା ମୋନାଲିସା ପ୍ରଧାନଙ୍କୁ ମଧ୍ୟ ସାଧୁବାଦ ଜଣାଇଥିଲେ।

◆◆ପୃଷ୍ଠା ୭

## ଲଘୁଚାପ ଜନିତ ବର୍ଷାର ପ୍ରଭାବ: ତିହିଡି ବ୍ଲକରେ ୫ଶହ ହେକ୍ଟର ଜମିରେ ଧାନତଳି ନଷ୍ଟ ଆଶଙ୍କା

ଭଦ୍ରକ, ୦୮/୦୭ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡି ବ୍ଲକରେ ୪ଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଲାଗି ରହିଛି।ଏପରି ଅତ୍ୟଧିକ ବର୍ଷା ପାଇଁ ବ୍ଲକର ୩୧ ପଂଚାୟତରେ ୫ ଶହ ହେକ୍ଟର ଜମିରେ ଧାନତଳି ନଷ୍ଟ ହେବାର ଆଶଙ୍କା ଉପୁଜିଛି। ଏବେ ଧାନ ତଳି ଜମିରେ ବର୍ଷା ପାଣିରେ ଉବୁଟୁବୁ ହେଉଛି। ଖରିଫ ଧାନଚାଷ ପାଇଁ ତଳି ନଷ୍ଟ ହେବା ଆଶଙ୍କା ଉପୁଜିଥିବାରୁ ଚାଷୀମାନଙ୍କ ମଧ୍ୟରେ ନୈରାଶ୍ୟଭାବ ସୃଷ୍ଟି ହୋଇଛି । ରଜ ସଂକ୍ରାନ୍ତି ପରେପରେ ପାଗ ଅନୁକୂଳ ନହେବାରୁ ଚାଷୀମାନଙ୍କ ବତୁରୀ ତଳି ପକାଇବା ସମ୍ଭବ ହୋଇନଥିଲା । ଚାଷୀମାନେ ସଂକ୍ରାନ୍ତି ପରେ ଅନୁକୂଳ ପାଗ ଦେଖି ଧାନ ବିହନ ଗଜାକରି ଆଟରା ତଳି ପକାଇଥିଲେ । ମାତ୍ର ଲଗାଣ ବର୍ଷା ହେବା ଯୋଗୁଁ ଏହି ତଳି ଜମିରେ ବର୍ଷା ପାଣି ବୁଡିରହିଛି । ବ୍ଲକରେ ମୋଟ ୧୯ହଜାର ୧୫ହେକ୍ଟର ଜମି ମଧ୍ୟରୁ ଚଳିତ ବର୍ଷ ୧୮ହଜାର ୮୯୧ହେକ୍ଟର ଜମିରେ ଧାନଚାଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ଜମି ମଧ୍ୟରୁ ୪ହଜାର ହେକ୍ଟର ଜମିରେ ବୁଣାଧାନ ଓ ଅବଶିଷ୍ଟ ଜମିରେ ରୁଆ ଧାନ ହେବ । ତେବେ ରୁଆ ଧାନ ପାଇଁ ମୋଟ ୧ହଜାର ୫ଶହ ହେକ୍ଟର ଜମିରେ ଧାନ ତଳିର ଆବଶ୍ୟକତା ରହିଛି । ତେବେ ଇତ୍ୟବସରରେ ୧ହଜାର ହେକ୍ଟର ଜମିରେ ତଳି ପଡ଼ି ସାରିଥିବା ବେଳେ ତନ୍ମଧ୍ୟରୁ ୫ଶହ ହେକ୍ଟର ଜମିରେ ତଳି ନଷ୍ଟ ହେବା ଆଶଙ୍କା ରହିଛି । କମ ଜମିରୁ ଅଧିକ ଅମଳ କରିବାକୁ ଏବେ ଚାଷୀମାନେ ଉନ୍ନତ କିସମର ବିହନ ଚାଷ କରିବାକୁ ପସନ୍ଦ କରୁଛନ୍ତି । ଏହି ବିହନର ମୂଲ୍ୟ ଯଥେଷ୍ଟ ଅଧିକ ଅଟେ । ବିହନର ସର୍ବନିମ୍ନ ମୂଲ୍ୟ କୁଇଂଟାଲ ପ୍ରତି ୧୦ହଜାର ଟଙ୍କା ହୋଇଥିବା ବେଳେ କୁଇଂଟାଲ ପ୍ରତି ୧୫ରୁ ୨୦ହଜାର ଟଙ୍କାର ବିହନ ମଧ୍ୟ ବଜାରରେ ଉପଲବ୍ଧ ହେଉଛି । ତେବେ ତଳି ପଡ଼ିଥିବା ଏହି ମୂଲ୍ୟବାନ ବିହନ ନଷ୍ଟହୋଇଯିବା ଆଶଙ୍କାରେ ଏବେ ଚାଷୀମାନଙ୍କ ମନରେ ହତାଶ ଭାବ ସୃଷ୍ଟି ହୋଇଛି। ପୁଣିଥରେ ଧାନ ଗଜା କରି ତଳି ପକାଇବା ସମୟ ସାପେକ୍ଷ ହୋଇଥିବାରୁ ଖରିଫ ଧାନ ଚାଷ ବାଧାପ୍ରାପ୍ତ ହେବା ସମ୍ଭାବନା ଉପୁଜିଛି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଅମର ପ୍ରସାଦ ସାହୁଙ୍କୁ ପଚାରିବାରୁ ସେ କହନ୍ତି ଯେ,ଲଗାଣ ବର୍ଷା ଯୋଗୁଁ ଧାନତଳି ନଷ୍ଟ ହେବା ଆଶଙ୍କା ରହିଛି। ଆଗକୁ ପାଗ ଅନୁକୂଳ ରହିଲେ ଖରିଫ ଧାନଚାଷ ସୁବିଧାରେ ହୋଇପାରିବ ।

## ମୋଟୁ ଜେଏମ୍ଏଫସି ନ୍ୟାୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ମାଲକାନଗିରି, ୦୮/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ.ଭି -୭୯ ଠାରେ ତାଲୁକ ଆଇନ ସେବା କମିଟି, ମୋଟୁ ଏମ୍.ଭି.-୭୯ ପକ୍ଷରୁ ସୋମବାର ଜେଏମ୍ଏଫସି, ମୋଟୁ ନ୍ୟାୟାଳୟ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିବେଶ ସୁରକ୍ଷା, ସବୁଜିମାର ବିକାଶ ଏବଂ ବୃକ୍ଷରୋପଣ ପ୍ରତି ସାମାଜିକ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ନ୍ୟାୟାଳୟ ପରିସରରେ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜେଏମ୍ଏଫସି ମାଜିଷ୍ଟ୍ରେଟ ଅନୁପମ ଦାଶ, ସରକାରୀ ଓକିଲ ରାଜେଶ ପଟ୍ଟନାୟକ, ଆଇନଜୀବୀ ବିପ୍ଲବ ଦତ, ଜୟଦେବ କୁମାର ରଙ୍କ ସମେତ ନ୍ୟାୟାଳୟର କର୍ମଚାରୀ, ଆଇନଜୀବୀ ଓ ତାଲୁକ ଆଇନ ସେବା କମିଟିର ସଦସ୍ୟମାନେ ସକ୍ରିୟ ଭାବେ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ବନ ବିଭାଗ ପକ୍ଷରୁ ରେଞ୍ଜର ତନୁଜା କାର୍ତିକ, ଫରେଷ୍ଟର ମୋହନ ଗୁଡ଼ିଆ ଏବଂ ବନ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଚାରା ରୋପଣ ଓ ଏହାର ସଂରକ୍ଷଣ ସମ୍ପର୍କରେ ସହଯୋଗ କରିଥିଲେ। ଏହି ଅବସରରେ ବକ୍ତାମାନେ ପରିବେଶର ସନ୍ତୁଳନ ରକ୍ଷା, ଜଳବାୟୁ ପରିବର୍ତ୍ତନର ମୁକାବିଲା ଏବଂ ଆଗାମୀ ପିଢ଼ି ପାଇଁ ସବୁଜ ପରିବେଶ ଗଠନରେ ବୃକ୍ଷରୋପଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

## ରଥଯାତ୍ରା ପାଇଁ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ଓ ରୋଗୀ ସ୍ଥାନାନ୍ତର ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା

ପୁରୀ, ୦୮/୦୭ (ନି.ପ୍ର): ଆସନ୍ତା ପବିତ୍ର ରଥଯାତ୍ରା ୨୦୨୬କୁ ସୁରକ୍ଷିତ, ସୁଚାରୁ ଓ ସୁବ୍ୟବସ୍ଥିତ ଭାବେ ପରିଚାଳନା କରିବା ଉଦ୍ଦେଶ୍ୟରେ ମଙ୍ଗଳବାର ପୁରୀ ଏସପି ପ୍ରତୀକ ସିଂଙ୍କ ଅଧ୍ୟକ୍ଷତାରେ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସମ୍ପର୍କିତ ଏକ ସମୀକ୍ଷା ହୋଇଥିଲା। ଏହି ସମୀକ୍ଷାରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ, ପୁରୀ ପୋଲିସର ବରିଷ୍ଠ ଅଧିକାରୀ ଓ ସମ୍ପୃକ୍ତ ବିଭାଗର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ବୈଠକରେ ରଥଯାତ୍ରା ସମୟରେ ଭକ୍ତମାନଙ୍କୁ ଆବଶ୍ୟକ ପଡ଼ିଲେ କିପରି ତୁରନ୍ତ ଓ ନିରବିଘ୍ନ ଭାବେ ଚିକିତ୍ସା ସେବା ଯୋଗାଇ ଦିଆଯିବ, ସେଥିପାଇଁ ବିସ୍ତୃତ ସମୀକ୍ଷା କରାଯାଇଥିଲା। ବିଶେଷକରି ଭିଡ଼ ମଧ୍ୟରୁ ଅସୁସ୍ଥ କିମ୍ବା ଆହତ ଭକ୍ତଙ୍କୁ ଶୀଘ୍ର ଉଦ୍ଧାର କରିବା, ଷ୍ଟ୍ରେଚର ଟିମ୍ର ସଠିକ୍ ମୁତୟନ, ଆମ୍ବୁଲାନ୍ସର ତ୍ୱରିତ ଚଳାଚଳ, ଗ୍ରୀନ୍ କରିଡର ସୃଷ୍ଟି ଏବଂ ନିକଟସ୍ଥ ଚିକିତ୍ସା କେନ୍ଦ୍ରକୁ ସୁରକ୍ଷିତ ସ୍ଥାନାନ୍ତର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ରଥଯାତ୍ରା ସମୟରେ ସମସ୍ତ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର, ପ୍ରାଥମିକ ଚିକିତ୍ସା ୟୁନିଟ୍, ଆମ୍ବୁଲାନ୍ସ, ଡାକ୍ତରୀ ଦଳ, ନର୍ସିଂ କର୍ମଚାରୀ ଏବଂ ଷ୍ଟ୍ରେଚର ଟିମ୍ମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ଯେକୌଣସି ଜରୁରୀ ପରିସ୍ଥିତିରେ ତୁରନ୍ତ ସହାୟତା ପହଂଚାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାଛଡ଼ା ବଡ଼ଦାଣ୍ଡ ଏବଂ ରଥଯାତ୍ରା ସହ ସମ୍ପୃକ୍ତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିୟୋଜିତ ପୋଲିସ, ସ୍ୱାସ୍ଥ୍ୟକର୍ମୀ ଓ ଷ୍ଟ୍ରେଚର ଟିମ୍ ମାନଙ୍କ ମଧ୍ୟରେ ଦ୍ରୁତ ଯୋଗାଯୋଗ ବ୍ୟବସ୍ଥା, ୱାୟାରଲେସ୍ ସମନ୍ୱୟ ଓ ରିଅଲ୍-ଟାଇମ୍ ରେସପନ୍ସ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ନେଇ ଆଲୋଚନା ହୋଇଥିଲା। ଭକ୍ତମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ପାନୀୟ ଜଳ, ଓଆରଏସ୍, ପ୍ରାଥମିକ ଚିକିତ୍ସା ସାମଗ୍ରୀ, ପରିଷ୍କାର-ପରିଚ୍ଛନ୍ନତା, ହିଟ୍ ଷ୍ଟ୍ରୋକ୍, ଡିହାଇଡ୍ରେସନ୍ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟଜନିତ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଆବଶ୍ୟକ ସମସ୍ତ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ସ୍ୱାସ୍ଥ୍ୟ ବିଭାଗକୁ ପରାମର୍ଶ ଦିଆଯାଇଥିଲା। ପୁରୀ ପୋଲିସ ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ସମନ୍ୱୟରେ ରଥଯାତ୍ରା ସମୟରେ ପ୍ରତ୍ୟେକ ଭକ୍ତଙ୍କୁ ଶୀଘ୍ର, ସୁରକ୍ଷିତ ଏବଂ ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ କରାଯାଉଛି। ପୁରୀ ପୋଲିସ ସମସ୍ତ ଭକ୍ତଙ୍କୁ ରଥଯାତ୍ରା ସମୟରେ ପ୍ରଶାସନର ନିର୍ଦ୍ଦେଶାବଳୀ ପାଳନ କରିବା, ଅନାବଶ୍ୟକ ଭିଡ଼ ସୃଷ୍ଟି ନ କରିବା ଏବଂ କୌଣସି ବ୍ୟକ୍ତି ଅସୁସ୍ଥ ହେଲେ ନିକଟସ୍ଥ ପୋଲିସ କର୍ମଚାରୀ, ଷ୍ଟ୍ରେଚର ଟିମ୍ କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କୁ ତୁରନ୍ତ ସୂଚନା ଦେବାକୁ ଅନୁରୋଧ କରୁଛି।

## ଡାକବାଜି ଯନ୍ତ୍ରକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟଣା : ୪ଜଣ ଗିରଫ

ଧର୍ମଶାଳା, ୦୮/୦୭ (ନି.ପ୍ର): ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ମଙ୍ଗରାଜପୁର ପଂଚାୟତ ଅନ୍ତର୍ଗତ ଚଅପୋଇ ଗ୍ରାମରେ ରଜ ମହୋତ୍ସବ ଚାଲି ଥିବା ସମୟରେ ଡାକବାଜି ଯନ୍ତ୍ରକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା । ଏହି ଘଟଣାରେ ଉଭୟ ପକ୍ଷରୁ ଠେଙ୍ଗା ଓ ପଥର ମାଡରେ ଉଭୟ ପକ୍ଷରୁ ପାଖାପାଖି ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିଲେ । ଏହି ଘଟଣାକୁ ନେଇ ବ୍ରହ୍ମବରଦା ଥାନାରେ ପୃଥକ ପୃଥକଭାବେ ଦୁଇଟି ମାମଲା ରୁଜୁ ହୋଇଥିଲା । ଥାନାରେ ମାମଲା ରୁଜୁ ହେବା ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ । ତେବେ କୌଣସି ସୂତ୍ରରୁ ପୁଲିସ ଖବର ପାଇ ଆଜି ଭୋର ସମୟରେ ଚଅପୋଇ ଗ୍ରାମର ବିଭିନ୍ନ ସ୍ଥାନରେ ଚଢାଉ କରି ୪ଜଣ ଯୁବକଙ୍କୁ ଗିରଫ କରିଥିଲା । ଚଅପୋଇ ଗ୍ରାମର ବିଦ୍ୟାଧର ବେହେରାଙ୍କ ପୁଅ ଗୋବିନ୍ଦ(୪୦),ଅଶୋକ ବେହେରାଙ୍କ ପୁଅ ପ୍ରତି ରଂଜନ ଓରଫ ଚନ୍ଦନ(୨୦),ଘନଶ୍ୟାମ ବେହେରାଙ୍କ ପୁଅ ଚକ୍ରଧର(୪୦) ଓ ପରମାନନ୍ଦ ବେହେରାଙ୍କ ପୁଅ କାର୍ତିକ(୩୭)ଙ୍କୁ ଆଜି ଡାକ୍ତରୀ ମଇନା ପରେ କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନା ଅଧିକାରିଣୀ ଜୟନ୍ତୀ ମଲ୍ଲିକ ସୂଚନା ଦେଇଛନ୍ତି ।

## କୋଚିଳାନଦୀରେ ଦୁର୍ବଳ ବନ୍ଧ: ଭୟର ବଳୟରେ ଧାମନଗରର ତିନି ପଂଚାୟତ: ଅସମ୍ପୂର୍ଣ୍ଣ କାମକୁ ନେଇ ଜନଅସନ୍ତୋଷ

ଭଦ୍ରକ, ୦୮/୦୭ (ନି.ପ୍ର): ଲଗାଣ ବର୍ଷା ଏବଂ ଲଘୁଚାପ ଜନିତ ବର୍ଷାରେ ଧାମନଗର ବ୍ଲକ ଅଂଚଳ ବେହାଲ ହୋଇପଡ଼ିଥିବା ବେଳେ, ଏବେ କୋଚିଳା ନଦୀର ଦୁର୍ବଳ ବନ୍ଧ ସଇଲୋ ଗ୍ରାମବାସୀଙ୍କ ମଧ୍ୟରେ ଛନକା ସୃଷ୍ଟି କରିଛି। ନଦୀବନ୍ଧ କୌଣସି ମୁହୂର୍ତରେ ଭାଙ୍ଗିଯିବା ଆଶଙ୍କାରେ ଅଂଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି।ସଇଲୋ ନିକଟ ଜଗନ୍ନାଥ ଧଳଙ୍କ ଘର ପାଖରେ ଥିବା କୋଚିଳା ନଦୀବନ୍ଧଟି ଗତ ଦୁଇ ବର୍ଷ ହେବ ବାରମ୍ବାର ଧସୁଛି। ଏହାକୁ ଦୃଷ୍ଟିରେ ରଖି ଗତବର୍ଷ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ଜିଲ୍ଲାପାଳ ଏବଂ ଜଳସେଚନ ବିଭାଗର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ସ୍ଥାୟୀ ସମାଧାନ ନିମନ୍ତେ ୨ କୋଟି ଟଙ୍କା ମଞ୍ଜୁର ହେବା ସହ ଟେଣ୍ଡର ମଧ୍ୟ କରାଯାଇଥିଲା। ତେବେ, ଠିକାଦାରଙ୍କ ଖାମଖିଆଲି ମନୋଭାବ ଯୋଗୁଁ ନିର୍ଦ୍ଧାରିତ ସମୟରେ କାମ କଲେ ନାହିଁ। ପ୍ରଥମ ବନ୍ୟା ଜଳ ଆସିବା ମାତ୍ରେ ନଦୀବନ୍ଧର ଅବସ୍ଥା ଅଧିକ ଖରାପ ହୋଇଛି। ଏହାର ପ୍ରଭାବରେ ଅର୍ଜୁନପୁର, ପଧାନୀ ଏବଂ ହସନାବାଦ ପଂଚାୟତର ବହୁ ଗ୍ରାମବାସୀ ଏବେ ବିପଦ ସଙ୍କୁଳ ଅବସ୍ଥାରେ ଅଛନ୍ତି। ଏନେଇ ଧାମନଗର ଜଳସେଚନ ବିଭାଗର ଏସଡିଓ ଶମ୍ଭୁନାଥ ମଲିକ କହିଛନ୍ତି, 'ଯେଉଁ ଠିକାଦାର କାମ କରିନାହାନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବର୍ତମାନ ବନ୍ଧକୁ ଅସ୍ଥାୟୀ ଭାବେ ମରାମତି କରାଯାଇଛି। ସାଧାରଣ ଜନତା ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ, ବନ୍ଧ ସୁରକ୍ଷିତ ଅଛି ଏବଂ ଖୁବଶୀଘ୍ର ଏହାର ସ୍ଥାୟୀ ମରାମତି କରାଯିବ।'ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ମଧ୍ୟ ସାଧାରଣ ଲୋକଙ୍କ ମଧ୍ୟରେ ଆଶଙ୍କା ଦୂର ହୋଇନାହିଁ। ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସ୍ଥାୟୀ ସମାଧାନ ନକଲେ ଆଗାମୀ ଦିନରେ ବଡ଼ ଧରଣର ବିପଦ ଘଟିପାରେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ତେବେ ନଦୀରେ ବନ୍ୟା ଜଳ ପ୍ରବେଶ କରିଥିବାରୁ ଭଦ୍ରକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ରେ ଧାମନଗର ତହସିଲଦାର ଜ୍ଞାନରଞ୍ଜନ ସାହୁ, ଏସ ଡି ଓ ଶମ୍ଭୁନାଥ ମଲିକ, ଯନ୍ତ୍ରୀ ବିମଳ ବେହେରା ସଇଲ ଠାରେ ପହଂଚିଛନ୍ତି ।

## ଏମ୍.ଏସ୍. ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ବନ ମହୋତ୍ସବ ପାଳନ

ଜୟପୁର, ୦୮/୦୭ (ନି.ପ୍ର): ଜୟପୁର ସ୍ଥିତ ଏମ୍.ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ବନ ମହୋତ୍ସବ ସପ୍ତାହ ପାଳନର ସମାପନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାର କୁନ୍ଦ୍ରା ଏବଂ କୋରାପୁଟ ବ୍ଲକ ର ୫୦ରୁ ଉର୍ଦ୍ଧ୍ୱ ଚାଷୀ ଅଂଶଗ୍ରହଣ କରିଛନ୍ତି। ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପରିଡା ଉକ୍ତ କାର୍ଯ୍ୟକ୍ରମକୁ ସଭାପତିତ୍ୱ କରି ବୃକ୍ଷରୋପଣର ଆବଶ୍ୟକତା ଏବଂ ତାହାର ଯତ୍ନନେବାର ଦାଇତ୍ୱ ବିଷୟରେ ସମସ୍ତଙ୍କୁ ବୁଝାଇଥିଲେ। ଏଥିରେ ଜୟପୁର ବନଖଣ୍ଡରୁ ସହକାରୀ ବନ ସଂରକ୍ଷକ ଅମିତ ନାୟକ, କୋରାପୁଟ ବନଖଣ୍ଡରୁ ସହକାରୀ ବନ ସଂରକ୍ଷକ ଜଗନ୍ନାଥ ପ୍ରସାଦ ବିଶୋଇ, ଏଫ.ଇ.ଏସ.ର ପ୍ରଦୀପ କୁମାର ମିଶ୍ର ଯୋଗଦେଇ ସମସ୍ତଙ୍କୁ ବନ ମହୋତ୍ସବର ତାତ୍ପର୍ଯ୍ୟ ଓ ବୃକ୍ଷ ରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏଥିରେ ଶ୍ରୀ ଜଗନ୍ନାଥ ପ୍ରସାଦ ବିଶୋଇ ବ୍ୟକ୍ତିଗତ ଭାବରେ ଯେକୌଣସି ସ୍ଥାନରେ ସ୍ୱଇଚ୍ଛାରେ ବୃକ୍ଷରୋପଣ କରିବା ତଦ୍ୱାରା ମହାପୁଣ୍ୟର କାମ ସମାପନ ହୋଇଥାଏ ବୋଲି ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ। ଅମିତ ନାୟକ କହିଥିଲେ ଯେ, ମନୁଷ୍ୟ ନିଜ ଜୀବନ କାଳରେ ଯେତିକି ଅମ୍ଳଜାନ ସେବନ କରୁଛି ତାହା ବାବଦକୁ କିଛି ବୃକ୍ଷରୋପଣ କରି ପ୍ରକୃତିକୁ କୃତଜ୍ଞତା ଜ୍ଞାପନ କରିବା ଉଚିତ । ବୃକ୍ଷରୋପଣ କାର୍ଯ୍ୟରେ ଆଜିର ଯୁବପିଢିର ମୁଖ୍ୟ ଭୂମିକା ରହିବା ଉଚିତ ବୋଲି କହିଥିଲେ। ଡା. ଅସିତ ମାନସିଂ ଗଛ କାଟିବା ଦ୍ୱାରା ଗଛ ସଂଖ୍ୟା କମି ବାୟୁ ପ୍ରଦୂଷିତ ହୋଉଛି ଏବଂ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଯାଉଛି, ତେଣୁ ସୁସ୍ଥ ଜୀବନ ନିମନ୍ତେ ବୃକ୍ଷରୋପଣ ଏକ ମୂଳ କାର୍ଯ୍ୟ ହେଉ ବୋଲି ସମସ୍ତଙ୍କୁ ଅନୁରୋଧ କରିଥିଲେ। ଜଙ୍ଗଲ ଜୀବିକା ଏବଂ ଜୀବନ ପରସ୍ପର ଭାବରେ ଜଡିତ ବୋଲି ପ୍ରଦୀପ କୁମାର ପାଣିଗ୍ରାହୀ କହିଥିଲେ। ତତ ପରେ ଚାଷୀ ଭାଇ ଭଉଣୀମାନେ ବୃକ୍ଷରୋପଣ, ଜଙ୍ଗଲ ସୁରକ୍ଷାରେ ତଥା ଠେଙ୍ଗାପାଳି ଭଳି ସାମାଜିକ ଭୂମିକା ତଥା ରାତିରେ ଜଗି ଜଙ୍ଗଲ ପୋଡ଼ିକୁ ରୋକିବା ଭଳି ଅନୁଭୂତି ବାଂଟିଥିଲେ। ସେହିଭଳି ଅନେକ ଗ୍ରାମବାସୀ ଫଳ ବୃକ୍ଷରୋପଣ କଲେ ତାହା କିଭଳି ଜୀବନ ଜୀବିକାରେ ସହାୟକ ହୋଇପାରିବ ତାହା ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନର ବରିଷ୍ଠ ବୈଜ୍ଞାନିକ ଡା. କାର୍ତିକ ଚରଣ ଲେଙ୍କା ବୃକ୍ଷରୋପଣରେ ନିଜର ଅନୁଭୂତି ବାଣ୍ଟିଥିଲେ। ତତ ସହିତ ବିଭିନ୍ନ ପଡିଆ ଭୂମି, ଶ୍ମଶାନ, ରାସ୍ତା କଡ଼ରେ ବନ ବିଭାଗ, ଓଡ଼ିଶା ଜୈବ ବିବିଧତା ବୋର୍ଡ ଏବଂ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଚଳିତ ବର୍ଷ ବନ ମହୋତ୍ସବ କାର୍ଯ୍ୟକ୍ରମ ମାଧ୍ୟମରେ ଅଧିକ ସଂଖ୍ୟାରେ ବୃକ୍ଷରୋପଣ କରାଯାଇଛି ବୋଲି କହିବା ସହିତ ଏହାର ଯତ୍ନ ନେବା ନିମନ୍ତେ ସମ୍ପୃକ୍ତ ଗୋଷ୍ଠୀକୁ ଅନୁରୋଧ କରିଥିଲେ ଏବଂ ପରିଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ। ଏହା ବ୍ୟତୀତ, ସମସ୍ତ ଅଂଶଗ୍ରହଣକାରୀଙ୍କୁ ଡାଲଚିନି ଗଛ ବଣ୍ଟନ କରାଯିବା ସହ ଅନୁଷ୍ଠାନ ପରିସରରେ ଅତିଥି ମାନଙ୍କ ଦ୍ୱାରା କିଛି ବୃକ୍ଷରୋପଣ କରାଯାଇଥିଲା।

## ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ୪୬ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ

ପୁରୀ, ୦୮/୦୭ (ନି.ପ୍ର): ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀବିହାର, ପୁରୀର ୪୬ତମ ପ୍ରତିଷ୍ଠା ଦିବସ ଆଜି ବିଶ୍ୱବିଦ୍ୟାଳୟ ସଭାଗୃହରେ ମହାସମାରୋହରେ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ଓଡ଼ିଶାର ମହାମହିମ ରାଜ୍ୟପାଳ ଡ. ହରିବାବୁ କମ୍ଭମପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷାର ବିଶ୍ୱବ୍ୟାପୀ ଗୁରୁତ୍ୱ, ଭାରତୀୟ ଜ୍ଞାନପରମ୍ପରାରେ ଏହାର ଅବଦାନ ଓ ସଂସ୍କୃତକୁ ସମସ୍ତ ଭାଷାର ଜନନୀ ବୋଲି କହି ଉଦବୋଧନ ଦେଇଥିଲେ। ସେ ରାମାୟଣ ଓ ମହାଭାରତରେ ବର୍ଣ୍ଣିତ ବ୍ରହ୍ମାସ୍ତ୍ର, ପୁଷ୍ପକ ବିମାନ ଭଳି ବିଭିନ୍ନ ବୈଜ୍ଞାନିକ ଓ ରହସ୍ୟମୟ ଧାରଣା ସଂସ୍କୃତ ସାହିତ୍ୟରେ ନିହିତ ରହିଥିବା ବିଷୟରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ବିଶ୍ୱବିଦ୍ୟାଳୟର ଗୌରବମୟ ପରମ୍ପରା, ଶିକ୍ଷା, ଗବେଷଣା ଓ ସଂସ୍କୃତ ଭାଷାର ପ୍ରସାରରେ ଏହାର ଅବଦାନ ସମ୍ପର୍କରେ ଉପସ୍ଥାପନା କରିଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ଶ୍ରୀମତୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ମଂଚରେ ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ପୂର୍ବତନ କାର୍ଯ୍ୟବାହୀ କୁଳପତି ପ୍ରଫେସର ଦତାତ୍ରେୟ ମୂର୍ତି ଏବଂ ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଉପସ୍ଥିତ ରହି ନିଜ ମତାମତ ପ୍ରକାଶ କରିଥିଲେ। ଏହି ଅବସରରେ ସର୍ବଦର୍ଶନ ବିଭାଗର ଅବସରପ୍ରାପ୍ତ ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅବସରପ୍ରାପ୍ତ ଅଣଶିକ୍ଷକ କର୍ମଚାରୀ ଶ୍ରୀ ହରିହର ପ୍ରଧାନ, ଶ୍ରୀମତୀ ଶୋଭାବତୀ ମାନସିଂହ, ଶ୍ରୀମତୀ ସୁବର୍ଣ୍ଣା ମାରାଣ୍ଡି, ଶ୍ରୀ ସୁରେନ୍ଦ୍ର ବିଶୋଇ ଏବଂ ଶ୍ରୀ ଜଗନ୍ନାଥ ପାତ୍ରଙ୍କୁ କୁଳାଧିପତି ସମ୍ମାନିତ କରିଥିଲେ। କୁଳାଧିପତିଙ୍କ କରକମଳରେ ବିଶ୍ୱବିଦ୍ୟାଳୟର ମୁଖପତ୍ର 'ଶ୍ରୀବିହାରଭାରତୀ' ଏବଂ ଗବେଷଣା ପତ୍ରିକା 'ଜଗନ୍ନାଥଜ୍ୟୋତିଃ' ଉନ୍ମୋଚିତ ହୋଇଥିଲା।ଏହି ଅବସରରେ ବିଭିନ୍ନ ବିଭାଗର ମେଧାବୀ ଛାତ୍ରଛାତ୍ରୀଙ୍କୁ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମେଧାବୀ ଛାତ୍ରବୃତି ପ୍ରଦାନ କରାଯାଇଥିଲା। ଜ୍ୟୋତିର୍ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀଙ୍କୁ ପ୍ରଦୀପ କୁମାର ଦାସ ଓ ପ୍ରେମାମଞ୍ଜରୀ ଦେବୀ ଛାତ୍ରବୃତି ଏବଂ ନୀଳକଣ୍ଠ ଉଦଗାତା ଛାତ୍ରବୃତି ପ୍ରଦାନ କରାଯାଇଥିଲା। ଚଳିତବର୍ଷ ବିଶ୍ୱବିଦ୍ୟାଳୟ ପକ୍ଷରୁ ପରିଚାଳିତ ଶାସ୍ତ୍ରୀ (+୩) ପରୀକ୍ଷାରେ ସର୍ବାଧିକ ନମ୍ବର ହାସଲ କରିଥିବା ରାମଚଣ୍ଡୀ ସଂସ୍କୃତ ମହାବିଦ୍ୟାଳୟର ବ୍ୟାକରଣ ବିଭାଗର ଛାତ୍ରୀ ସୁଶ୍ରୀ ମୋନାଲି ଆଚାର୍ଯ୍ୟଙ୍କୁ 'ବଂଶୀଧର ଓ ବସନ୍ତମଞ୍ଜରୀ ସମ୍ମାନ' ପ୍ରଦାନ କରାଯାଇଥିଲା। ତତ୍ସହିତ ଶିକ୍ଷାଶାସ୍ତ୍ର ବିଭାଗର ମେଧାବୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଛାତ୍ରବୃତି ପ୍ରଦାନ କରାଯାଇଥିଲା।ଜାତୀୟ ସେବା ଯୋଜନା (ଏନ୍.ଏସ୍.ଏସ୍.) ପକ୍ଷରୁ ଶ୍ରୀ ଅନିଲ କୁମାର ମହାନ୍ତି ଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବକ ଏବଂ ଶ୍ରୀମତୀ ସୁଜାତା ଦାସଙ୍କୁ ଶ୍ରେଷ୍ଠ ଜାତୀୟ ସେବା ଯୋଜନା ଅଧିକାରୀ ଭାବେ ସମ୍ମାନିତ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ଡ. ରାଧାକାନ୍ତ ପଣ୍ଡା ଏବଂ ଡ. ନିବେଦିତା କର ସଂଯୋଜନା କରିଥିବା ବେଳେ ବିଶ୍ୱବିଦ୍ୟାଳୟର ମିଡିଆ ସେଲ୍ର ଡ. ସସ୍ମିତା ବନ୍ଦର ନାୟକ, ଡ. ସୁଶାନ୍ତ ଶତପଥୀଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

## ଜିଲ୍ଲା କାର୍ଯ୍ୟାଳୟ ଆଗରେ ବାସଚ୍ୟୁତ ପରିବାରର ଧାରଣା

କେନ୍ଦ୍ରାପଡ଼ା, ୦୮/୦୭ (ନି.ପ୍ର):କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଗ୍ରାମାଂଚଳ ଥାନା ଅନ୍ତର୍ଗତ ସୁଜନପୁର ଗ୍ରାମରେ ୭୦ ବର୍ଷ ବୟସ୍କ ଅରୁଣ ମଲ୍ଲିକଙ୍କ ବାସଗୃହକୁ ବଳପୂର୍ବକ ବାସଚ୍ୟୁତ କରିଥିବା ପ୍ରତିବାଦରେ ନ୍ୟାୟ ଦାବି ପାଇଁ ଜିଲ୍ଲା କାର୍ଯ୍ୟାଳୟ ଆଗରେ ପରିବାର ଲୋକ ଧାରଣାରେ ବସି ରହିଛନ୍ତି। ଗତ ଏପ୍ରିଲ୍ ୭ ତାରିଖ ପରିବାର ଲୋକ ଘରେ ଶୋଇଥିବାବେଳେ କିଛି ଅସାମାଜିକ ବ୍ୟକ୍ତି ଘର ଭିତରେ ପ୍ରବେଶ କରି ପରିବାର ଲୋକଙ୍କୁ ମାଡ଼ମାରି ଘରର ସମସ୍ତ ଆସବାବପତ୍ର ଫୋଫାଡ଼ି ଦେବାସହ ଏମାନଙ୍କୁ ଗ୍ରାମରେ ତଡ଼ି ଦେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଥାନା ଅଧିକାରୀ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁକରି ହାତବାନ୍ଧି ବସିଛନ୍ତି। ପାଲଟା ଏହି ପରିବାର ଲୋକଙ୍କ ନାମରେ ଚୋରୀ କେଶ୍ରେ ମିଥ୍ୟା ମାମଲା ରୁଜୁ କରାଇଛି।

## କରିଲୋପାଟଣାରେ ଗଦାଗଦା ଚୋରାବାଲି

କେନ୍ଦ୍ରାପଡ଼ା, ୦୮/୦୭ (ନି.ପ୍ର): କେନ୍ଦ୍ରାପଡ଼ା ଚୋରା ବାଲିର ପେଣ୍ଠସ୍ଥଳ ପାଲଟିଛି କରିଲୋପାଟଣା ! ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କରିଲୋପାଟଣା ଗ୍ରାମରେ ବାଲିମାଫିଆଙ୍କ ଉତ୍ପାତ ଚରମସୀମାରେ ପହଂଚିଛି ! ମାଫିଆମାନେ ଲୁଣାକାରାଣ୍ଡିଆ ନଦୀ ପଠାରୁ ପ୍ରତିଦିନ ବେଆଇନ ଭାବେ ଟ୍ରାକ୍ଟର ସାହାଯ୍ୟରେ ସହସହ ଟ୍ରିପ ବାଲି ଚୋରି କରି ମାଲେମାଲ ହେଉଥିବାବେଳେ କରିଲୋପାଟଣା ରାଜସ୍ୱ ନିରୀକ୍ଷକ ନିରବଦ୍ରଷ୍ଟା ସାଜିଛନ୍ତି ! ଏପରିକି ଗଦାଗଦା ହୋଇ ଚୋରା ବାଲି ଜୟୀରାମ ଉଚ୍ଚବିଦ୍ୟାଳୟ ଖେଳ ପଡ଼ିଆ ସମେତ ଗ୍ରାମର ରାସ୍ତା କଡ଼ରେ ପଡ଼ିରହିଛି ! ଚୋରାବାଲି ଚାଲାଣକୁ ନେଇ କରିଲୋପାଟଣା ଗ୍ରାମର ସାଧାରଣ ଜନତା ପ୍ରତିବାଦ କରିବାରୁ ମାଫିଆମାନେ ମରଣାସ୍ତ୍ର ଦେଖାଇ ଭୟଭୀତ କରୁଥିବା ସଂଗୀନ ଅଭିଯୋଗ କୁଦାନଗରୀ ଥାନା ହୋଇଛି ! ତେବେ ବାରମ୍ବାର ଅଭିଯୋଗ ପରେ କାହିଁକି ବାଲିମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ! ତେବେ ଏହି ଘଟଣା ପଛରେ ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜା ଓ ଥାନା ଅଧିକାରୀ ଜଗନ୍ନାଥ ପାଣିଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ କରିଛନ୍ତି ବିଜେପି ନେତା ଉମାକାନ୍ତ ପଟ୍ଟନାୟକ ଓ ଆଇନିଜୀବି ସୁଧାକର ତ୍ରିପାଠୀ ଓ ପରିବେଶବିତ ମମତା ମହାନ୍ତି ! ଅନ୍ୟ ପକ୍ଷରେ କରିଲୋପାଟଣା ଗ୍ରାମ ସମେତ ଜଳପକ ତଳଗାଁ ବାଲିସାହି ଗୌଡ଼ଗାଁ ରଙ୍କାଳ କାରାଣ୍ଡିଆପାଟଣା ବାହାକାଣ୍ଡିଆ ଗୋଧନ ପିକରାଳି ପରକୁଳା ଆଦି ଗ୍ରାମରେ ସହସହ ଟ୍ରିପ ବାଲି ଗଦାହୋଇ ରହିଛି ! ତେବେ ଏହି ଚୋରାବାଲି କିଏ ରଖିଛି କାହା ନିର୍ଦ୍ଦେଶରେ ରହିଛି ବୋଲି ପ୍ରଶ୍ନ କରିଛନ୍ତି ସ୍ଥାନୀୟ ଲୋକେ ! ବର୍ତମାନ ଲଗାଣ ବର୍ଷା ଓ ନଦୀରେ ବନ୍ୟା ଆସିବାର ସମ୍ଭାବନା ଥିବାବେଳେ ମାଫିଆମାନେ ଦିନରାତ୍ର ବେଆଇନ ଭାବେ ବାଲି ଚୋରି କରିବାରେ ସଫଳ ହେଉଛନ୍ତି ! ତେବେ ଏସମ୍ପର୍କରେ କେନ୍ଦ୍ରାପଡ଼ା ଖଣି ଅଧିକାରୀ ଦିନେଶ ମହାପାତ୍ର କୁହନ୍ତି ବାଲି ମାଫିଆଙ୍କ ପାଖରେ ନିଜକୁ ଅସହାୟ ମଣୁଛନ୍ତି ! ତାଙ୍କ ପାଖରେ କର୍ମଚାରୀ କମଥିବା ଓ ସ୍ଥାନୀୟ ତହସିଲଦାର ଓ ଥାନା ଅଧିକାରୀମାନେ ସମ୍ପୂର୍ଣ୍ଣ ସହଯୋଗ କରୁନାହାନ୍ତି ଯାହାପାଇଁ ବାଲି ମାଫିଆଙ୍କ ରାଜ ଚାଲିଛି !

## ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ବୈଠକ: ୫ଟି ପ୍ରକଳ୍ପକୁ ମିଳିଲା ମଞ୍ଜୁରି

ଝାରସୁଗୁଡ଼ା, ୦୮/୦୭ (ନି.ପ୍ର): ଜିଲ୍ଲାପାଳ କୁଣାଳ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆଜି ଜିଲ୍ଲା ସ୍ତରୀୟ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା' ର କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାର କୃଷି ଏବଂ ଏହାର ଆନୁଷଙ୍ଗିକ କ୍ଷେତ୍ରର ପ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ଅବସରରେ କୃଷି ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆଗତ ହୋଇଥିବା ମୋଟ ୫ଟି ନୂତନ ପ୍ରକଳ୍ପ ଉପରେ ବିଚାର ବିମର୍ଶ କରାଯିବା ସହ ଜିଲ୍ଲାପାଳଙ୍କ ଦ୍ୱାରା ଏଗୁଡ଼ିକୁ କ୍ଷେତ୍ରସ୍ତରୀୟ କାର୍ଯ୍ୟକାରିତା ପାଇଁ ଅନୁମୋଦନ ପ୍ରଦାନ କରାଯାଇଛି। ଏହି ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦଙ୍କ ସମେତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ଡିଷ୍ଟ୍ରିକ୍ଟ ମ୍ୟାନେଜର, ଏପିକଲର ଜିଲ୍ଲା ପରିଚାଳକ, ଲିଡ୍ ବ୍ୟାଙ୍କ ମ୍ୟାନେଜର, ଏସଡିଭିଓ ବିଭିନ୍ନ ଯୋଜନା ଅଧିକାରୀ ଏବଂ ଏପିକଲ୍ର ଡିସି ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ବ୍ୟାଙ୍କଗୁଡ଼ିକରେ ଦୀର୍ଘ ଦିନ ହେବ ପଡ଼ି ରହିଥିବା ୧୩ଟି ଋଣ ସମ୍ବନ୍ଧୀୟ ମାମଲାର ଶୀଘ୍ର ସମାଧାନ କରି ତୁରନ୍ତ ସରକାରୀ ସହାୟତା ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହିତ ଏହିସବୁ ପ୍ରକଳ୍ପର ଅପଡେଟେଡ୍ ସ୍ଥିତିକୁ ସରକାରଙ୍କ 'ଗୋ-ସୁଗମ' ପୋର୍ଟାଲ୍ରେ ନିୟମିତ ଭାବେ ଅପଲୋଡ୍ କରିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ କୁହାଯାଇଛି। ଶେଷରେ, ଝାରସୁଗୁଡ଼ା ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ଜିଲ୍ଲାର ଚାଷୀମାନଙ୍କର ସାମଗ୍ରିକ ବିକାଶ ଏବଂ ଆର୍ଥିକ ଅଭିବୃଦ୍ଧି ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ । କୃଷି, ଗୋ-ପାଳନ, ଉଦ୍ୟାନ କୃଷି ଏବଂ ଶିଳ୍ପ ଭଳି ବିଭିନ୍ନ ବିଭାଗ ସମନ୍ୱୟ ରଖି କାର୍ଯ୍ୟ କରିବା ସହ ସମସ୍ତ ସରକାରୀ ପ୍ରକଳ୍ପ ଯେପରି ସଠିକ୍ ସମୟରେ ହିତାଧିକାରୀଙ୍କ ପାଖରେ ପହଂଚିପାରିବ, ସେଥିପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ସାଇବର ସୁରକ୍ଷା ଉପରେ ଶିଶୁ ଓ ଅଭିଭାବକମାନଙ୍କ ସଚେତନତା ଶିବିର

ବଲାଙ୍ଗୀର, ୦୮/୦୭ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ପୁଇନ୍ତଲା ବ୍ଲକ୍ର ରାମଜୀ ଉଚ୍ଚ ବିଦ୍ୟାଳୟ କୁରୁଲ ଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ବଲାଙ୍ଗୀର ତରଫରୁ ଏକ ସାଇବର ସୁରକ୍ଷା ଉପରେ ଶିଶୁ ଓ ଅଭିଭାବକମାନଙ୍କ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆନନ୍ଦ କୁମାର ସାହୁ ପ୍ରଧାନ ଶିକ୍ଷକଙ୍କ ଅଧ୍ୟକ୍ଷତାରେ ସଚେତନତା ସଭା ଆରମ୍ଭ କରାଗଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ର ସାମାଜିକ କର୍ମୀ ଅରୁଣ ଖୁଆସ କହିଲେ ସାଇବର ସୁରକ୍ଷା ପାଇଁ ରଖିବା, ଅନ୍ୟାନ୍ୟ ଅଜଣା ଲିଙ୍କକୁ କ୍ଲିକ୍ ନକରିବା, ସାଇବର୍ ବୁଲିଂ ଅର୍ଥାତ୍ ଭୟଭୀତ କରୁଥିବା ବିଷୟ ଜଣାଇବା ଏବଂ ସରକାରୀ ସହାୟତା ନମ୍ବର ୧୯୩୦କୁ ତୁରନ୍ତ ଜଣାଇବା ପାଇଁ ବୁଝାଇ କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଶିକ୍ଷକ ଦିଗମ୍ବର ନାୟକ ଶିଶୁମାନେ ଶିକ୍ଷା ପ୍ରତି ଆଗ୍ରହ ହୋଇ ବୈଷୟିକ, ସେଲ୍ଫ ଫାଇନାନ୍ସ, ପିପିପି ମୋଡ, ବୃତିଭିତିକ ଶିକ୍ଷାରେ ନିଯୁକ୍ତି ସୁଯୋଗ ଥିବାରୁ ଅନୁସରଣ କରିବାକୁ ପ୍ରବର୍ତେଥିଲେ। ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତୀ ଯେକୌଣସି ଅନଲାଇନ ତଥା ଫେସବୁକ୍, ଇନଷ୍ଟାଗ୍ରାମ, ୱାଟସେପ୍, ୟୁଟ୍ୟୁବ ଭିଡିଓ, ମେସେଜର ଭଲ ଦିଗଗୁଡ଼ିକୁ ଅନୁସରଣ କରି ଭୁଲ ଦିଗକୁ ବ୍ୟବହାର ନକରିବା ପାଇଁ ପରାମର୍ଶ ଦେଇଥିଲେ।

## ଧାରାବାହିକ:

ଭାଗ-୪୯

# ସଂକ୍ଷିପ୍ତ ଭାଗବତ କଥାମୃତ

### ଏକାଦଶ ସ୍କନ୍ଧ



ଡ. ଶ୍ରୀହରି ପଣ୍ଡା



ତୁମର ରୂପ, ଗୁଣକୁ ଧ୍ୟାନ, କୀର୍ତ୍ତନ କରି ପ୍ରାଣୀ ଭବ ଜଳଧି ଅକ୍ଳେଶରେ ପାର ହୋଇଯାଏ । ବର୍ଣ୍ଣ ଶ୍ରେଷ୍ଠ ବ୍ରାହ୍ମଣ ବେଦ ମତରେ ଧ୍ୟାନ କରି ତୁମକୁ ପାଉ ନଥିବା ବେଳେ ନୀଚ କୁଳରେ ଜନ୍ମିତ ପ୍ରାଣୀ ପ୍ରୀତି ପୂର୍ଣ୍ଣ ଭକ୍ତି ପୋତରେ ବସି ଆନନ୍ଦରେ ଭବ-ସାଗର ପାର ହୋଇଯାଏ । ହେ ପ୍ରଭୁ ଭକ୍ତମାନେ ପରମ ଶ୍ରଦ୍ଧାରେ ତୁମର ବକ୍ଷ ଦେଶରେ ବନ ପୁଷ୍ପମାଳା ଲମ୍ବାଇ ଦିଅନ୍ତି । ସପତଣୀ ପ୍ରାୟ ମନେକରି ମାତା ଲକ୍ଷ୍ମୀ ପ୍ରଥମେ ଅସହ୍ୟ ହୋଇ ପଡୁଥିଲେ ହେଁ ପରେ ତୁମ ମୁଖପଦ୍ମକୁ ଦର୍ଶନ କରି ମନରୁ ସପତ୍ନୀଭାବ ଦୂରକରି ତୁମ ଚରଣ ପୂଜା କରନ୍ତି । ତୁମର ତ୍ରିବିକ୍ରମ ରୂପ ଆମ୍ଭେମାନେ ଦର୍ଶନ କରିଛୁ । କିପରି ନାଭିକମଳରୁ ବହିର୍ଗତ ଚରଣ ଉର୍ଦ୍ଧ୍ୱକୁ ଗମନ କରି ବିଶ୍ୱବ୍ରହ୍ମାଣ୍ଡ ସ୍ପର୍ଶ କଲା । ସେହି ଚରଣରୁ ଗଙ୍ଗା ନଦୀ ବହିଗଲେ ଏବଂ ଅସୁରଙ୍କ ଦର୍ପଚୂର୍ଣ୍ଣ ହେଲା । ପ୍ରାଣୀ ତୁମର ସମ୍ପୂର୍ଣ୍ଣ ଆୟତ୍ତରେ ଥାଇ ମଧ୍ୟ ଅନୀତି ଆଚରଣ କରି ଦଣ୍ଡପାଏ । ତୁମେ ହି କାଳରୂପୀ ପୁରାଣ ପୁରୁଷ । ସମସ୍ତଙ୍କର ଦୀକ୍ଷାଗୁରୁ, ସୃଷ୍ଟି ଚକ୍ରର ନିୟନ୍ତା । ଏହି ସପ୍ତ ଆବରଣ ସଂବଳିତ ସୃଷ୍ଟିକୁ ତୁମେ ସର୍ଜନା କରିବା ସହ ମାୟାରେ ତ୍ରିଗୁଣକୁ ସୃଷ୍ଟିକର । ଜୀବ ରୂପ ଧରି ବିଷୟକୁ ଭୋଗ କର ପୁଣି ବିଚିତ୍ର ଅଜ୍ଞେୟ ପଦ୍ଧତିରେ ନିଜେ ନିର୍ଲିପ୍ତ, ନିର୍ଗୁଣ ନିର୍ବିକାର ଭାବେ ରହିଯାଅ । ତୁମେ କେଉଁଥିରେ ଚ୍ୟୁତ ନହୋଇ କେଉଁଥିରେ ମଧ୍ୟ ଯୁକ୍ତ ନଥିବାରୁ ତୁମେ ହିଁ ଅଚ୍ୟୁତ । ଷୋଳସହସ୍ର ପତ୍ନୀଙ୍କ ମଧ୍ୟରୁ କେହି ତୁମର ମନକୁ ବଶ କରି ପାରିନାହାନ୍ତି ଅଥଚ ସମସ୍ତେ ଭାବନ୍ତି ଯେ ତୁମେ ତାଙ୍କର ଏକାନ୍ତ ବଶୀଭୂତ । ହେ ପ୍ରଭୁ ତୁମର ଗୁଣ କିଏ ବର୍ଣ୍ଣନା କରିବାକୁ ସକ୍ଷମ । ତୁମର ଅମୃତମୟୀ ଗାଥା ଅନବରତ ବହୁଛି ଏବଂ ତୁମ ପାଦପଦ୍ମରୁ ପତିତପାବନୀ ଗଙ୍ଗା ଆଭିର୍ଭୂତ । ଏଥିରେ ସ୍ନାନକଲେ ତୁମର ମାୟା ପ୍ରାଣୀକୁ କବଳିତ କରେନାହିଁ । ଏହିଭଳି ଭାବେ ଦେବତାଗଣ ସ୍ତୁତି କରିବା ପରେ ବ୍ରହ୍ମା ହାତ ଯୋଡି କହିଲେ ହେ ପ୍ରଭୁ ଯେଉଁ କାମ ନିମନ୍ତେ ଅବତାର ଗ୍ରହଣ କରିଥିଲ ସେ କାମ ଶେଷ ହୋଇଛି ଏଣୁ ଏଠାରେ ରହିବା ନିଷ୍ପ୍ରୟୋଜନ । ଆମ୍ଭେ ଦେବତାମାନେ ତୁମ ଆଶ୍ରିତ । ତୁମର ବିଚ୍ଛେଦ ସହି ହେଉନାହିଁ, ଏଣୁ ଶ୍ରୀଚରଣରେ ନିବେଦନ ଏଥର ନିତ୍ୟଧାମକୁ ପ୍ରତ୍ୟାବର୍ତ୍ତନ କର । ଶ୍ରୀକୃଷ୍ଣ ଦରସ୍ମିତ ବଦନରେ କହିଲେ, ହେ ଦେବବର ସଂସାରରେ ମୋର କାର୍ଯ୍ୟ ଶେଷ ହୋଇଆସିଲାଣି । ତେବେ ଅବନୀର ଭାର ସମ୍ପୂର୍ଣ୍ଣ ନିବାରଣ ହୋଇନାହିଁ । ମୋର ଯେଉଁ ବିରାଟ ଯଦୁବଂଶ ଅଛି ତାହା ଦିନେ ବାହୁବଳରେ ବିଶ୍ୱକୁ ଆଚ୍ଛାଦନ କରିବ,ଏଣୁ ମୁଁ କୌଶଳରେ ତାହାର ବିନାଶ କରି ପ୍ରତ୍ୟାବର୍ତ୍ତନ କରିବି । ଦେବଗଣ ଏହା ଶୁଣି ଭଗବାନଙ୍କ ଚରଣ ବନ୍ଦନା କରି ସ୍ୱ-ପୁରକୁ ଫେରିଗଲେ । ଭଗବାନ ନିଜ ବଂଶକୁ ନାଶ କରିବା ଚିନ୍ତା କରିବା ପରେ ଦ୍ୱାରକାରେ ନାନା ଅଶୁଭ ସଂକେତ ଦେଖାଦେଲା । ଭୂମି ଓ ଆକାଶ ପାଣ୍ଡୁର ବର୍ଣ୍ଣ ଧାରଣ କଲା । ଭଗବାନ ନିଜେ ଭୀତ ଚକିତ ହେବାର ଅଭିନୟ କରି ପଣ୍ଡିତମାନଙ୍କୁ ଡାକି କାରଣ ପଚାରିବାରୁ ସେମାନେ ନିକଟରେ ବିପଦ ଆସୁଛି ବୋଲି ଜଣାଇଲେ । ଭଗବାନ କହିଲେ ଆଗରୁ ତ ଯଦୁବଂଶ ଉପରେ ବ୍ରହ୍ମଶାପ ଅଛି । ଏଣୁ ଏଠାରେ ଆଉ ବାସ ନକରି ପ୍ରଭାସ କ୍ଷେତ୍ରକୁ ଚାଲିଯିବା । ପୁର୍ବେ ଚନ୍ଦ୍ର ରାଜଯକ୍ଷ୍ମା ରୋଗରେ ପୀଡିତ ହୋଇ ଏଠାରେ ସ୍ନାନ କରି ବ୍ୟାଧିମୁକ୍ତ ହୋଇଥିଲେ । ତେଣୁ ଆମ୍ଭେମାନେ ସେଠାରେ ସ୍ନାନକରି ପିତୃପୁରୁଷଙ୍କୁ ପିଣ୍ଡ ଦେବା । ବ୍ରାହ୍ମଣମାନଙ୍କୁ ଦାନଦେଇ ବ୍ରହ୍ମଶାପ ଖଣ୍ଡନର ଉପାୟ କରିବା । ଶ୍ରୀକୃଷ୍ଣଙ୍କ ପରାମର୍ଶ ଅନୁସାରେ ସମସ୍ତ ଦ୍ୱାରକାବାସୀ ରଥ, ଗଜ, ବାଜି, ଅସ୍ତ୍ରଶସ୍ତ୍ର ଧରି ପ୍ରଭାସ କ୍ଷେତ୍ରକୁ ଯାତ୍ରାକଲେ । ପରମ ଜ୍ଞାନୀ ଉଦ୍ଧବ ଏହାକୁ ବିଷ୍ଣୁମାୟା ଜାଣି ଅତ୍ୟନ୍ତ ଦୁଃଖୀ ହେଲେ । ସେ ଜାଣିନେଲେ ଯେ ଭଗବାନ ନିଜ ବଂଶକୁ ନାଶ କରି ରାମଙ୍କ ସହ ନିତ୍ୟଧାମକୁ ପ୍ରତ୍ୟାବର୍ତ୍ତନ କରିବେ । ତେଣୁ ସେ ଭଗବାନଙ୍କ ଚରଣ ଧରି କାନ୍ଦିବାକୁ ଲାଗିଲେ । ସେ ଅତ୍ୟନ୍ତ ବିକଳ ହୋଇ କହିଲେ ପ୍ରଭୁ ନିଜ ଧାମକୁ ଫେରିବା ନିମନ୍ତେ ଆପଣ ଚାହିଁଲେଣି ଏଣୁ ବ୍ରହ୍ମଶାପକୁ ସଫଳ କରି ନିଜ ଧାମକୁ ଫେରିଯିବ । ମୁଁ ତୁମ ବିନା କେମିତି ବଞ୍ଚିବି ? ମୋତେ ମଧ୍ୟ ସାଥିରେ ନେଇଯାଅ । ତୁମର ବିଚ୍ଛେଦ ମୁଁ ସହି ପାରିବିନି ।

### ୭ମ ଅଧ୍ୟାୟ, ଅବଧୂତ ଉପାଖ୍ୟାନ, ପୃଥିବୀଠାରୁ ଆରମ୍ଭ କରି କପୋତ ପର୍ଯ୍ୟନ୍ତ ଆଠଗୁରୁଙ୍କ କଥା

ନିମିରାଜା ପୁନର୍ବାର କହିଲେ, ହେ ବ୍ରହ୍ମନ, ଏ ସଂସାରରେ ଅନେକ ଲୋକ ଏପରି ଅଛନ୍ତି ଯେଉଁମାନେ କି ଚିରକାଳ ଅଜ୍ଞାନ ଅନ୍ଧକାରରେ ରହି କାମ, ଲୋଭ, ମୋହ ପରବେଶ ହୋଇ ପାପପୁଣ୍ୟକୁ ମାନନ୍ତି ନାହିଁ, କଟୁକଥା କହି ଲୋକଙ୍କ ମନରେ ଦୁଃଖ ଦିଅନ୍ତି ସେମାନେ ଅନ୍ତକାଳରେ ଅଧୋଗତି ପ୍ରାପ୍ତ ହୁଅନ୍ତି । ନବଋଷିଙ୍କ ମଧ୍ୟରୁ ତମସ କହିଲେ, ଈଶ୍ୱରଙ୍କ ମାୟାକୁ କେବଳ ଜ୍ଞାନ, ବୁଦ୍ଧି ଓ ବିବେକ ରୂପୀ ଅସ୍ତ୍ର ଦ୍ୱାରା ଛେଦନ କରାଯାଇପାରେ । ଏହା ହିଁ କର୍ମ । କର୍ମ ଭେଦରେ ତ୍ରିଗୁଣ ମଧ୍ୟରୁ ଚତୁଃବର୍ଣ୍ଣ ସୃଷ୍ଟି ହୋଇଛନ୍ତି । ସଂସାରର ସ୍ୱାମୀ ଏକ ଓ ଅଦ୍ୱିତୀୟ ବିଷ୍ଣୁ । ତାଙ୍କୁ ଯେ ଭୁଲିଯାଇ ଲୋଭରେ ଅନ୍ୟ ଇତର ଆରାଧନା କରେ ସେ ପତିତ ପାମର ଘୋର ଅନ୍ଧ ତାମିସ୍ର ମଧ୍ୟରେ ଆତଯାତ ହୁଏ । ମ୍ଳେଚ୍ଛ, ପତିତ ଓ ଦୁରାଚାର ହୋଇ ଘୋର ପାପଚରଣ କରେ । ଏହି ଅଧଃପତିତ ସ୍ତ୍ରୀ ଶୂଦ୍ରାଦି ସାଧୁମାନଙ୍କର ଦର୍ଶନ ଲାଭ କରି କଳୁଷ ପଙ୍କରୁ ଉଦ୍ଧାର ପାଆନ୍ତି । ସ୍ୱଭାବତଃ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଏହି ତିନି ବର୍ଣ୍ଣ କୁଳଧର୍ମ ପାଳନ କରି ମୁକ୍ତିଲାଭ କରୁଥିବାରୁ ଧନ୍ୟ । ମାତ୍ର ଅହଂକାରୀ ହେଲେ ଅଧୋଗତି ପ୍ରାପ୍ତ ହୁଅନ୍ତି । ବ୍ରାହ୍ମଣ ବେଦର ଅଧିକାରୀ ହେତୁ କୁଳ, ସମ୍ପଦ ଓ ପଦମର୍ଯ୍ୟାଦା ଲାଭକରି ଅହଂକାରୀ ହେଲେ ବେଦ ତାହା ପକ୍ଷରେ ଜ୍ଞାନ ପରିବର୍ତ୍ତେ ଭାର ସ୍ୱରୂପ ହୋଇଥାଏ । ଯେଉଁମାନେ ଲୋକମାନଙ୍କୁ ଧର୍ମ ଅଧର୍ମର କଥା କହି ସତ ଅସତ ମାର୍ଗ ଦର୍ଶାଇ ସଭାରେ ଶ୍ରୋତାଙ୍କୁ ମୋହିତ କରାନ୍ତି ମାତ୍ର ନିଜ ଜୀବନରେ ଇତର ଆଚରଣ କରି ସୁଖ ଆଶାରେ ଅସତ କର୍ମ କରନ୍ତି ସେମାନେ ମୃତ୍ୟୁ ଅନ୍ତେ ନର୍କଗତି ପାଇଥାନ୍ତି । ଏମାନେ ଅଳ୍ପରେ କ୍ରୋଧ କରିବା ସହ ଅସାଧୁ ସଙ୍ଗ କରନ୍ତି ଏବଂ ବିଷ୍ଣୁ ମହିମା ପ୍ରତି ବ୍ୟଙ୍ଗ କରନ୍ତି । ସର୍ବଦା ହୃଦୟରେ କାମ ଲାଳସା ପୋଷଣ କରିବା ସହ ଧନ ସଂଚୟରେ ଲିପ୍ତ ରହନ୍ତି । ଧନର ବୃଦ୍ଧି ସେମାନଙ୍କୁ ଉଦ୍ଧତ ଓ ଅସହିଷ୍ଣୁ କରିପକାଏ । ସେମାନେ ଯଜ୍ଞ ନାମରେ ଜୀବହିଂସା ସହ ଅବିଧି ଦାନ-ଦକ୍ଷିଣାର ଅବତାରଣା ଆଦି ନାନା କୁକର୍ମ କରନ୍ତି । ଐଶ୍ୱର୍ଯ୍ୟ ମଦରେ ଅନ୍ଧ ହୋଇ ସାଧୁ-ଅସାଧୁ, ଧର୍ମ-ଅଧର୍ମ, ବିଷ୍ଣୁ-ବୈଷ୍ଣବ ବିଚାର ନ କରି ଅର୍ଜିତ ଧନ ବଳରେ ମାଂସ, ମଦିରା, ମୈଥୁନାଦିରେ ବୁଡି ରହି ନର୍କଗତିକୁ ନିମନ୍ତ୍ରଣ କରେ । ଭଗବାନ ତାକୁ ବ୍ୟାଧି ଓ ବିପଦ ମାଧ୍ୟମରେ ଚେତାବନୀ ଦେଲେ ବି ସେ ମୋହଗ୍ରସ୍ତ କାରଣରୁ ତାହା ଜାଣି ପାରେ ନାହିଁ । ମୃତ୍ୟୁପରେ ସେ ବଧ କରିଥିବା ପଶୁ ନର୍କ ପଥରେ ତାକୁ ଅପେକ୍ଷା କରି ତାର ମାଂସକୁ ପୁଳା ପୁଳା ଝୁଣି ଖାଇଥାନ୍ତି । କେବଳ ଅସ୍ଥି ବିନା ତା ଦେହରେ କିଛି ରହେ ନାହିଁ । ସେ ଯନ୍ତ୍ରଣାରେ ବ୍ୟାକୁଳ ହେଲେ ବି ପ୍ରାଣ ଛାଡେ ନାହିଁ ବରଂ ସେ ସଂଜ୍ଞା ହୀନ ହୋଇପଡେ । ସୁତରାଂ ସକଳ ଘଟେ ନରହରି, ବସଇ ଆତ୍ମା ରୂପ ଧରି ବିଶ୍ୱାସକୁ ହୃଦୟରେ ଦୃଢ କରି ସମସ୍ତଙ୍କ ପ୍ରତି ଦୟାଭାବ ପ୍ରଦର୍ଶନ କରିବା ଉଚିତ । ଜୀବ ହତ୍ୟାକାରୀ ବିଷ୍ଣୁ ଦ୍ରୋହୀ କାରଣରୁ ତାର ସମସ୍ତ ସ୍ୱପ୍ନ ଦୈବୀମାୟାରେ ପଣ୍ଡ ହୁଏ । ସୁଖ ଆଶାରେ କରୁଥିବା କର୍ମମାନ ଶେଷରେ ଦୁଃଖ ଦେଇଯାଏ । ସେ ଯେତିକି ନିଷ୍ଠୁରତା ପ୍ରଦର୍ଶନ କରିଥାଏ ତାର ଶହେଗୁଣ ଯମଦୂତମାନେ ତାକୁ ଦେଇଥାନ୍ତି । ତେଣୁ ହେ ରାଜନ୍, ହରି ବିମୁଖ ପ୍ରାଣୀଙ୍କର ଏପରି ଅବସ୍ଥା ହୋଇଥାଏ । ରାଜା ପଚାରିଲେ, ହେ ବ୍ରହ୍ମନ, ଭଗବାନ କେଉଁ ଯୁଗରେ କେଉଁ ରୂପ ଓ ବର୍ଣ୍ଣ ଧାରଣ କରି ଜୀବ ଉଦ୍ଧାର କରନ୍ତି ତାହା ଦୟାକରି କୁହନ୍ତୁ । ମୁନିମାନଙ୍କ ମଧ୍ୟରୁ କରଭାଜନ କହିଲେ, ଭଗବାନ ସତ୍ୟ ଯୁଗରେ ଧର୍ମ ସ୍ୱରୂପ ଶୁକ୍ଳବର୍ଣ୍ଣ, ଶିରରେ ଜଟାଜୁଟ, ଦେହରେ ଉତ୍ତରୀୟ, କଣ୍ଠରେ ରୁଦ୍ରମାଳା, ବଳକଳ ପରିଧାନ, ତ୍ରିଦଣ୍ଡ କମଣ୍ଡଳୁଧାରୀ, ଆଜାନୁ ଲମ୍ବିତ ଚତୁର୍ଭୁଜ, ଶାନ୍ତ ସୌମ୍ୟମୂର୍ତ୍ତି ନାରାୟଣ ଆବିର୍ଭୂତ ହୋଇ ଦିବ୍ୟ ଜ୍ଞାନ ବିତରଣ କରନ୍ତି ଓ ଭକ୍ତଜନ ଅନୁରାଗ, ପୂଜାରାଧନା ଲାଭ କରି ସେମାନଙ୍କ ମୁକ୍ତିର କାରଣ ହୁଅନ୍ତି । ତ୍ରେତା ଯୁଗରେ ଭଗବାନ ଯଜ୍ଞମୂର୍ତ୍ତି ହୋଇ ଶୋଣିତ ବର୍ଣ୍ଣ ଚତୁର୍ଭୁଜ ରୂପ ଧାରଣ କରନ୍ତି । ଶିରରେ ସୁବର୍ଣ୍ଣ ବର୍ଣ୍ଣର କେଶ, କଟୀରେ ମେଖଳା ଓ ଉତ୍ତରୀୟ ଶୋଭାପାଏ । ତାଙ୍କ ହସ୍ତରେ ଶ୍ରୁବ ଓ ସ୍ରୁଚ ଧାରଣ କରିଥିବାରୁ ଦ୍ୱିଜମାନେ ସର୍ବ ବେଦ କଳେବର ରୂପରେ ପୂଜା କରିଥାନ୍ତି । ଦ୍ୱାପର ଯୁଗରେ ସେ ଶ୍ୟାମ ବର୍ଣ୍ଣ ଧାରଣ ସହ ପୀତ ଦୁକୁଳ ପରିଧାନ କରନ୍ତି । ବକ୍ଷରେ ଶ୍ରୀବତ୍ସ ଲାଞ୍ଛନ ଓ କୌସ୍ତୁଭ ମଣି ଶୋଭାପାଏ । ସମସ୍ତ ଶୁଭ ଲକ୍ଷଣରେ ଭୂଷିତ ହୋଇକୋଟି କନ୍ଦର୍ପ ଲାବଣ୍ୟ ଜିଣି ମୁନି ମନ ମୋହନ ରୂପ ମାଧୁରୀ ପ୍ରକାଶ କରନ୍ତି । ସର୍ବ ବିଭୂତି ସମ୍ପନ୍ନ ହୋଇ ରାଜରାଜେଶ୍ୱର ରୂପେ ପୂଜା ପାଆନ୍ତି । କଳି ଯୁଗରେ ଇନ୍ଦ୍ର ନୀଳମଣି କାନ୍ତିଯୁକ୍ତ ଶ୍ରୀକୃଷ୍ଣ ପ୍ରତିମା ରୂପେ ପୂଜା ପାଆନ୍ତି । ଅଙ୍ଗ ଶୁଦ୍ଧି ପୂର୍ବକ ଶ୍ରୀକୃଷ୍ଣଙ୍କର ସମସ୍ତ ରୂପଗୁଣ ତାଙ୍କରିଠାରେ ଧ୍ୟାନରେ ଆରୋପ କରାଯାଇ ପୂଜା କରାଯାଏ । ବିଧିବିଧାନରେ ପୂଜା କରାଯାଇ ସ୍ତୁତି ପାଠ କରାଯାଏ । ପ୍ରାଣୀଙ୍କର ଅଭୀଷ୍ଟ ପୁରଣକାରୀ କାମଧେନୁ ସ୍ୱରୂପ ହେ ମୁକୁନ୍ଦ, ତୁମ ପାଦ ତଳେ ମୁଁ ବନ୍ଦନା କରୁଛି । ହେ ଆର୍ତ୍ତିନିବାରଣ, ଶରଣରକ୍ଷଣ, ସର୍ବଶକ୍ତିମାନ ବିଶ୍ୱପାଳକ, ତୁମ ପବିତ୍ର ନାମ ଏ ଭବଜଳ ମଧ୍ୟରେ ନାବ ସଦୃଶ ଯାହାକୁ ଧରି ମର୍ତ୍ତ୍ୟରେ ପ୍ରାଣୀ ଉଦ୍ଧାର ପାଏ । ତୁମେ ପିତୃବଚନ ଶିରୋଧାର୍ଯ୍ୟ କରି ବନବାସୀ ହେଲ । ମାୟାମୃଗ ପଛରେ ଧାଇଁ ପୃଥିବୀରେ ଆଦର୍ଶ ବାସ୍ତବ ଧର୍ମ ପ୍ରତିଷ୍ଠା କଲ । ତୁମ ପାଦ ତଳେ ମୋର ଅନନ୍ତ କୋଟି ପ୍ରଣାମ । ଯିଏ ଯେଉଁଠି ଥିଲେ ମଧ୍ୟ କୃଷ୍ଣନାମ କୀର୍ତ୍ତନରେ କୋଟି ତୀର୍ଥର ଫଳ ପାଇଥାଏ । କୃଷ୍ଣ ନାମୋଚ୍ଚାରଣରେ ସମସ୍ତ ପାପ କଟିଯାଇ ମହାନନ୍ଦରେ ପ୍ରାଣ ଉଲ୍ଲସିତ ହୁଏ । ସେଇଥିପାଇଁ ତ ସତ୍ୟ ଯୁଗର ଲୋକମାନେ କଳିଯୁଗରେ ଜନ୍ମ ହୋଇ କୃଷ୍ଣ ନାମମୃତ ପାନ କରିବା ନିମିତ୍ତ ଜନ୍ମ ନେବାକୁ ଇଚ୍ଛା କରନ୍ତି । ଆମ୍ଭେମାନେ ମଧ୍ୟ କଳି ଯୁଗରେ ବ୍ରାହ୍ମଣାଦି ଚାରି ବର୍ଣ୍ଣରେ ଜନ୍ମ ନେଇ କୀର୍ତ୍ତନ ମାଧ୍ୟମରେ ପରିତ୍ରାଣ ଲାଭ କରିବୁ । ସାଧୁମାନଙ୍କ ସହ ଶ୍ରୀକୃଷ୍ଣ ଚରଣ ବନ୍ଦନା କରିବୁ । ରାଜା ଋଷିମାନଙ୍କଠାରୁ ଏହିପରି ଭାଗବତ ଧର୍ମ ଶ୍ରବଣ କରି କୃତାର୍ଥ ହୋଇ ମୁନିମାନଙ୍କର ସେବାକଲେ । ମହର୍ଷି ନାରଦ କହିଲେ ବସୁଦେବ, ତୁମେ ଏହି ଧର୍ମ ପାଳନ କରି ଅନ୍ତଃକାଳରେ ଶ୍ରୀହରିଙ୍କୁ ପ୍ରାପ୍ତ ହେବ । ତୁମ ଜୀବନ ଧନ୍ୟ, କାରଣ ତୁମେ ସ୍ୱୟଂ ଭଗବାନଙ୍କୁ ପୁତ୍ର ରୂପରେ ପାଇଛ । ତାଙ୍କୁ ସବୁ ସମୟରେ ଦର୍ଶନ କରିବାକୁ ପାଇବ । କଂସ, ଜରାସନ୍ଧ, ଶିଶୁପାଳ ଆଦି ଶତ୍ରୁଭାବ ପୋଷଣ କରି କୃଷ୍ଣ ଦେହରେ ଲୀନ ହେଲେ, ଅଥଚ ମୁନିଋଷି ଯୁଗଯୁଗ ଧରି ତପସ୍ୟା କରି ପରମଗତି ପାଇପାରୁ ନାହାନ୍ତି । ଭଗବାନଙ୍କ ମହିମା ଏପରି ଯାହା ବ୍ରହ୍ମା ଶିବଙ୍କୁ ମଧ୍ୟ ଅଗୋଚର । ସେହି ଭଗବାନ ମାୟାପୁରୁଷ ରୂପରେ ତୁମ ଘରେ ଜାତ ହୋଇଛନ୍ତି । ଅସୁର କୁଳ ନାଶକରି ଜଗତରେ ଯଶ ବିସ୍ତାର କରି ନିଜ ଧାମକୁ ଚାଲିଯିବେ । ଜନ୍ମରହିତ, ମନବଚନ ଅତୀତ ସେହି ଅନାଦି ପୁରୁଷଙ୍କୁ ତୁମ ପୁତ୍ର ଜ୍ଞାନ କରନାହିଁ । ଏହି କଥା ଶୁଣି ବସୁଦେବଙ୍କ ଅତ୍ୟନ୍ତ ଆନନ୍ଦରେ ପୁଲକିତ ହେବା ସହ ଚକ୍ଷୁ ମୁଦ୍ରିତ କରି ମାନସ ଚକ୍ଷୁରେ ଭଗବାନଙ୍କ ମନୋହର ରୂପମାଧୁରୀ ଦର୍ଶନ କରିବାକୁ ଲାଗିଲେ ।

( କ୍ରମଶଃ )

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ରିଙ୍ଗ

# ଆଲୋଚନା ବନାମ ସମାଲୋଚନା



ଶ୍ୱେତା ରାଉତ୍

ଏବେ ଆପଣମାନେ ସାମାଜିକ ଗଣମାଧ୍ୟମରେ ପ୍ରାୟ ଦେଖୁଥିବେ ଅନ୍ୟକୁ ତାଚ୍ଛଲ୍ୟ କରି, ନିନ୍ଦା କରି, ଅପଶବ୍ଦ ବ୍ୟବହାର କରି, ନିଚ୍ଛା ଦେଖାଇ ଅନେକ କଟୁ ସମାଲୋଚନା କରାଯାଉଛି।ସମାଲୋଚନା ଖରାପ ନୁହେଁ, କିନ୍ତୁ ଆଲୋଚନା ଓ ସମାଲୋଚନା ଶବ୍ଦ ଦୁଇଟି ଶୁଣିବାକୁ ପ୍ରାୟ ସମାନ ଲାଗିଥିଲେ ମଧ୍ୟ, ଏହାର ଉଦ୍ଦେଶ୍ୟ, ପ୍ରକ୍ରିୟା ଓ ପରିଣାମ ସମ୍ପୂର୍ଣ୍ଣ ଭିନ୍ନ। ଆଲୋଚନାର ମୂଳରେ ଥାଏ ଜ୍ଞାନ, ଯୁକ୍ତି, ଧୈର୍ଯ୍ୟ ଓ ପରସ୍ପର ପ୍ରତି ସମ୍ମାନ। ସମାଲୋଚନାର ମୂଳରେ ଯଦି କେବଳ ଦୋଷ ଖୋଜିବା, ଅପମାନ କରିବା କିମ୍ବା ଅନ୍ୟକୁ ଛୋଟ କରିବାର ମନୋଭାବ ଥାଏ, ତେବେ ସେହି ସମାଲୋଚନା କେବେ ବି କଲ୍ୟାଣକାରୀ ହୋଇପାରେ ନାହିଁ। ଆଲୋଚନା ହେଉଛି ଚିନ୍ତାର ଆଦାନ-ପ୍ରଦାନ। ଯେତେବେଳେ ଦୁଇ କିମ୍ବା ଅଧିକ ବ୍ୟକ୍ତି ଖୋଲା ମନରେ ପରସ୍ପରର ମତ ଶୁଣନ୍ତି, ଯୁକ୍ତି ଉପସ୍ଥାପନ କରନ୍ତି ଓ ସତ୍ୟର ସନ୍ଧାନ କରନ୍ତି, ସେତେବେଳେ ବିଚାରର ବୃଦ୍ଧି ହୁଏ। ଆଲୋଚନା ଆମକୁ ଶିଖାଏ ଯେ, ସମସ୍ତଙ୍କର ଚିନ୍ତାଧାରା ଏକ ନୁହେଁ, କିନ୍ତୁ ଭିନ୍ନ ମତକୁ ସମ୍ମାନ ଦେଇ ମଧ୍ୟ ଆମେ ଏକ ସୁନ୍ଦର ନିଷ୍କର୍ଷରେ ପହଞ୍ଚିପାରିବା। ଆଲୋଚନା ଜ୍ଞାନର ପରିସରକୁ ବଢ଼ାଏ, ମନକୁ ଉଦାର କରେ ଏବଂ ବ୍ୟକ୍ତିତ୍ୱକୁ ପରିପକ୍ୱ କରେ। ଅନ୍ୟପକ୍ଷରେ, ନକାରାତ୍ମକ ସମାଲୋଚନାର ଉଦ୍ଦେଶ୍ୟ ସମସ୍ୟାର ସମାଧାନ ନୁହେଁ; ବରଂ ଅନ୍ୟର ତ୍ରୁଟିକୁ ବଡ଼ କରି ଦେଖାଇବା। ଏଭଳି ସମାଲୋଚନା ମଣିଷର ଆତ୍ମବିଶ୍ୱାସ ଭାଙ୍ଗିଦିଏ, ସମ୍ପର୍କରେ ଦୂରତା ସୃଷ୍ଟି କରେ ଏବଂ ଅନେକ ସମୟରେ ଅନାବଶ୍ୟକ ବିବାଦର କାରଣ ପାଲଟିଯାଏ। ଆଜି ସାମାଜିକ ଗଣମାଧ୍ୟମରେ ଆମେ ଏହାର ଅନେକ ଉଦାହରଣ ଦେଖୁଛୁ। କୌଣସି ବ୍ୟକ୍ତିଙ୍କର ଭଲ କାମକୁ ପ୍ରଶଂସା କରିବା ପରିବର୍ତ୍ତେ କେବଳ ଦୋଷ ଖୋଜିବାରେ ଅନେକେ ବ୍ୟସ୍ତ ରହନ୍ତି। ଏଥିରୁ ସକାରାତ୍ମକ ପରିବେଶ ନଷ୍ଟ ହୁଏ।

ଯେଉଁ ବ୍ୟକ୍ତି ନିଜେ କିଛି ସୃଷ୍ଟି କରିବାଠାରୁ ଅନ୍ୟର କାମରେ କେବଳ ଦୋଷ ଖୋଜିବାରେ ଆନନ୍ଦ ପାଏ, ସେ ନିଜର ସକାରାତ୍ମକ ଶକ୍ତିକୁ ନଷ୍ଟ କରେ। ଅନେକ କ୍ଷେତ୍ରରେ ଏଭଳି ମନୋଭାବ ଈର୍ଷ୍ୟା, ଅସନ୍ତୋଷ କିମ୍ବା ହୀନମନ୍ୟତାରୁ ଜନ୍ମ ନେଇପାରେ। କିନ୍ତୁ ସମସ୍ତ ସମାଲୋଚକଙ୍କୁ ଏକାଧାରାରେ ହୀନମନ୍ୟ ବୋଲି କହିବା ଠିକ୍ ହେବ ନାହିଁ। ଅନେକ ସମୟରେ ଜଣେ ସଚ୍ଚୋଟ ସମାଲୋଚକ ସମାଜକୁ ସତର୍କ କରନ୍ତି, ତ୍ରୁଟି ଦେଖାଇ ଉନ୍ନତିର ପଥ ଖୋଲନ୍ତି।

ଆମ ଶାସ୍ତ୍ରରେ ମଧ୍ୟ ସଂଳାପକୁ ବହୁତ ଗୁରୁତ୍ୱ ଦିଆଯାଇଛି। ମହାଭାରତରେ ଶ୍ରୀକୃଷ୍ଣ ଅର୍ଜୁନଙ୍କ ସହ ଆଲୋଚନା କରି ତାଙ୍କ ସନ୍ଦେହ ଦୂର କରିଥିଲେ। ଯଦି ସେ କେବଳ ଅର୍ଜୁନଙ୍କୁ ଦୋଷାରୋପ କରିଥାନ୍ତେ, ତେବେ ସମ୍ଭବତଃ ଭଗବଦ୍ ଗୀତା ପରି ମହାନ ଜ୍ଞାନର ଉଦ୍ଭବ ହୋଇନଥାନ୍ତା। ଏହା ପ୍ରମାଣ କରେ ଯେ ଆଲୋଚନା ଅଜ୍ଞାନର ଅନ୍ଧକାର ଦୂର କରି ଜ୍ଞାନର ଆଲୋକ ପ୍ରଦାନ କରେ। ଆଜିର ସମୟରେ ପରିବାର, କାର୍ଯ୍ୟକ୍ଷେତ୍ର, ରାଜନୀତି କିମ୍ବା ସାମାଜିକ ଜୀବନ,ସବୁଠି ସୁସ୍ଥ ଆଲୋଚନାର ଆବଶ୍ୟକତା ରହିଛି। ପରସ୍ପରକୁ ଶୁଣିବାର ଧୈର୍ଯ୍ୟ, ମତଭେଦକୁ ସମ୍ମାନ କରିବାର ସଂସ୍କୃତି ଏବଂ ଯୁକ୍ତିକୁ ଗୁରୁତ୍ୱ ଦେବାର ଅଭ୍ୟାସ ସମାଜକୁ ଆଗକୁ ନେଇପାରିବ। କେବଳ ସମାଲୋଚନା କରି ସମାଜର କୌଣସି ସମସ୍ୟାର ସମାଧାନ ସମ୍ଭବ ନୁହେଁ,ସମାଧାନ ଆସେ ଚିନ୍ତନ, ଆଲୋଚନା ଓ ସହଯୋଗରୁ।

ଆଲୋଚନା ମଣିଷକୁ ଯୋଡ଼ିଥାଏ, ଜ୍ଞାନକୁ ସମୃଦ୍ଧ କରେ ଓ ସମାଜକୁ ଆଗକୁ ନେଇଯାଏ। ଅନ୍ୟପକ୍ଷରେ, କେବଳ ହେୟ ପ୍ରଦର୍ଶନ, ଅପମାନ କିମ୍ବା ଦୋଷାରୋପ କରିବା ଉଦ୍ଦେଶ୍ୟରେ କରାଯାଇଥିବା ସମାଲୋଚନା ସମ୍ପର୍କକୁ ଦୁର୍ବଳ କରେ ଏବଂ ସକାରାତ୍ମକ ପରିବେଶକୁ ନଷ୍ଟ କରେ। ତେଣୁ ଆମେ ଯଦି ସତରେ ଏକ ସୁସ୍ଥ, ସଭ୍ୟ ଓ ପ୍ରଗତିଶୀଳ ସମାଜ ଗଢ଼ିବାକୁ ଚାହୁଁ, ତେବେ ସମାଲୋଚନା ଅପେକ୍ଷା ଆଲୋଚନାର ସଂସ୍କୃତିକୁ ଅଧିକ ପ୍ରାଧାନ୍ୟ ଦେବାକୁ ହେବ। ମତଭେଦ ଥାଇପାରେ, କିନ୍ତୁ ମନଭେଦ ନୁହେଁ। କାରଣ ସକାରାତ୍ମକ ଆଲୋଚନା ହିଁ ବିଚାରର ବିକାଶର ପ୍ରକୃତ ମାର୍ଗ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଡାଇବେଟିସ୍ ରୋଗୀ ସାବଧାନ ! କିଡନୀ ଫେଲ୍‌ର ବଢୁଛି ବିପଦ

ଡାଇବେଟିସ୍ କେବଳ ରକ୍ତରେ ସୁଗାର ବଢ଼ାଏ ନାହିଁ, ଏହା ଶରୀରର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କିଡନୀକୁ ମଧ୍ୟ ନିରବରେ କ୍ଷତିଗ୍ରସ୍ତ କରିପାରେ । ଡାକ୍ତରମାନଙ୍କ କହିବା ଅନୁସାରେ, ଅନିୟନ୍ତ୍ରିତ ଡାଇବେଟିସ୍ ଯୋଗୁଁ ହେଉଥିବା ଡାଇବେଟିକ୍ ନେଫ୍ରୋପାଥି ବିଶ୍ୱରେ କିଡନୀ ଫେଲ୍ ହେବାର ଏକ ପ୍ରମୁଖ କାରଣ । ଅନେକ ରୋଗୀ ପ୍ରାରମ୍ଭିକ ସଙ୍କେତକୁ ଅଣଦେଖା କରୁଥିବାରୁ ପରେ ସମସ୍ୟା ଗୁରୁତର ହୋଇଯାଏ । କିଡନୀ ଆମ ଶରୀରର ରକ୍ତକୁ ଫିଲ୍ଟର କରି ବର୍ଜ୍ୟ ପଦାର୍ଥ ବାହାର କରିବା, ଶରୀରରେ ପାଣିର ସନ୍ତୁଳନ ରଖିବା ଓ ରକ୍ତଚାପ ନିୟନ୍ତ୍ରଣରେ ସହାୟତା କରେ କିନ୍ତୁ ଦୀର୍ଘ ସମୟ ଧରି ରକ୍ତରେ ସୁଗାର ଅଧିକ ରହିଲେ କିଡନୀର ସୂକ୍ଷ୍ମ ଫିଲ୍ଟରିଂ ୟୁନିଟ୍ କ୍ଷତିଗ୍ରସ୍ତ ହୋଇଯାଏ । ଏହି ଅବସ୍ଥାକୁ ଡାଇବେଟିକ୍ ନେଫ୍ରୋପାଥି କୁହାଯାଏ । ଏହା ଧୀରେ ଧୀରେ ବଢ଼େ ଏବଂ ଅନେକ ସମୟରେ ଶେଷ ପର୍ଯ୍ୟାୟରେ ଯାଇ ଲକ୍ଷଣ ଦେଖାଯାଏ । ଡାକ୍ତରମାନଙ୍କ କହିବା ଅନୁଯାୟୀ, ଡାଇବେଟିସ୍ ରୋଗୀମାନେ ଏହି ଲକ୍ଷଣଗୁଡ଼ିକୁ କେବେ ବି ହାଲୁକା ଭାବେ ନେବା ଉଚିତ୍ ନୁହେଁ—

- ପାଦ କିମ୍ବା ଗୋଡ଼ରେ ଫୁଲା
- ବାରମ୍ବାର ବାନ୍ତି ବା ବାନ୍ତି ଲାଗିବା
- ସବୁବେଳେ ଥକ୍କା ଲାଗିବା
- ମାଂସପେଶୀରେ ବାରମ୍ବାର ଖିଞ୍ଚା ଧରିବା
- ପରିସ୍ରାର ପରିମାଣ କିମ୍ବା ଅଭ୍ୟାସରେ ପରିବର୍ତ୍ତନ

ବିଶେଷଜ୍ଞମାନେ କହୁଛନ୍ତି, ଡାଇବେଟିସ୍ ରୋଗୀଙ୍କ ପାଇଁ ନିୟମିତ କିଡନୀ ପରୀକ୍ଷା ଅତ୍ୟନ୍ତ ଜରୁରୀ । ପରିସ୍ରାରେ ପ୍ରୋଟିନ୍ ଅଛି କି ନାହିଁ ଏବଂ ରକ୍ତ ପରୀକ୍ଷା ମାଧ୍ୟମରେ କିଡନୀର କାର୍ଯ୍ୟକ୍ଷମତା ଯାଞ୍ଚ କଲେ ପ୍ରାରମ୍ଭିକ ପର୍ଯ୍ୟାୟରେ ସମସ୍ୟା ଧରାପଡ଼ିପାରେ । ଯେତେ ଶୀଘ୍ର ଚିକିତ୍ସା ଆରମ୍ଭ ହେବ, କିଡନୀକୁ ସେତେ ଭଲ ସୁରକ୍ଷା ମିଳିପାରିବ ।

କିଡନୀକୁ ସୁସ୍ଥ ରଖିବା ପାଇଁ କିଛି ସରଳ ଅଭ୍ୟାସ ଅପନାଇବା ଆବଶ୍ୟକ—

- ରକ୍ତରେ ସୁଗାର ନିୟନ୍ତ୍ରଣରେ ରଖନ୍ତୁ
- ନିୟମିତ ରକ୍ତଚାପ ଯାଞ୍ଚ କରନ୍ତୁ
- ପ୍ରତିଦିନ ଅତି କମରେ ୩୦ ମିନିଟ୍ ବ୍ୟାୟାମ କରନ୍ତୁ
- ଫାଇବରଯୁକ୍ତ ଖାଦ୍ୟ ଏବଂ କମ୍ ଲୁଣ, କମ୍ ଚର୍ବିଯୁକ୍ତ ଖାଦ୍ୟ ଖାଆନ୍ତୁ



- ଧୂମପାନ ଓ ମଦ୍ୟପାନରୁ ଦୂରେ ରୁହନ୍ତୁ
- ଡାକ୍ତରଙ୍କ ପରାମର୍ଶ ବିନା ବେଦନାନାଶକ ଔଷଧ ଦୀର୍ଘଦିନ ଧରି ସେବନ କରନ୍ତୁ ନାହିଁ

ଡାଇବେଟିସ୍ ଏକ ଦୀର୍ଘକାଳୀନ ରୋଗ ହୋଇଥିଲେ ମଧ୍ୟ ସଠିକ୍ ଜୀବନଶୈଳୀ, ନିୟମିତ ପରୀକ୍ଷା ଏବଂ ସମୟରେ ଚିକିତ୍ସା ମାଧ୍ୟମରେ କିଡନୀକୁ ସୁରକ୍ଷିତ ରଖାଯାଇପାରେ । ସାମାନ୍ୟ ଲକ୍ଷଣକୁ ମଧ୍ୟ ଅଣଦେଖା କରନ୍ତୁ ନାହିଁ । ସଚେତନତା ହିଁ କିଡନୀକୁ ସୁସ୍ଥ ରଖିବାର ସବୁଠାରୁ ବଡ଼ ଅସ୍ତ୍ର ।

# ବର୍ଷାଦିନରେ ଶରୀରର ନିଅନ୍ତୁ ଏମିତି ଯତ୍ନ : ପାଖ ମାଡ଼ିବନି ରୋଗ

ବର୍ଷାଦିନର ଆଗମନ ସହ ଆମକୁ ବିଭିନ୍ନ ପ୍ରକାର ରୋଗ ହୋଇଥାଏ। ଏହାର ପ୍ରମୁଖ କାରଣ ହେଉଛି ପାଣି । ଏଭଳି ଅନେକ ଜୀବାଣୁ ଅଛନ୍ତି, ଯେଉଁଗୁଡ଼ିକ ପିଇବା ପାଣିରେ ଆମ ଅଜାଣତରେ ଶରୀରକୁ ଯାଇଥାନ୍ତି । ଏହି ଜୀବାଣୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରନ୍ତି। ଜଳବାହିତ ରୋଗ ହିସାବରେ ବ୍ୟାକ୍ଟେରିଆ, ଭାଇରସ୍ ତଥା ପାରାସାଇଟ୍ ଦ୍ୱାରା ସ୍ୱାସ୍ଥ୍ୟ ସମସ୍ୟା ବ୍ୟାପିଥାଏ। ଯେତେବେଳେ ଆମେ ଦୂଷିତ ପାଣି ପିଉ, ସେତେବେଳେ ଏହା ଆମ ଶରୀରକୁ ଯାଇଥାଏ। ଏହାଦ୍ୱାରା ବିଭିନ୍ନ ପ୍ରକାରର ରୋଗର ସମ୍ମୁଖୀନ ହେବାକୁ ପଡ଼େ। ଟାଇଫଏଡ୍- ଟାଇଫଏଡ୍ ଜ୍ୱର ସାଲ୍‌ମୋନେଲା ଟାଇପ ବ୍ୟାକ୍ଟେରିଆ କାରଣରୁ ହୋଇଥାଏ। ଏହି ଜ୍ୱର ହେଲେ ଦୁର୍ବଳ ଲାଗିବା ସହ ଶରୀର ଜୋରରେ ତାତିଥାଏ, ପେଟ ଯନ୍ତ୍ରଣା ହେବା ସହ ପ୍ରବଳ ମୁଣ୍ଡବିନ୍ଧା ବି ହୁଏ। କଲେରା- ଭିବ୍ରିଓ କଲେରା ବ୍ୟାକ୍ଟେରିଆ ଦ୍ୱାରା ହୋଇଥାଏ। ଏହି ରୋଗ ହେଲେ ରୋଗୀର ଅତ୍ୟଧିକ ଝାଡ଼ା, ବାନ୍ତି, ପେଟ ଯନ୍ତ୍ରଣା ଆଦି ସମସ୍ୟା ଦେଖାଯାଏ। ଏହି ସମସ୍ୟା ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ହେପାଟାଇଟିସ୍- ଦୂଷିତ ପାଣି ଓ ଖାଦ୍ୟ କାରଣରୁ ଏହା ବ୍ୟାପିଥାଏ। ତେଣୁ ସବୁବେଳେ ବିଶୁଦ୍ଧ ପାଣି ପିଇବା ଉଚିତ। ହେପାଟାଇଟିସ୍ ବିଶେଷଭାବେ ଆମର ଲିଭରକୁ ପ୍ରଭାବିତ କରିଥାଏ। ଡାଇରିଆ- ଡାଇରିଆର ମୁଖ୍ୟ କାରଣ ହେଉଛି ଦୂଷିତ ଜଳ। ଏହା ବିଭିନ୍ନ ଜୀବାଣୁ ଇ-କୋଲି, ଶିଗେଲା ଓ ଆମୋଇବାରୁ ହୋଇଥାଏ। ଏଥିରୁ ଝାଡ଼ା, ବାନ୍ତି, ମୁଣ୍ଡ ବୁଲାଇବା, ପେଟ କାଟିବା ଭଳି ସମସ୍ୟା ଦେଖାଯାଇଥାଏ। ଆମେ ରହୁଥିବା କିମ୍ବା ପାଖାପାଖି ସ୍ଥାନ ଯଦି ଅପରିଷ୍କାର ହୁଏ, ତେବେ ମଧ୍ୟ ଏହି ସମସ୍ତ ରୋଗ ହେବାର ଦେଖାଯାଏ। ତେଣୁ ବର୍ଷାଦିନେ ପିଇବା ପାଣି ଓ ଆଖପାଖର ପରିବେଶ ଉପରେ ବିଶେଷ ଧ୍ୟାନ ରଖିବା ଆବଶ୍ୟକ।

ଧ୍ୱନି ପ୍ରତିଧ୍ୱନି

# ଭାରତର ଆର୍ଥିକ ସ୍ଥିରତା ଏବଂ ଜୀବନବୀମା କ୍ଷେତ୍ର

ଦେଶର ବିଭିନ୍ନ ଖର୍ଚ୍ଚ ତୁଲାଇବା ପାଇଁ ସରକାର ଯେତେବେଳେ ବଜାରରୁ ବିପୁଳ ପରିମାଣର ଋଣ ସଂଗ୍ରହ କରନ୍ତି, ସେତେବେଳେ ଗୋଟିଏ ପ୍ରଶ୍ନ କ୍ୱଚିତ୍ ପଚରାଯାଏ। ତାହା ହେଉଛି, ସରକାରଙ୍କୁ ଏତେ ବଡ଼ ଋଣ ପ୍ରକୃତରେ କିଏ ଦିଏ? ଏହି ପ୍ରଶ୍ନର ଏକ ସ୍ପଷ୍ଟ ଏବଂ ଗୁରୁତ୍ୱପୂର୍ଣ୍ଣ ଉତ୍ତର ହେଉଛି ଭାରତର ଜୀବନ ବୀମା କ୍ଷେତ୍ର । ପ୍ରତିବର୍ଷ ଭାରତର କୋଟି କୋଟି ସାଧାରଣ ପରିବାର ନିଜର ତଥା ନିଜ ପ୍ରିୟଜନଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ଜୀବନ ବୀମା ପଲିସି କିଣନ୍ତି ଏବଂ ନିୟମିତ ପ୍ରିମିୟମ୍ ଦିଅନ୍ତି । ଏହି ଅର୍ଥ କେବଳ କମ୍ପାନୀ ଖାତାରେ ଜମା ହୋଇ ରହେ ନାହିଁ । ବରଂ ଏହା ଦଶନ୍ଧି ଦଶନ୍ଧି ଧରି ସରକାରୀ ପ୍ରତିଭୂତି ବା ସିକ୍ୟୁରିଟିଜ୍‌ରେ ପୁନଃବିନିଯୋଗ ହୋଇଥାଏ । ଏହି ଅର୍ଥ ହିଁ ସରକାରଙ୍କୁ ନୂତନ ରାସ୍ତାଘାଟ ନିର୍ମାଣ, ରେଳବାଇର ବିକାଶ, ପାନୀୟ ଜଳ ଯୋଗାଣ, ଡାକ୍ତରଖାନା ପ୍ରତିଷ୍ଠା ଏବଂ ପ୍ରତିରକ୍ଷା ଭଳି ଅତ୍ୟାବଶ୍ୟକ କ୍ଷେତ୍ର ପାଇଁ ଆର୍ଥିକ ସହାୟତା ଯୋଗାଇଥାଏ । ନିଜ ପରିବାରର ମୁଖ୍ୟ ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇବାର ଆଶଙ୍କାରୁ ନିଜକୁ ସୁରକ୍ଷିତ ରଖୁଥିବା ଗୋଟିଏ ସାଧାରଣ ପରିବାର ସମ୍ପୂର୍ଣ୍ଣ ଅଜାଣତରେ କେନ୍ଦ୍ର ସରକାରଙ୍କୁ ଦୀର୍ଘକାଳୀନ ଋଣ ଦେଇଥାଏ । ଜୀବନ ବୀମା କମ୍ପାନୀଗୁଡ଼ିକ ସାମୂହିକ ଭାବରେ ଭାରତର ବକେୟା କେନ୍ଦ୍ର ସରକାରୀ ପ୍ରତିଭୂତିର ପ୍ରାୟ ଏକ ଚତୁର୍ଥାଂଶ ନିଜ ପାଖରେ ଗଚ୍ଛିତ ରଖିଛନ୍ତି । ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ବୀମା ନିୟାମକ ଇରଡାଇର ତଥ୍ୟ ଅନୁଯାୟୀ ଏହି ଅଂଶବିଶେଷ ସର୍ବଦା ସ୍ଥିର ରହିଛି । ଗତ ତିନି ବର୍ଷ ମଧ୍ୟରେ ଦେଶର ସମୁଦାୟ ସାର୍ବଭୌମ ଋଣ ପରିମାଣ ପ୍ରାୟ ଚାଳିଶ ପ୍ରତିଶତ ବୃଦ୍ଧି ପାଇଥିଲେ ମଧ୍ୟ ବୀମା କ୍ଷେତ୍ରର ଅବଦାନ କମିନାହିଁ । ଏହି ବିଶାଳ ସଂଖ୍ୟା କୌଣସି ଅର୍ଥମନ୍ତ୍ରୀଙ୍କ ବଜେଟ୍ ଭାଷଣ କିମ୍ବା ସଂସଦୀୟ ବିତର୍କରେ ସ୍ଥାନ ପାଏ ନାହିଁ । କିନ୍ତୁ ଏହା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାମଷ୍ଟିକ ଅର୍ଥନୈତିକ ସୂଚକାଙ୍କ ଅଟେ, ଯାହା ଦେଶର ଅର୍ଥନୀତିକୁ ସୁଚାରୁରୂପେ ଚଳାଇବାରେ ସାହାଯ୍ୟ କରେ ।

ଏକ ଅସ୍ଥିର ବିଶ୍ୱ ଅର୍ଥନୀତିରେ ଜୀବନ ବୀମା କ୍ଷେତ୍ରର ଏହି ସମର୍ଥନ ଅତ୍ୟନ୍ତ ଧୈର୍ଯ୍ୟଶୀଳ ଏବଂ ସ୍ଥିର ଅଟେ । ଏହାର ଗୁଣବତ୍ତା ଏହାର ବିଶାଳ ଆକାର ଭଳି ସମାନ ଭାବରେ ତାତ୍ପର୍ଯ୍ୟପୂର୍ଣ୍ଣ । ଜୀବନ ବୀମା କମ୍ପାନୀଗୁଡ଼ିକ ସାଧାରଣତଃ କୋଡିଏ, ତିରିଶ, ଏବଂ ବେଳେବେଳେ ଚାଳିଶ ବର୍ଷର ଦୀର୍ଘ କାର୍ଯ୍ୟକାଳ ପାଇଁ ପଲିସି ପ୍ରସ୍ତୁତ କରନ୍ତି । ଏହି ଦୀର୍ଘକାଳୀନ ଦେୟ ପାଇଁ ସରକାରୀ ପ୍ରତିଭୂତିଗୁଡ଼ିକ ହେଉଛି ସବୁଠାରୁ ନିରାପଦ ଏବଂ ପ୍ରାକୃତିକ ବିକଳ୍ପ । ବଜାରକୁ ବିକୃତ ନକରି ଏହି ବିଶାଳ ଆକାରର ପାଣ୍ଠିକୁ ସମାନ କାର୍ଯ୍ୟକାଳ ପାଇଁ ଗ୍ରହଣ କରିପାରିବାର କ୍ଷମତା କେବଳ ସରକାରୀ ପ୍ରତିଭୂତିର ରହିଛି । ବିଦେଶୀ ନିବେଶକମାନଙ୍କର ବିନିଯୋଗ ଇଚ୍ଛା ବିଶ୍ୱସ୍ତରୀୟ ବିପଦ ଆକଳନ ସହିତ ତୁରନ୍ତ ପରିବର୍ତ୍ତିତ ହୋଇଥାଏ । କିନ୍ତୁ ବୀମା କମ୍ପାନୀଗୁଡ଼ିକ ସେପରି ଅସ୍ଥିର ନୁହଁନ୍ତି । ଆନ୍ତର୍ଜାତୀୟ ବଜାରରେ ତୈଳ ଦର ବୃଦ୍ଧି ପାଇଲେ କିମ୍ବା କୌଣସି ଭୂ-ରାଜନୈତିକ ସଙ୍କଟ ଦେଖାଦେଲେ ସେମାନେ ଭୟଭୀତ ହୋଇ ବଜାରରୁ ବାହାରି ଯାଆନ୍ତି ନାହିଁ । ସେମାନଙ୍କର ଅଂଶଗ୍ରହଣ ପ୍ରକୃତିଗତ ଭାବରେ ସ୍ଥିର ରହିଥାଏ । ଅନ୍ୟ କ୍ରେତାମାନେ ଅବିଶ୍ୱସନୀୟ ହୋଇଗଲେ କିମ୍ବା ପୁଞ୍ଜି ପ୍ରତ୍ୟାହାର କଲେ ମଧ୍ୟ ବୀମା କମ୍ପାନୀଗୁଡ଼ିକ ନିଜ ନିବେଶ ବଜାୟ ରଖନ୍ତି । ଦୀର୍ଘକାଳୀନ ନିବେଶକମାନଙ୍କର ଏକ ସ୍ଥିର ଘରୋଇ ଆଧାର ରହିଲେ ଋଣ ନବୀକରଣ ଜନିତ ଆଶଙ୍କା ଯଥେଷ୍ଟ ହ୍ରାସ ପାଇଥାଏ । ଏହାଦ୍ୱାରା ସରକାରଙ୍କ ଋଣ ଖର୍ଚ୍ଚ ମଧ୍ୟ ସଫଳତାର ସହ ନିୟନ୍ତ୍ରଣରେ ରହେ । ସହଜ କଥାରେ କହିଲେ, ଅନ୍ୟମାନେ ଭୟରେ ବିକ୍ରି କଲାବେଳେ ଜୀବନ ବୀମା କମ୍ପାନୀଗୁଡ଼ିକ ନିର୍ଭୟରେ କିଣନ୍ତି । ଅନ୍ୟମାନେ ବଜାରରୁ ବାହାରିଗଲା ବେଳେ ଏମାନେ ନିଜର ନିବେଶକୁ ଧରି ରଖନ୍ତି ଏବଂ ଅନ୍ୟମାନେ ନିବେଶ କରିବାକୁ ଅଟକିଗଲା ବେଳେ ଏମାନେ ପୁନଃବିନିଯୋଗ କରନ୍ତି । କୋଟି କୋଟି ପଲିସିଧାରୀଙ୍କୁ ଦୀର୍ଘକାଳୀନ ଆର୍ଥିକ ପ୍ରତିଶ୍ରୁତି ଦେବାର ଏହା ହେଉଛି ଏକ ସ୍ୱାଭାବିକ ପରିଣାମ ।

ତେବେ ଜୀବନ ବୀମା କ୍ଷେତ୍ରର ଏହି ମୂଲ୍ୟବାନ ଅବଦାନ ସମସ୍ତ କମ୍ପାନୀଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟିତ ହୋଇନାହିଁ । ଭାରତୀୟ ଜୀବନ ବୀମା ନିଗମ ବା ଏଲଆଇସି ଏହି କ୍ଷେତ୍ରରେ ସବୁଠାରୁ ବଡ଼ ଏବଂ ପ୍ରଭାବଶାଳୀ ଅଂଶ ବହନ କରେ । ଏହାର ବିଶାଳ ଆକାର, ପଲିସିର ବ୍ୟାପକ ମିଶ୍ରଣ ଏବଂ ଦୀର୍ଘ ଅବଧିର ନିବେଶ ଯୋଗୁଁ ଏହା ସମ୍ଭବ ହୋଇପାରିଛି । ମାର୍ଚ୍ଚ ୨୦୨୫ ପାଇଁ ଇରଡାଇରେ ଦାଖଲ ହୋଇଥିବା ଏଲଆଇସିର ରିପୋର୍ଟ (ଫର୍ମ ଏଲ୍-୨୬) ଅନୁଯାୟୀ, ଏହାର ଅଣ-ଲିଙ୍କ୍ ହୋଇଥିବା ପଲିସିଧାରୀ ପାଣ୍ଠିର ପ୍ରାୟ ୬୩ ପ୍ରତିଶତ ସରକାରୀ ପ୍ରତିଭୂତିରେ ନିବେଶ ହୋଇଛି । ଏହା ନିୟାମକ ସର୍ବନିମ୍ନ ସୀମାଠାରୁ ଯଥେଷ୍ଟ ଅଧିକ ଅଟେ ଏବଂ ଦୀର୍ଘକାଳୀନ ଦାୟିତ୍ୱର ଆବଶ୍ୟକତାକୁ ସ୍ପଷ୍ଟ ଭାବରେ ପ୍ରମାଣିତ କରେ । ଆର୍ଥିକ ବର୍ଷ ୨୦୨୪ ପାଇଁ ଆରବିଆଇର ରିପୋର୍ଟ ଅନୁଯାୟୀ, ସମସ୍ତ ବକେୟା କେନ୍ଦ୍ର ସରକାରୀ ପ୍ରତିଭୂତିର ପ୍ରାୟ ୧୯ ପ୍ରତିଶତ କେବଳ ଏଲଆଇସି ପାଖରେ ରହିଛି । ମାର୍ଚ୍ଚ ୨୦୨୫ ପାଇଁ ଏଲଆଇସିର ତଥ୍ୟ ଏହି ବାସ୍ତବତାକୁ ଆହୁରି ସ୍ପଷ୍ଟ କରେ । ଏହି ରିପୋର୍ଟ ଅନୁସାରେ କେବଳ କେନ୍ଦ୍ର ସରକାରୀ ପ୍ରତିଭୂତିରେ ୨୦.୨ ଲକ୍ଷ କୋଟି ଟଙ୍କା ଏବଂ ମୋଟ ସରକାରୀ ତଥା ସରକାରୀ-ଗ୍ୟାରେଣ୍ଟିଯୁକ୍ତ ପ୍ରତିଭୂତିରେ ୩୨.୩ ଲକ୍ଷ କୋଟି ଟଙ୍କାର ବିପୁଳ ନିବେଶ ରହିଛି । ଏଗୁଡ଼ିକ କୌଣସି କାଳ୍ପନିକ ଅନୁମାନ ନୁହେଁ । ବରଂ ଏହା ହେଉଛି ପ୍ରକୃତ ତଥ୍ୟ, ଯାହା ଏଲଆଇସି ପ୍ରତି ତ୍ରୈମାସିକରେ ନିୟାମକଙ୍କ ନିକଟରେ ଦାଖଲ କରେ । ଏହି ବିପୁଳ ପରିମାଣର ନିବେଶ ଏଲଆଇସିକୁ ଭାରତ ସରକାରଙ୍କ ଋଣର ସବୁଠାରୁ ବଡ଼ ଆନୁଷ୍ଠାନିକ ଧାରକ କରିଥାଏ । ଅନ୍ୟପକ୍ଷରେ, ଘରୋଇ ଜୀବନ ବୀମା କମ୍ପାନୀଗୁଡ଼ିକର ସ୍ୱଳ୍ପ ମିଆଦି ଉତ୍ପାଦର ଅନୁପାତ ଅଧିକ ଥିବାରୁ ସେମାନେ ଆଜି ଏକ ଛୋଟ ଅଂଶ ଯୋଗଦାନ କରୁଛନ୍ତି । କିନ୍ତୁ ଯେହେତୁ ସେମାନେ ନିଜର ପାରମ୍ପରିକ ପଲିସିଗୁଡ଼ିକୁ ବଜାରରେ ଅଧିକ ପ୍ରସାରିତ କରୁଛନ୍ତି, ଆଗାମୀ ଦିନରେ ସରକାରୀ ଋଣରେ ସେମାନଙ୍କର ଅଂଶଗ୍ରହଣ ମଧ୍ୟ ବୃଦ୍ଧି ପାଇବ । ନିୟାମକ ସଂସ୍ଥା ଇରଡାଇ ଏହି ଗୁରୁତ୍ୱପୂର୍ଣ୍ଣ ଦିଗକୁ ପୂର୍ବରୁ ଚିହ୍ନଟ କରିସାରିଛି ଏବଂ ଏଲଆଇସିକୁ ଏକ ଘରୋଇ ପ୍ରଣାଳୀଗତ ଗୁରୁତ୍ୱପୂର୍ଣ୍ଣ ବୀମାକାରୀ ଭାବରେ ଘୋଷଣା କରିଛି । ଏହାର ଅର୍ଥ ହେଉଛି, ଯଦି ଏହି ଅନୁଷ୍ଠାନରେ କୌଣସି ବିଶୃଙ୍ଖଳା ଦେଖାଦିଏ, ତେବେ ତାହା କେବଳ ବୀମା ବଜାରରେ ସୀମିତ ରହିବ ନାହିଁ । ବରଂ ଏହା ସମ୍ପୂର୍ଣ୍ଣ ସରକାରୀ ଋଣ ଗ୍ରହଣ କାର୍ଯ୍ୟକ୍ରମକୁ ପ୍ରଭାବିତ କରିବ । ଜାପାନ, ବ୍ରିଟେନ ଏବଂ ଦକ୍ଷିଣ କୋରିଆ ଭଳି ଦେଶଗୁଡ଼ିକର ବୀମା କମ୍ପାନୀଗୁଡ଼ିକ ସେମାନଙ୍କ ସରକାରଙ୍କ ଦୀର୍ଘକାଳୀନ ପ୍ରତିଭୂତିର ସବୁଠାରୁ ବଡ଼ ନିବେଶକ ଅଟନ୍ତି । ଏହା କୌଣସି ଆଇନଗତ ବାଧ୍ୟତାମୂଳକ ନୁହେଁ, ବରଂ ସେମାନଙ୍କର ବ୍ୟବସାୟିକ ଆବଶ୍ୟକତା ଅଟେ । ଭାରତର ଜୀବନ ବୀମା କ୍ଷେତ୍ର ମଧ୍ୟ ବର୍ତ୍ତମାନ ସମାନ ପଥ ଅନୁସରଣ କରୁଛି ।

ତେବେ ଏହି ବ୍ୟାପକ ସ୍ଥିରତା ମଧ୍ୟରେ ଏକ ଅଦୃଶ୍ୟ ଦୁର୍ବଳତା ମଧ୍ୟ ଲୁଚି ରହିଛି, ଯାହାକୁ ଆଦୌ ଅଣଦେଖା କରାଯାଇପାରିବ ନାହିଁ । ଆର୍ଥିକ ବର୍ଷ ୨୦୨୫ ରେ ଭାରତର ଜୀବନ ବୀମା ବ୍ୟାପକତା ଜିଡିପିର ୨.୭ ପ୍ରତିଶତକୁ ଖସିଆସିଛି । ମହାମାରୀ ସମୟରେ ଏହା ସର୍ବୋଚ୍ଚ ୩.୨ ପ୍ରତିଶତ ଥିଲା, କିନ୍ତୁ ଏବେ ଏହା କ୍ରମାଗତ ତୃତୀୟ ବର୍ଷ ପାଇଁ ହ୍ରାସ ପାଇଛି । ବର୍ତ୍ତମାନ ବିଶ୍ୱସ୍ତରୀୟ ହାରାହାରି ୩.୦ ପ୍ରତିଶତ ରହିଛି । ୨୦୨୩ ଏବଂ ୨୦୨୪ ମଧ୍ୟରେ ତିନୋଟି ପ୍ରମୁଖ ନିୟାମକ ହସ୍ତକ୍ଷେପ ଏକାସାଙ୍ଗରେ ଲାଗୁ ହେଲା । ସେଗୁଡ଼ିକ ହେଲା ପୁନର୍ଗଠିତ ବିତରଣ ବ୍ୟବସ୍ଥା, କେତେକ ଉଚ୍ଚ ମୂଲ୍ୟର ପଲିସି ଉପରେ ନୂତନ ଟିକସ ଏବଂ ବାଧ୍ୟତାମୂଳକ ଉତ୍ପାଦର ମୂଲ୍ୟ ପୁନଃନିର୍ଦ୍ଧାରଣ । ଏହି ନିଷ୍ପତ୍ତିଗୁଡ଼ିକ ଫଳରେ ନୂତନ ବ୍ୟବସାୟ ଯଥେଷ୍ଟ ମାତ୍ରାରେ ସଙ୍କୁଚିତ ହୋଇଛି । ଯଦିଓ ଏହି ପଦକ୍ଷେପଗୁଡ଼ିକ ପୃଥକ ଭାବରେ ଯୁକ୍ତିଯୁକ୍ତ ଥିଲା, ତଥାପି ଏହାର ସାମୂହିକ ପ୍ରଭାବ ବୀମା ଶିଳ୍ପ ଉପରେ ନକାରାତ୍ମକ ପଡ଼ିଥିଲା । ବର୍ତ୍ତମାନ ଏହି କ୍ଷେତ୍ର ସୁଧାର ଆଡ଼କୁ ଗତି କରୁଥିଲେ ମଧ୍ୟ ଏହି ଘଟଣା ଏକ ବଡ଼ ବିପଦକୁ ଦର୍ଶାଉଛି । ଯେତେବେଳେ ଏକାଧିକ ନିୟାମକ କାର୍ଯ୍ୟ ଏକାସାଙ୍ଗରେ ନୂତନ ବ୍ୟବସାୟକୁ ସଙ୍କୁଚିତ କରେ, ସେତେବେଳେ ଘରୋଇ ସଞ୍ଚୟ ହ୍ରାସ ପାଏ । ଯେଉଁ ଅର୍ଥ ବୀମା ମାଧ୍ୟମରେ ସରକାରୀ ଋଣ ବଜାରକୁ ସ୍ୱାଭାବିକ ଭାବରେ ପ୍ରବାହିତ ହୋଇଥାନ୍ତା, ତାହା ଅନ୍ୟତ୍ର ସ୍ୱଳ୍ପ ମିଆଦି ବିକଳ୍ପ ଖୋଜିଥାଏ । ସରକାରଙ୍କ ଋଣ ଗ୍ରହଣ କାର୍ଯ୍ୟକ୍ରମ ହୁଏତ ସ୍ୱଳ୍ପ ସମୟ ମଧ୍ୟରେ ଏହି ପରିବର୍ତ୍ତନକୁ ଲକ୍ଷ୍ୟ କରିନପାରେ । କିନ୍ତୁ ଏକ ଦଶନ୍ଧି ମଧ୍ୟରେ ଏହାର ନକାରାତ୍ମକ ପ୍ରଭାବ ସରକାରୀ ପାଣ୍ଠି ସଂଗ୍ରହ ଉପରେ ନିଶ୍ଚିତ ଭାବରେ ଅନୁଭୂତ ହେବ ।

ଦେଶର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଏହାର ଗୁରୁତ୍ୱ ଅନୁଯାୟୀ ସର୍ବଦା ସରକାରଙ୍କ ନୀତିଗତ ଧ୍ୟାନ ଆକର୍ଷଣ କରିଥାଏ । କିନ୍ତୁ ବୀମା କ୍ଷେତ୍ର ସମ୍ପୂର୍ଣ୍ଣ ଚୁପଚାପ୍ ଭାବରେ ବକେୟା କେନ୍ଦ୍ର ସରକାରୀ ପ୍ରତିଭୂତିର ପ୍ରାୟ ଏକ ଚତୁର୍ଥାଂଶ ନିଜ ପାଖରେ ରଖିଥିଲେ ମଧ୍ୟ ସେହି ପରିମାଣର ଧ୍ୟାନ ପାଏ ନାହିଁ । ଦେଶରେ ବୀମାର ପ୍ରସାର ବଢ଼ାଇବା ପାଇଁ ଯୁକ୍ତି ଅଧିକାଂଶ ସମୟରେ କେବଳ ପାରିବାରିକ ଆର୍ଥିକ ସୁରକ୍ଷାକୁ ନେଇ କରାଯାଏ । ଉଦାହରଣ ସ୍ୱରୂପ, ବୀମାବିହୀନ ପରିବାରର ଦୁର୍ଦ୍ଦଶା, ଅପର୍ଯ୍ୟାପ୍ତ ବୀମା ରାଶି, ଭୁଲ୍ ଉତ୍ପାଦ ବିକ୍ରି କିମ୍ବା ଦାବି ନମିଳିବା ଭଳି ସମସ୍ୟା ଉପରେ ଆଲୋଚନା ହୁଏ । ନିଃସନ୍ଦେହରେ ଏଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଚିନ୍ତା । କିନ୍ତୁ ଏହା ସହିତ ଏକ ସମାନ୍ତରାଳ ଯୁକ୍ତି ମଧ୍ୟ ରହିଛି, ଯାହା ଦେଶର ରାଜକୋଷୀୟ ସ୍ଥିରତା ସହ ଜଡ଼ିତ । ଏହି ଦିଗଟିକୁ ସାର୍ବଜନୀନ ନୀତି ଆଲୋଚନାରେ ସମ୍ପୂର୍ଣ୍ଣ ରୂପେ ପ୍ରକାଶ କରାଯାଇ ନାହିଁ । ଦେଶର ବାର୍ଷିକ ବିପୁଳ ଋଣ ଆବଶ୍ୟକତାକୁ ଦୃଷ୍ଟିରେ ରଖିଲେ, ଘରୋଇ ସାର୍ବଭୌମ ପାଣ୍ଠି ଆଧାରର ବିଶ୍ୱସନୀୟତା ଏକ ପ୍ରମୁଖ ଅର୍ଥନୈତିକ ପ୍ରାଥମିକତା ଅଟେ । ତେଣୁ ଜୀବନ ବୀମା କ୍ଷେତ୍ରର ଗଭୀରତା ଏବଂ ଆର୍ଥିକ ସ୍ୱାସ୍ଥ୍ୟ ସେହି ପ୍ରାଥମିକତା ସହିତ ସିଧାସଳଖ ଜଡ଼ିତ । ଏହି କ୍ଷେତ୍ରର ସୁଦୃଢ଼ ବିକାଶ କେବଳ ବ୍ୟକ୍ତିଗତ ସୁରକ୍ଷା ପାଇଁ ନୁହେଁ, ବରଂ ସମଗ୍ର ଦେଶର ଭିତ୍ତିଭୂମି ନିର୍ମାଣ ଏବଂ ଅର୍ଥନୈତିକ ସ୍ୱାଧୀନତାକୁ ବଜାୟ ରଖିବା ପାଇଁ ଏକ ଅପରିହାର୍ଯ୍ୟ ଆବଶ୍ୟକତା ଅଟେ ।

# ବାଣୀକଣ୍ଠ ନିମାଇଁ ଚରଣ

ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା





'ହେ ଜଗନ୍ନାଥ। ତୁମ ବାହାଡ୍ଡୁରେ ମୋତେ ବାହୁଡ଼ାଇ ନିଅ'....।

'ବଡ଼ ମାୟାବୀ ଜୀବ ନୁହେଁ କାହାର....', 'ବୋହୂ ଚାଲି ନ ଜାଣଇ ଲୋ..', 'କି ହେବ ଶୁଆ ପୋଷିଲେ...', 'ବାୟା ମନ ଚାଲ ଏଥର..', 'ଥକା ମନା ଚାଲ ଯିବା..', 'କେତେ ଦିନୁ ଧନ...' ପରି ଆବେଗପୂର୍ଣ୍ଣ ଚେତନାଦାୟୀ ହୃଦୟସ୍ପର୍ଶୀ କାଳଜୟୀ ଗୀତର ଅମୃତ ସ୍ରଷ୍ଟା ଥିଲେ ବାଣୀକଣ୍ଠ ନିମାଇଁ ଚରଣ। ପିଲାଦିନେ ରେଡ଼ିଓରେ ତାଙ୍କ ଗୀତ ଶୁଣିବାର ଝାପସା ଅନୁଭୂତି ମୋର ମନେ ଅଛି। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ବନମାଳୀ, ଦୀନକୃଷ୍ଣ, ଗୋପାଳକୃଷ୍ଣ, କବିସୂର୍ଯ୍ୟ ବଳଦେବ ରଥ, ବିଦ୍‌ଗଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ପଦ୍ୟଗୁଡ଼ିକୁ ଆଜୀବନ ପ୍ରାଧାନ୍ୟ ଦେଇଥିବା ଏବଂ ଗାଇଥିବା କଣ୍ଠଶିଳ୍ପୀ ହେଉଛନ୍ତି ବାଣୀକଣ୍ଠ ପଦ୍ମଶ୍ରୀ ନିମାଇଁଚରଣ ହରିଚନ୍ଦନ। କହିବାକୁଗଲେ ସେ ହିଁ ଓଡ଼ିଶାର ପ୍ରଥମ ପେସାଦାର ଗାୟକ।

ତୁଳସୀ ଦୁଇ ପତ୍ରରୁ ବାସିବା ପରି ଶୈଶବରେ ଆରମ୍ଭ ହୋଇଥିଲା, ତାଙ୍କର ଗାୟକ ଜୀବନ। ପ୍ରେରଣା ପାଇଥିଲେ ନିଜ ଘରୁ ନିଜର ଦାଦା ତଥା ଓଡ଼ିଶାର ବିଶିଷ୍ଟ ସଂଗୀତ ଗୁରୁ ଗୋକୁଳଚନ୍ଦ୍ର ଶ୍ରୀଚନ୍ଦନ ଥିଲେ, ତାଙ୍କର ପ୍ରଥମ ଗୁରୁ। ଗୋକୁଳଚନ୍ଦ୍ରଙ୍କ ଠାରୁ ହାରମୋନିଅମରେ ଓଡ଼ିଶୀ, ଛାନ୍ଦ, ଜଣାଣ ଆଦି ଶିକ୍ଷା କରିବା ପରେ ପରବର୍ତ୍ତୀ ସମୟରେ ଆର୍ତ୍ତବନ୍ଧୁ ପାତ୍ରଙ୍କ ଠାରୁ ସଂଗୀତ ଶିକ୍ଷା କରିଥିଲେ। କଟକର ବିଖ୍ୟାତ ତବଲା ବାଦକ ଜଗମୋହନ ନାୟକଙ୍କର ମଧ୍ୟ ସେ ଶିଷ୍ୟ। ସେ ସମୟରେ ଜଗମୋହନ ନାୟକ ଜଣେ ଉଚ୍ଚକୋଟୀର ଓ ବିଶିଷ୍ଟ ତବଲ ବାଦକ ଭାବେ ପରିଚିତ ଥିଲେ। ବାଣୀକଣ୍ଠଙ୍କ କଣ୍ଠରୁ ସୁର ସମ୍ପନ୍ନ କରିଥିଲେ କଟକର ହିନ୍ଦୁସ୍ତାନୀ ସଂଗୀତ ଗୁରୁ ମାଧୋ ରାଓ। କହିବାକୁଗଲେ ଏହିଠାରୁ ବାଣୀକଣ୍ଠଙ୍କ ସ୍ୱରର ଝଙ୍କାର ଆହୁରି ହୃଦୟ ଛୁଆଁ ହୋଇଥିଲା। ବିଧିବଦ୍ଧ ଭାବେ ଗାନ ଶୈଳୀ ଓ କଣ୍ଠସ୍ୱର ସମ୍ପର୍କରେ ଉଚ୍ଚ ତାଲିମର ବ୍ୟବସ୍ଥା କରିଥିଲେ। ଏହିଭଳି କେନ୍ଦ୍ରାପଡ଼ା ଓ କଟକରେ ସଂଗୀତ, ବାଦ୍ୟ-ଯନ୍ତ୍ର ଆଦିରେ ତାଲିମ ନେବା ପରେ ଅଧିକ ବିକାଶ ପାଇଁ କାଲକାତା ଯାଇଥିଲେ। ସେ ସମୟରେ କଟକ ବେତାର କେନ୍ଦ୍ର ସ୍ଥାପିତ ହୋଇନଥିଲା। ଏସବୁ ସତ୍ତ୍ୱେ ୯୩୪ରେ କାଲକାତା ବେତାର କେନ୍ଦ୍ରରେ ସେ ଗାଇବା ଆରମ୍ଭ କରିଥିଲେ। ଏହା ପୂର୍ବରୁ 'ହିଜ୍ ମାଷ୍ଟର୍ସ' ଗ୍ରାମ୍‌ଫୋନ କମ୍ପାନୀ ପାଇଁ ଅବଶ୍ୟ ଏକାଧିକ ଗୀତ ଗାଇସାରିଥିଲେ। ଏକ ଜମିଦାର ପରିବାରରେ ଜନ୍ମ ହୋଇଥିଲେ ହେଁ ବାଣୀକଣ୍ଠଙ୍କ ଶୈଶବ ଘୋର ଦାରିଦ୍ର୍ୟ ମଧ୍ୟରେ କଟିଥିଲା।

କିନ୍ତୁ ତାଙ୍କ କଣ୍ଠର ଯାଦୁ ଅଟକାଇ ପାରିନଥିଲା ପ୍ରତିଭାକୁ ଆଗେଇ ନେବାପାଇଁ। ତାଙ୍କ ପିତା ଅନେକ ସମୟ ଚିକିତ୍ସିତ ହେଉଥିବାରୁ ଘରର ଖର୍ଚ୍ଚ ବଢ଼ି ଯାଉଥିଲା। ଶୈଶବରେ ପାଠ ଛାଡ଼ିବାକୁ ପଡ଼ିଥିଲା। ପରିବାର ଭରଣପୋଷଣ ପାଇଁ ଏକଦା ଯାତ୍ରୀ ପରିବହନ ବ୍ୟବସାୟ କରି ବିପୁଳ କ୍ଷତି ସହିଥିଲେ। କଟକର ପ୍ରତିଷ୍ଠିତ ବ୍ୟକ୍ତି ଡ.ପ୍ରାଣକୃଷ୍ଣ ପରିଜା, ଡ.ଆର୍ତ୍ତବଲ୍ଲଭ ମହାନ୍ତି, ନିତ୍ୟାନନ୍ଦ କାନୁନଗୋ ଆଦିଙ୍କ କନ୍ୟାମାନଙ୍କୁ ଘରୋଇ ଭାବେ ସଂଗୀତ ଶିକ୍ଷା ଦେଇ ସେ ବେତନ ବାବଦକୁ ମାସିକ ଦେଢ଼ ଶହ ଟଙ୍କା ପାଉଥିବା ଜଣାଯାଏ। ବାଣୀକଣ୍ଠଙ୍କ ଭଜନ, ଜଣାଣ, ଛାନ୍ଦ, ଚଉପଦୀ, ଚମ୍ପୂ ଆଦି ଓଡ଼ିଶାରେ ବିଶେଷ ଭାବେ ଲୋକପ୍ରିୟ। ଅଗଣିତ ଓଡ଼ିଆଙ୍କୁ ନିଜର କଣ୍ଠ ଦ୍ୱାରା ମନ୍ତ୍ରମୁଗ୍ଧ କରିରଖିଥିବା କଣ୍ଠଶିଳ୍ପୀ ସେ। ଆଠଗଡ଼ ରାଜ ପରିବାରର ଲକ୍ଷ୍ମୀପ୍ରିୟାଙ୍କୁ ସେ ବିବାହ କରିଥିଲେ।

ଅନେକ ହୁଏତ ଜାଣି ନଥିବେ ପୁରୀର ଗଜପତି ମହାରାଜା, ତାଙ୍କୁ ଶ୍ରୀମନ୍ଦିରରେ ଚାମର ସେବା ପ୍ରଦାନ କରିଥିଲେ। ୧୯୭୦ ପରଠାରୁ ସେ ପୁରୀରେ ସ୍ଥାୟୀ ଭାବେ ବାସ କରିବା ସହ ପ୍ରତି ଦିନ ମନ୍ଦିରରେ ଚାମର ସେବା କରିବା ସହ ଜଣାଣ ଗାଉଥିଲେ। ଶ୍ରୀଜଗନ୍ନାଥଙ୍କ ପାଇଁ ସେ ନିଜେ ଲେଖି ନିଜେ ଗାଇଥିଲେ - 'ହେ ଜଗନ୍ନାଥ। ତୁମ ବାହାଡ୍ଡୁରେ ମୋତେ ବାହୁଡ଼ାଇ ନିଅ'....। ତାହା ହିଁ ଘଟିଥିଲା। ୨୦ ଜୁଲାଇ ୧୯୮୩ ବାହୁଡ଼ା ଯାତ୍ରା ବେଳେ ତାଙ୍କର ପରଲୋକ ହୋଇଥିଲା। ସେ ସର୍ବଦା କହୁଥିଲେ ଓଡ଼ିଶୀ ଗୀତ, ଛାନ୍ଦ, ଜଣାଣ, ଭଜନ ଆଦିର ପ୍ରସାର ନ ହେଲେ ଆମେ ନିଜର ସଂସ୍କୃତି ହରାଇବସିବା। ୧୯୦୧ ଜୁଲାଇ ଆଜିର ଦିନରେ କେନ୍ଦ୍ରାପଡ଼ାରେ ଜନ୍ମ ହୋଇଥିଲେ ଏହି ମହାନ କଣ୍ଠ ଶିଳ୍ପୀ। ଆଜିର ୟୁଟ୍ୟୁବ ସଙ୍ଗୀତ ଯୁଗରେ ମଧ୍ୟ ଓଡ଼ିଶାର ଏହି ମହାନ ସାଧକଙ୍କ କାଳଜୟୀ ଗୀତ ଗୁଡ଼ିକ ଶୁଣୁଛନ୍ତି ମହିଳାଙ୍କ ଠାରୁ ଧର୍ମାଶ୍ରୀତ, ଯୁବବର୍ଗ ଠାରୁ ଶିକ୍ଷିତ ବର୍ଗ। କୋଟି କୋଟି ଓଡ଼ିଆଙ୍କ ତରଫରୁ ଜୟନ୍ତୀ ଅବସରରେ ଭକ୍ତି ନିବେଦନ।

+ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ଚହଟା ନଗର, ଲେନ୍-୬, କଟକ-୧୪,
ମୋ: ୭୦୦୮୪୭୮୯୮୬

# ବିଶ୍ୱ ବଜାରରେ ବ୍ରହ୍ମୋସ୍ : ପ୍ରତିରକ୍ଷା ରପ୍ତାନୀ କ୍ଷେତ୍ରରେ ଭାରତର ଉଦୟ

ଅଲେଖ ଚନ୍ଦ୍ର ସାମଲ



ଏକ ସମୟ ଥିଲା, ଯେତେବେଳେ ଭାରତକୁ ବିଶ୍ୱର ସର୍ବବୃହତ୍ ପ୍ରତିରକ୍ଷା ସାମଗ୍ରୀ ଆମଦାନୀକାରୀ ଦେଶମାନଙ୍କ ମଧ୍ୟରେ ଗଣନା କରାଯାଉଥିଲା। ଆଧୁନିକ ଅସ୍ତ୍ରଶସ୍ତ୍ର, କ୍ଷେପଣାସ୍ତ୍ର, ଯୁଦ୍ଧ ବିମାନ ଏବଂ ପ୍ରତିରକ୍ଷା ପ୍ରଣାଳୀ ପାଇଁ ଭାରତ ମୁଖ୍ୟ ଭାବେ ଆମେରିକା, ରୁଷ, ଫ୍ରାନ୍ସ ଓ ଇସ୍ରାଏଲ ଭଳି ଦେଶମାନଙ୍କ ଉପରେ ନିର୍ଭରଶୀଳ ଥିଲା। କିନ୍ତୁ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପର ଠାରୁ ସ୍ଥିତିରେ ବ୍ୟାପକ ପରିବର୍ତ୍ତନ ଆସିଛି । ଗତ ଏକ ଦଶନ୍ଧି ମଧ୍ୟରେ ଏହି ପରିସ୍ଥିତିରେ ଦ୍ରୁତ ପରିବର୍ତ୍ତନ ଦେଖିବାକୁ ମିଳିଛି । 'ମେକ୍ ଇନ୍ ଇଣ୍ଡିଆ', 'ଆତ୍ମନିର୍ଭର ଭାରତ' ଅଭିଯାନ ଏବଂ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ବେସରକାରୀ କ୍ଷେତ୍ରର ଭୂମିକା ମଧ୍ୟ ବଢ଼ିଛି । ଏହି ସବୁ କାରଣ ଯୋଗୁ ଭାରତ ଆମଦାନୀକାରୀରୁ ରପ୍ତାନିକାରୀ ଦେଶରେ ପରିଣତ କରିବା ଦିଗରେ ଅଗ୍ରସର ହେଉଛି । ନିକଟ ଅତୀତରେ ବ୍ରହ୍ମୋସ୍ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ରର ବିଶ୍ୱବ୍ୟାପୀ ଚାହିଦା ବୃଦ୍ଧି, ଦକ୍ଷିଣ-ପୂର୍ବ ଏସିଆରୁ ଆରମ୍ଭ କରି ଉପସାଗରୀୟ ଦେଶଗୁଡ଼ିକ ପର୍ଯ୍ୟନ୍ତ ଭାରତୀୟ ପ୍ରତିରକ୍ଷା ସାମଗ୍ରୀ ପ୍ରତି ବଢ଼ୁଥିବା ଆଗ୍ରହ ଏବଂ ପ୍ରତିରକ୍ଷା ରପ୍ତାନିରେ ବହୁଗୁଣ ବୃଦ୍ଧି ଏହି ପରିବର୍ତ୍ତନର ସ୍ପଷ୍ଟ ପ୍ରମାଣ ଅଟେ।

ଯଦି ଆମେ ବିଶ୍ଳେଷଣ କରିବା ତେବେ ଜାଣି ପାରିବା ଯେ, ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ଭାରତର ପ୍ରତିରକ୍ଷା ରପ୍ତାନିର ସବୁଠାରୁ ବଡ଼ ସଫଳତା ଭାବେ ଉଭା ହୋଇଛି। ଫିଲିପାଇନ୍ସକୁ ଏହାର ସଫଳ ଯୋଗାଣ ପରେ ବର୍ତ୍ତମାନ ଭିଏତନାମ ସହ ଏହାର ରପ୍ତାନି ଚୁକ୍ତି ସମ୍ପନ୍ନ ହୋଇଥିବାବେଳେ ଇଣ୍ଡୋନେସିଆ ସହ ମଧ୍ୟ ଚୁକ୍ତି ଅନ୍ତିମ ପର୍ଯ୍ୟାୟରେ ଥିବା ସୂଚନା ମିଳୁଛି। ଏହା ବ୍ୟତୀତ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସହ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ଏବଂ 'ଆକାଶତୀର' ବାୟୁ ପ୍ରତିରକ୍ଷା ପ୍ରଣାଳୀର ରପ୍ତାନିକୁ ନେଇ ମଧ୍ୟ ଆଲୋଚନା ଜାରି ରହିଛି। ଏହା ସ୍ପଷ୍ଟ କରୁଛି ଯେ, ଭାରତୀୟ ପ୍ରତିରକ୍ଷା ସାମଗ୍ରୀ ଆଉ କେବଳ ଦେଶୀୟ ଆବଶ୍ୟକତା ପୂରଣରେ ସୀମିତ ନୁହେଁ; ବରଂ ବିଶ୍ୱ ପ୍ରତିରକ୍ଷା ବଜାରରେ ମଧ୍ୟ ସେଗୁଡ଼ିକ ନିଜର ବିଶ୍ୱସନୀୟତା ଓ ସାମର୍ଥ୍ୟର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛି।

ଭାରତର ପ୍ରତିରକ୍ଷା ରପ୍ତାନିରେ ଦ୍ରୁତ ଅଭିବୃଦ୍ଧିର ସବୁଠାରୁ ମୁଖ୍ୟ କାରଣ ହେଉଛି ଏହାର ସ୍ୱଦେଶୀ ଉତ୍ପାଦନ କ୍ଷମତା। ଗତ କିଛି ବର୍ଷ ମଧ୍ୟରେ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ), ସରକାରୀ କ୍ଷେତ୍ରର ଉଦ୍ୟୋଗ ଏବଂ ବେସରକାରି କମ୍ପାନିମାନେ ଆଧୁନିକ ଅସ୍ତ୍ରଶସ୍ତ୍ର, ରାଡାର, କ୍ଷେପଣାସ୍ତ୍ର, ଡ୍ରୋନ୍, ତୋପ, ଗୋଳାବାରୁଦ ଏବଂ ଇଲେକ୍ଟ୍ରୋନିକ୍ ଯୁଦ୍ଧ ପ୍ରଣାଳୀର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସରକାର ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ବେସରକାରି ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବା ସହ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ସମ୍ବନ୍ଧୀୟ ନିୟମକୁ ସରଳ କରିଛନ୍ତି ଏବଂ ସ୍ୱଦେଶୀ ଶିଳ୍ପକୁ ଅଗ୍ରାଧିକାର ଦେଉଥିବା ନୀତିଗୁଡ଼ିକୁ କାର୍ଯ୍ୟକାରୀ କରିଛନ୍ତି। ଏହାର ପରିଣାମସ୍ୱରୂପ, ଦେଶରେ ପ୍ରତିରକ୍ଷା ଉତ୍ପାଦନ ପାଇଁ ଏକ ସୁଦୃଢ଼ ଏବଂ ବ୍ୟାପକ ଔଦ୍ୟୋଗିକ ଭିତ୍ତିଭୂମି ଗଢ଼ିଉଠିଛି।

ବ୍ରହ୍ମୋସ୍ କ୍ଷେପଣାସ୍ତ୍ରର ସଫଳତା କେବଳ ଏକ ପ୍ରଯୁକ୍ତିଗତ ଉପଲବ୍ଧିରେ ସୀମିତ ନୁହେଁ; ବରଂ ଏହା ଭାରତର ରଣନୈତିକ ବିଶ୍ୱସନୀୟତାର ମଧ୍ୟ ଏକ ପ୍ରତୀକରେ ପରିଣତ ହୋଇଛି। ଧ୍ୱନିର ବେଗଠାରୁ ପ୍ରାୟ ତିନିଗୁଣ ଅଧିକ ଗତି, ଉଚ୍ଚ ଲକ୍ଷ୍ୟଭେଦୀ କ୍ଷମତା ଏବଂ ସ୍ଥଳ, ସମୁଦ୍ର ଓ ଆକାଶ—ଏହି ତିନୋଟି ପ୍ଲାଟଫର୍ମରୁ ପ୍ରକ୍ଷେପଣ କରିବାର କ୍ଷମତା ବ୍ରହ୍ମୋସ୍‌କୁ ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ରମାନଙ୍କ ମଧ୍ୟରେ ସ୍ଥାନ ଦେଇଛି। ଭାରତୀୟ ସଶସ୍ତ୍ର ବାହିନୀରେ ଏହାର ସଫଳ ବ୍ୟବହାର ଏବଂ ବାସ୍ତବ ପରିସ୍ଥିତିରେ ଏହାର ପ୍ରମାଣିତ କାର୍ଯ୍ୟକ୍ଷମତା ବିଦେଶୀ ଦେଶମାନଙ୍କର ଆସ୍ଥାକୁ ଆହୁରି ସୁଦୃଢ଼ କରିଛି। ଏହି କାରଣରୁ ବର୍ତ୍ତମାନ ବିଶ୍ୱର ଅନେକ ଦେଶ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର କ୍ରୟ କରିବା ପ୍ରତି ଗଭୀର ଆଗ୍ରହ ପ୍ରକାଶ କରୁଛନ୍ତି।

ପ୍ରତିରକ୍ଷା ସାମଗ୍ରୀର ରପ୍ତାନି କେବଳ ଏକ ଆର୍ଥିକ କାର୍ଯ୍ୟକଳାପରେ ସୀମିତ ନୁହେଁ; ବରଂ ଏହା ଧୀରେ ଧୀରେ ଭାରତର କୂଟନୀତିର ଏକ ପ୍ରଭାବଶାଳୀ ମାଧ୍ୟମରେ ପରିଣତ ହେଉଛି। ଫିଲିପାଇନ୍ସ, ଭିଏତନାମ ଏବଂ ଇଣ୍ଡୋନେସିଆ ଭଳି ଦେଶଗୁଡ଼ିକୁ ପ୍ରତିରକ୍ଷା ସାମଗ୍ରୀ ଯୋଗାଇ ଭାରତ ଇଣ୍ଡୋ-ପାସିଫିକ୍ ଅଞ୍ଚଳରେ ନିଜର ରଣନୈତିକ ଭାଗୀଦାରିକୁ ଆହୁରି ସୁଦୃଢ଼ କରୁଛି। ସେହିପରି, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଭଳି ଉପସାଗରୀୟ ଦେଶମାନଙ୍କ ସହ ସମ୍ଭାବ୍ୟ ପ୍ରତିରକ୍ଷା ସହଯୋଗ ଭାରତର ପଶ୍ଚିମ ଏସିଆ ନୀତିକୁ ନୂତନ ଶକ୍ତି ପ୍ରଦାନ କରୁଛି। ଏହାର ପରିଣାମସ୍ୱରୂପ, ଭାରତର ବିଦେଶ ନୀତିରେ ପ୍ରତିରକ୍ଷା ସହଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବେ ଉଭା ହେଉଛି।

ଭାରତର ପ୍ରତିରକ୍ଷା ରପ୍ତାନିରେ ବୃଦ୍ଧିର ଏକ ପ୍ରମୁଖ କାରଣ ହେଉଛି ଭାରତୀୟ ପ୍ରତିରକ୍ଷା ସାମଗ୍ରୀର ବ୍ୟୟ-ପ୍ରଭାବଶାଳୀତା (କଷ୍ଟ ଏଫେକ୍ଟିଭନେସ)। ପଶ୍ଚିମ ଦେଶଗୁଡ଼ିକର ପ୍ରତିରକ୍ଷା ପ୍ରଣାଳୀ ତୁଳନାରେ ଭାରତୀୟ ପ୍ରତିରକ୍ଷା ସାମଗ୍ରୀ ଅପେକ୍ଷାକୃତ କମ୍ ମୂଲ୍ୟରେ ଉପଲବ୍ଧ ହେଉଥିବାବେଳେ, ସେଗୁଡ଼ିକର ଗୁଣବତ୍ତା, କାର୍ଯ୍ୟକ୍ଷମତା ଏବଂ ପ୍ରଯୁକ୍ତିଗତ ମାନ ଆନ୍ତର୍ଜାତିକ ସ୍ତରରେ ପ୍ରତିଯୋଗିତାମୂଳକ ରହିଛି। ବିଶେଷକରି ବିକାଶଶୀଳ ଦେଶମାନଙ୍କ ପାଇଁ ଏହା ଏକ ଆକର୍ଷଣୀୟ ଓ ବ୍ୟବହାରିକ ବିକଳ୍ପ ଭାବେ ଉଭା ହୋଇଛି। ଏହି କାରଣରୁ ଏସିଆ, ଆଫ୍ରିକା ଏବଂ ପଶ୍ଚିମ ଏସିଆର ଅନେକ ଦେଶ ଭାରତକୁ ଏକ ବିଶ୍ୱସନୀୟ ପ୍ରତିରକ୍ଷା ସହଭାଗୀ ଭାବେ ଦେଖୁଛନ୍ତି। ଭାରତରେ ବ୍ରହ୍ମୋସ୍ ଭଳି ପ୍ରଣାଳୀଗୁଡ଼ିକର ଅଧିକ ମାତ୍ରାରେ ଉତ୍ପାଦନ ଆରମ୍ଭ ହେବା ମଧ୍ୟ ରପ୍ତାନିକୁ ବଢ଼ାଇବା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆମ ଦେଶର ସେନା ଆବଶ୍ୟକତା ସହିତ ସହ, ବିଦେଶୀ ଅର୍ଡରଗୁଡ଼ିକୁ ପୂରଣ କରିବା ପାଇଁ ଉତ୍ପାଦନ କ୍ଷମତାକୁ ବୃଦ୍ଧି କରାଯାଉଛି। ଏହା ଫଳରେ କେବଳ ଯେ ସମୟୋଚିତ ଯୋଗାଣ ସମ୍ଭବ ହେବ ତା ନୁହେଁ, ବରଂ ବିଶ୍ୱ ବଜାରରେ ଭାରତର ବିଶ୍ୱସନୀୟତା ମଧ୍ୟ ଆହୁରି ସୁଦୃଢ଼ ହେବ। ବଢ଼ୁଥିବା ଉତ୍ପାଦନ କ୍ଷମତା ଭବିଷ୍ୟତରେ ବଡ଼ ରପ୍ତାନି ଚୁକ୍ତି ହାସଲ କରିବାରେ ସହାୟକ ହେବ।

ପ୍ରତିରକ୍ଷା ରପ୍ତାନିରେ ଆର୍ଥିକ ଲାଭ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ଦେଶରେ ଉଚ୍ଚ ପ୍ରଯୁକ୍ତି ଆଧାରିତ ଉତ୍ପାଦନକୁ ପ୍ରୋତ୍ସାହନ ଦେଇଥାଏ, ହଜାର ହଜାର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଚାକିରି ସୃଷ୍ଟି କରେ, ଗବେଷଣା ଓ ବିକାଶରେ ନିବେଶ ବୃଦ୍ଧି କରେ ଏବଂ ବିଦେଶୀ ମୁଦ୍ରା ଅର୍ଜନ କରିବାରେ ସହାୟକ ହୁଏ। ପ୍ରତିରକ୍ଷା ଶିଳ୍ପର ବିସ୍ତାର ଫଳରେ ଏମଏସଏମଇ, ଷ୍ଟାର୍ଟଅପ୍ ଏବଂ ବେସରକାରି କମ୍ପାନୀମାନଙ୍କ ପାଇଁ ମଧ୍ୟ ନୂତନ ସୁଯୋଗ ସୃଷ୍ଟି ହେଉଛି। ଏହା ଫଳରେ ସମଗ୍ର ପ୍ରତିରକ୍ଷା ଯୋଗାଣ ଶୃଙ୍ଖଳ ସୁଦୃଢ଼ ହେଉଛି ଏବଂ ଭାରତର ଔଦ୍ୟୋଗିକ ଭିତ୍ତିଭୂମି ଆହୁରି ବ୍ୟାପକ ହେଉଛି। ତେବେ ଏହାକୁ ନେଇ ଭାରତ ସମ୍ମୁଖରେ ଅନେକ ଚ୍ୟାଲେଞ୍ଜ ମଧ୍ୟ ରହିଛି। ବିଶ୍ୱ ପ୍ରତିରକ୍ଷା ବଜାରରେ ଆମେରିକା, ରୁଷ, ଫ୍ରାନ୍ସ, ଚୀନ ଏବଂ ଇସ୍ରାଏଲ ଭଳି ଦେଶମାନଙ୍କର ଶକ୍ତିଶାଳୀ ଉପସ୍ଥିତି ରହିଛି। ଏହି ପରିସ୍ଥିତିରେ ଭାରତ ପାଇଁ କେବଳ ଆଧୁନିକ ଅସ୍ତ୍ରଶସ୍ତ୍ର ବିକାଶ କରିବା ପର୍ଯ୍ୟାପ୍ତ ନୁହେଁ; ବରଂ ବିକ୍ରୟ ପରବର୍ତ୍ତୀ ସେବା, ସ୍ପେୟାର ପାର୍ଟ୍ସର ଉପଲବ୍ଧତା, ପ୍ରଶିକ୍ଷଣ, ପ୍ରଯୁକ୍ତିଗତ ସହାୟତା ଏବଂ ସମୟୋଚିତ ଯୋଗାଣ ଭଳି ସେବାଗୁଡ଼ିକୁ ମଧ୍ୟ ସୁଦୃଢ଼ କରିବା ଆବଶ୍ୟକ। ବିଶେଷଜ୍ଞମାନଙ୍କ କହିବା ଅନୁସାରେ, ଯଦି ଭାରତ ଏହି କ୍ଷେତ୍ରଗୁଡ଼ିକରେ ମଧ୍ୟ ବିଶ୍ୱସନୀୟତା ହାସଲ କରିବାରେ ସଫଳ ହେବ, ତେବେ ଏହା ବିଶ୍ୱ ପ୍ରତିରକ୍ଷା ରପ୍ତାନି ବଜାରରେ ଅଧିକ ସୁଦୃଢ଼ ସ୍ଥିତି ହାସଲ କରିପାରିବ।

ଭବିଷ୍ୟତ ଦୃଷ୍ଟିକୋଣରୁ ଭାରତର ସମ୍ଭାବନା ଅତ୍ୟନ୍ତ ଉଜ୍ଜ୍ୱଳ ଦେଖାଯାଉଛି। ବ୍ରହ୍ମୋସ୍ ବ୍ୟତୀତ ଆକାଶ ବାୟୁ ପ୍ରତିରକ୍ଷା ପ୍ରଣାଳୀ, ପିନାକା ରକେଟ୍ ପ୍ରଣାଳୀ, ସ୍ୱଦେଶୀ ରାଡାର, ହେଲିକପ୍ଟର, ଡ୍ରୋନ୍ ଏବଂ ଅନ୍ୟାନ୍ୟ ପ୍ରତିରକ୍ଷା ପ୍ଲାଟଫର୍ମମାନେ ମଧ୍ୟ ବିଶ୍ୱ ବଜାରରେ ନିଜ ସ୍ଥାନ ଗଢ଼ିପାରିବେ। ଯଦି ସରକାର, ପ୍ରତିରକ୍ଷା ଶିଳ୍ପ ଏବଂ ଗବେଷଣା ସଂସ୍ଥାଗୁଡ଼ିକ ଏହି ଗତିରେ କାର୍ଯ୍ୟ କରି ଚାଲନ୍ତି, ତେବେ ଆଗାମୀ ବର୍ଷଗୁଡ଼ିକରେ ଭାରତ ବିଶ୍ୱର ପ୍ରମୁଖ ପ୍ରତିରକ୍ଷା ରପ୍ତାନିକାରୀ ଦେଶମାନଙ୍କ ଶ୍ରେଣୀରେ ସାମିଲ ହୋଇପାରିବ।

ତେଣୁ ଆମେ କହି ପାରିବା ଯେ. ଭାରତର ପ୍ରତିରକ୍ଷା ରପ୍ତାନି କେବଳ ଅସ୍ତ୍ରଶସ୍ତ୍ର ବିକ୍ରୟରେ ସୀମିତ ନୁହେଁ। ଏହା ଦେଶର ପ୍ରଯୁକ୍ତିଗତ ଦକ୍ଷତା, ଔଦ୍ୟୋଗିକ ଆତ୍ମନିର୍ଭରତା, ଆର୍ଥିକ ସାମର୍ଥ୍ୟ ଏବଂ ରଣନୈତିକ କୂଟନୀତିର ଏକ ସମନ୍ୱିତ ପ୍ରତିଫଳନ। ବ୍ରହ୍ମୋସ୍ ଭଳି ସ୍ୱଦେଶୀ ପ୍ରତିରକ୍ଷା ପ୍ରଣାଳୀର ବିଶ୍ୱସ୍ତରୀୟ ସ୍ୱୀକୃତି, ବିଭିନ୍ନ ଦେଶ ସହ ବୃଦ୍ଧି ପାଉଥିବା ପ୍ରତିରକ୍ଷା ସହଯୋଗ ଚୁକ୍ତି ଏବଂ ରପ୍ତାନିରେ କ୍ରମାଗତ ଅଭିବୃଦ୍ଧି ଏହା ସ୍ପଷ୍ଟ କରୁଛି ଯେ, ଭାରତ ବର୍ତ୍ତମାନ ବିଶ୍ୱ ପ୍ରତିରକ୍ଷା ଶିଳ୍ପରେ ଏକ ଉଦୀୟମାନ ଶକ୍ତି ଭାବେ ନିଜର ସ୍ଥାନ ସୁଦୃଢ଼ କରିବାରେ ଲାଗିଛି। ଯଦି ଉତ୍ପାଦନ କ୍ଷମତାର ବିସ୍ତାର, ନବସୃଜନ ଏବଂ ଦୀର୍ଘମିଆଦୀ ପ୍ରତିରକ୍ଷା ସହଯୋଗକୁ ସମାନ ଗୁରୁତ୍ୱ ସହ ଆଗକୁ ବଢ଼ାଯାଏ, ତେବେ ଆଗାମୀ ବର୍ଷଗୁଡ଼ିକରେ ଭାରତ କେବଳ ନିଜର ପ୍ରତିରକ୍ଷା ଆବଶ୍ୟକତାକୁ ସ୍ୱଦେଶୀ ଭାବେ ପୂରଣ କରିବ ନୁହେଁ, ବରଂ ବିଶ୍ୱର ଅନେକ ଦେଶ ପାଇଁ ଏକ ବିଶ୍ୱସନୀୟ ପ୍ରତିରକ୍ଷା ସାମଗ୍ରୀ ଯୋଗାଣକାରୀ ଭାବେ ମଧ୍ୟ ପ୍ରତିଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଧୀରେ ଧୀରେ ଭାରତ ଏହି ଦିଗରେ ଅଗ୍ରସର ହେବାରେ ଲାଗିଛି।




## ନୀରବ ଚାହାଣୀ

ରମେଶ ଚନ୍ଦ୍ର ନାୟକ



ଦୀର୍ଘ ବର୍ଷ ପରେ ଗାଆଁକୁ ଫେରିଲା
ଯୁବକଟି ହସି ହସି
ପଡ଼ିଶା ଘରର ଭାଉଜକୁ ଦେଖି
ମନ ତାର ଗଲା ଫସି ।
କାଳର ଆଘାତେ ସିନ୍ଦୂର ଲିଭିଛି
ନୀରବ ହୋଇଛି ମୁହଁ
ଆଖିର କୋଣରେ ଲୁଚି ରହିଥିଲା
ଅନେକ ଅକୁହା କୋହ ।
ସୁନ୍ଦରୀ ଭାଉଜ ସରଳ ହସରେ
ଛୁଟଇ କେତେ ଯନ୍ତ୍ରଣା
ଦେଖି ତା' ଚାହାଣୀ ଯୁବକ ହୃଦୟେ
ଜାଗିଲା ପ୍ରେମ କାମନା।
କହିବ ଚାହିଁଲା ଅନେକ କାହାଣୀ
ଓଠ ଦେଇଥିଲା ବାଧା
ସମାଜ ଭୟରେ ଅଟକି ସେ ଗଲା
ହୃଦୟର ନିରବତା ।
ଦୁଇ ଆଖି ତାଙ୍କ ମିଶିଗଲା ଯେବେ
ଆକାଶେ ଉଇଁଲା ଜହ୍ନ
ଅକୁହା ପ୍ରେମର ଭାଷା ଲେଖୁଥିଲେ
ଗୋପନେ ଦୁଇଟି ମନ ।
କଥା ନକହି ବି ନୟନ ଯୁଗଳ
କହୁଥିଲା ବାରମ୍ବାର
ତୁମେ ଅଛ ମୋର ହୃଦୟ ଭିତରେ
ସତେକି ଚଉକିଦାର ।
ନୀରବ ପ୍ରେମର ଅକୁହା କାହାଣୀ
ରହିଗଲା ମନ ତଳେ
ଦୁଇଟି ହୃଦୟ ଭଲ ପାଉଥିଲେ
ଚାହାଣୀ ଭାଷାର ଛଳେ।

+ କେଶରପୁର,
ବକ୍ସି ବଜାର, କଟକ
ମୋ :- ୭୯୭୮୧୫୧୭୧୦

## ମାଆ

ବିଜୟ କୁମାର ବେହେରା

ଜୀବନ ପଥକୁ ସରଳ କରଇ
ନାଁ ଟି ତାର ମାଆ ।
ସଂସାର ଜଞ୍ଜାଳ ଭାର ବୋହିବାରେ
ଏକମାତ୍ର ସିଏ ସାହା ।।

ନିଜର ବୋଲି ମୁଁ ଭାବୁଛି ଯାହାକୁ
ଦିବାନିଶି ଅବିରତ ।
ମାୟା ଗରଳରେ ବନ୍ଧା ସବୁ ଏଠି
ସିଏ ଏକା ତ ଅମୃତ ।।

ଜୀବନେ ମୋର ଇଛା ନାହିଁ କେବେ
ବୁଲିବାକୁ ଚାରିଧାମ ।
ମା' ସେବା କରି କରିବି ମୁହିଁ
ଜୀବନ ରାସ୍ତା ସୁଗମ ।।

ପଦ୍ମପତ୍ର ପରି ଜଳ ମଧ୍ୟେ ରହି
ଜଳ ନଲାଗୁ ଦେହରେ ।
ମା'କୁ ମୋହର ନଭୁଲେ ଯେପରି
ଅର୍ଥ, ଘର, ଗାଡି ମୋହରେ ।।

ସିଏ ଏକା ମୋର ଅତି ଆପଣାର
ଏ ସାରା ସଂସାରରେ ।
ତା ପାଦ ନଉକା ସାହା ମୋର ଏକା
ଅଥଳ ଭବ ସାଗରରେ ।।

+କେନ୍ଦୁଡାଙ୍ଗିରୀ,
ବାଲେଶ୍ୱର




ଆଜିର ନାରୀର ନିଜସ୍ୱ ପୃଷ୍ଠା

ଧ୍ୱନି ପ୍ରତିଧ୍ୱନି

୫ | ୦୯ ଜୁଲାଇ ୨୦୨୬, ଗୁରୁବାର, ବାଲେଶ୍ୱର


# ମଧୁବାବୁଙ୍କୁ ମିଳୁ ଭାରତ ରତ୍ନ




ଡ଼ଃ.ଅରୁନ୍ଧତୀ ଦେବୀ




ଓଡ଼ିଆ ସ୍ୱାଭିମାନ, ଗୌରବ, ଚେତନା ସବୁକିଛିର ମୂଲ୍ୟବୋଧ ଭାବପୂର୍ଣ୍ଣ ପ୍ରତୀକ ଥିଲେ ଉତ୍କଳଗୌରବ ମଧୁସୂଦନ ଦାସ। ନିକଟରେ ଏହି ମହାନକୃତୀ ପୁରୁଷଙ୍କ ୧୭୮ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ତେବେ ମୋ ପରି ଅନେକ ମଧୁପ୍ରେମୀ ଓ କୋଟି କୋଟି ଓଡ଼ିଆଙ୍କ ଭିତରେ ସ୍ୱାଭାବିକ ଭାବେ ପ୍ରଶ୍ନଟିଏ ଉଠୁଛି ବାସ୍ତବରେ ଏ ରାଜ୍ୟ ପାଇଁ, ଏ ଜାତି ପାଇଁ ଏହି ମହାନ କାଳଜୟୀ ପୁରୁଷ ଯାହା କରିଯାଇଛନ୍ତି ଆମ ଓଡ଼ିଆ ଜାତି ପ୍ରତିଦାନରେ କ'ଣ ଦେଇଛି ?

ଓଡ଼ିଆ ସ୍ୱାଭିମାନର ପ୍ରତୀକ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣୀ ଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ। ଓଡ଼ିଆ ଜାତିର ପ୍ରଥମ ଓକିଲ ଥିଲେ ବୋଲି ଓଡ଼ିଶାବାସୀ ତାଙ୍କୁ ଶ୍ରଦ୍ଧାରେ ମଧୁ ବାରିଷ୍ଟର ଡାକନ୍ତି। ଇଂରେଜ ଶାସନ ଅମଳରେ ଯେଉଁ କେତେ ଜଣ ଓଡ଼ିଆ ଓଡ଼ିଶାବାସୀଙ୍କ ହକ୍ ପାଇଁ ବ୍ରିଟିସ ମାନଙ୍କ ସହ ଆଖିରେ ଆଖି ମିଶାଇ ଲଢୁଥିଲେ ସେଥିରେ ମଧୁ ବାବୁଙ୍କ ନାମ ଆଗରେ ଆସେ। ଓଡ଼ିଆଙ୍କୁ ସ୍ୱତନ୍ତ୍ର ପରିଚୟ ଦେବାଠାରୁ ଆରମ୍ଭ କରି ଜଣେ ନିଜକୁ ଓଡ଼ିଆ ବୋଲି ଗର୍ବ କରିବାକୁ ଯାହା ସବୁ ଆବଶ୍ୟକ ସେଥିପାଇଁ ମଧୁବାବୁଙ୍କର ଅବଦାନ ଅତୁଳନୀୟ। ହେଲେ ଓଡ଼ିଆଙ୍କ ମଉଡ଼ମଣି ବୋଲାଉଥିବା ମଧୁ ବାବୁଙ୍କ ସମ୍ମାନାର୍ଥେ ଓଡ଼ିଆ ଜାତି ଯାହା କରିବା କଥା ତାହା କରିପାରିନି। ମଧୁ ବାବୁ କେବଳ ଓଡ଼ିଆଙ୍କ ମଉଡମଣି ନୁହେଁ, ସେ ଭାରତର ଜଣେ ରତ୍ନ ଥିଲେ। ଭାରତ ସରକାରଙ୍କ ଭାରତ ରତ୍ନ ଉପାଧିରେ ସମ୍ମାନିତ ହେବା ପାଇଁ ତାଙ୍କର ସବୁ ଯୋଗ୍ୟତା ଥାଇ ବି ଆଜି ବି ତାଙ୍କ ନାମକୁ ବିଚାରକୁ ନିଆଯାଉନି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେବା ପରେ ଯେଉଁ ରାଜନେତାମାନେ ସାରାଦେଶରେ ଖ୍ୟାତି ଅର୍ଜନ କଲେ, ସେମାନେ ମଧୁ ବାବୁଙ୍କୁ ଉଚିତ ସମ୍ମାନ ମିଳିବା ନେଇ କେବେ ବି ସମୟୋପଯୋଗୀ ପଦକ୍ଷେପ ନେଲେନି। ଏବେ ସବୁଠି ଓଡ଼ିଆ ଅସ୍ମିତାର ପ୍ରଚାର ହେଉଥିବାବେଳେ ମଧୁବାବୁଙ୍କୁ 'ମରଣୋତ୍ତର ଭାରତ ରତ୍ନ' ମିଳିଲେ ହିଁ ଓଡ଼ିଆ ଅସ୍ମିତାର ଟେକ ରହିବ।

ମଧୁବାବୁଙ୍କୁ ଓଡ଼ିଆ ଜାତିର ପିତା କହିଲେ ଅତ୍ୟୁକ୍ତି ହେବନାହିଁ। କିନ୍ତୁ ପିତୃଋଣ ପରିଶୋଧ ନିମିତ୍ତ ଆମ ଓଡ଼ିଆ ଜାତି କେତେ ସମର୍ଥ ହୋଇପାରିଛି ତାହା ବର୍ତ୍ତମାନ ପରିପ୍ରେକ୍ଷୀରେ ଏକ ବ୍ୟଥିତ କଲାଭଳି ପ୍ରସଙ୍ଗ ଭାବେ ସାମ୍ନାକୁ ଆସୁଛି। ମଧୁବାବୁ ଏକାଧାରାରେ ଜଣେ ଆଇନଜୀବୀ, ରାଜନୈତିକ ବ୍ୟକ୍ତି, ରାଷ୍ଟ୍ର ନିର୍ମାତା ଥିଲେ। ଅଖଣ୍ଡ ଓଡ଼ିଶା ଗଠନ ତାଙ୍କର ସ୍ୱପ୍ନ ଥିଲା। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ତାଙ୍କ ଅବଦାନ ଅତୁଳନୀୟ। ସବୁ ଓଡ଼ିଆ ମଧୁ ବାବୁଙ୍କ ପାଇଁ ଆଜି ଗର୍ବିତ। ଓଡ଼ିଶାର ଶିଳ୍ପ, ଶିକ୍ଷା, ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଉତଥାନରେ ତାଙ୍କ ଅବଦାନ ଚିରସ୍ମରଣୀୟ। ସାରା ଦେଶରେ ଓଡ଼ିଆ ଭାବେ ସେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଯାଇଛନ୍ତି। ମଧୁବାବୁ ଓଡ଼ିଆ ଜାତିର ଗର୍ବ। ଓଡ଼ିଶା ଏକ ଭାଷା ନୁହେଁ ବୋଲି କହୁଥିବା ଲୋକଙ୍କୁ ମଧୁ ବାବୁ ଉଚିତ ଜବାବ ଦେଇଥିଲେ। ସାରା ଦେଶରେ ଓଡ଼ିଆଙ୍କ ପରିଚୟ ଥିଲେ ମଧୁବାବୁ। ତାଙ୍କ ତ୍ୟାଗ ଓ ଜୀବନବ୍ୟାପୀ ସାଧନା ପାଇଁ ଭାଷାଭିତ୍ତିକ ଓଡ଼ିଶା ଗଠନ ସମ୍ଭବ ହୋଇଥିଲା। ଆଇନ କ୍ଷେତ୍ରରେ ତାଙ୍କ ଅବଦାନ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ମଧୁବାବୁଙ୍କ ଭାରତ ରତ୍ନ ପ୍ରଦାନରେ ବହୁତ ବିଳମ୍ବ ହୋଇଯାଇଛି।

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଲିଓ ଟଲଷ୍ଟୟଙ୍କ ସହ ତୁଳନା କରିଥିଲେ ଜାତିର ପିତା ମହାତ୍ମା ଗାନ୍ଧୀ। ମଧୁବାବୁ ଖାଲି ଆଇନଜୀବୀ ନଥିଲେ ସେଥିଲେ ଓଡ଼ିଶା ପ୍ରଥମ ରାଜନୈତିକ ବ୍ୟକ୍ତିତ୍ୱ। ଓଡ଼ିଆରେ କଥା ଅଛି, ମଧୁ ବାବୁ ସାଙ୍ଗେ ଲଢ଼ିବି, କାଳିଆ ଘୋଡ଼ାରେ ଚଢ଼ିବି। ଓଡ଼ିଶାର ସ୍ୱତନ୍ତ୍ର ରାଜ୍ୟ ପାଇଁ ତାଙ୍କର ମୁଖ୍ୟ ଭୂମିକା ଥିଲା। ଓଡ଼ିଶାର ଲୋକମାନଙ୍କୁ କିଭଳି ରୋଜଗାର ମିଳିପାରିବ ସେଥିପାଇଁ ସେ ଶିଳ୍ପ ପ୍ରତିଷ୍ଠା ହେଉ ବୋଲି ଚାହିଁଥିଲେ। ଚମଡ଼ା କାରଖାନା ପ୍ରତିଷ୍ଠା କରିବା, ମହିଳାଙ୍କ ଶିକ୍ଷା ପାଇଁ ଶୈଳବାଳା ମହିଳା କଲେ ପ୍ରତିଷ୍ଠା, ଓଡ଼ିଶା ଭାଷା କିଭଳି ବଞ୍ଚି ରହିବ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ତାଙ୍କର ଭୂମିକା ରହିଛି।

ଅନେକ କିମ୍ବଦନ୍ତୀ, ଅନେକ କାହାଣୀ, ଅନେକ ଉଦାହରଣର କେନ୍ଦ୍ର ଚରିତ୍ରରେ ରହି ଓଡ଼ିଶାର ଜନଜୀବନକୁ କେବଳ ପ୍ରଭାବିତ କରିନଥିଲେ ଏ ଓଡ଼ିଆ ଜାତିକୁ ନୂଆ ପରିଚୟ ଆଉ ଆଗକୁ ବଢ଼ିବାର ଦିଗଦର୍ଶନ ଦେବା ପାଇଁ ସେ ଅନେକ କିଛି ତ୍ୟାଗ କରିଥିଲେ। ଓଡ଼ିଶା ମାଟି ପାଇଁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅବଦାନ ଅବର୍ଣ୍ଣନୀୟ। ଉତ୍କଳ ପ୍ରଦେଶ ଗଠନରେ ତାଙ୍କ ଭୂମିକାକୁ କେହି ବି ଭୁଲି ପାରିବେନି। କହିବାକୁଗଲେ ସେ ହେଉଛନ୍ତି ଓଡ଼ିଆ ଜାତିର ପିତା। ଆଉ ଆଜି ଆମେ ଗର୍ବରେ କହୁଥିବା ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରାର ସେ ହେଉଛନ୍ତି କର୍ଣ୍ଣଧାର।

ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର କ୍ଷିଏ ପ୍ରତୀକ, ସେ ହେଉଛନ୍ତି ଉତ୍କଳ ଗୌରବ ମଧୁସୂଦନ ଦାସ। କୋଟି ଓଡ଼ିଆର ମଉଡ଼ମଣି ଜଗତର ନାଥ ଜଗନ୍ନାଥଙ୍କ ଆଦ୍ୟ ସେବକ ଗଜପତିଙ୍କ ପାଇଁ ଆଇନଗତ ଲଢ଼େଇ ମଧୁବାବୁ ସଫଳ ହୋଇଥିଲେ। ଓଡ଼ିଆଙ୍କ ସ୍ୱାର୍ଥ ଓ ସ୍ୱାଭିମାନକୁ ସେ ବଞ୍ଚାଇଥିଲେ। ଓଡ଼ିଆ ସ୍ୱାଭିମାନର ପ୍ରତୀକ ମଧୁବାବୁଙ୍କ ପାଇଁ ଭାରତ ରତ୍ନ ସମ୍ମାନ ବି କମ ହେବ। ମଧୁବାବୁଙ୍କ ସ୍ଥାନ ସବୁଠୁ ଉର୍ଦ୍ଧ୍ୱରେ। ଯିଏକି ନିଜ ସାରା ଜୀବନ ମାଟି ଓ ମା' ପାଇଁ ଉତ୍ସର୍ଗ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ଗଠନ, ଓଡ଼ିଶାର ଅସ୍ମିତା ଜଗନ୍ନାଥ ମହାପ୍ରଭୁଙ୍କ ପରମ୍ପରାର ସୁରକ୍ଷା ଏବଂ ଓଡ଼ିଆ ଜାତିର ଅସ୍ତିତ୍ୱକୁ ବଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ ବ୍ରହ୍ମପୁର ମାଟିର ସୁଯୋଗ୍ୟ ଦାୟାଦ ଭି.ଭି.ଗିରିଙ୍କୁ ଭାରତ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। କିନ୍ତୁ ଆଜି ପର୍ଯ୍ୟନ୍ତ ମାଟିର ସୁଯୋଗ୍ୟ ସନ୍ତାନଙ୍କ ବିଷୟରେ ସହରବାସୀ ଅଜ୍ଞ। ମଧୁବାବୁଙ୍କୁ ଭାରତ ରତ୍ନ ପ୍ରଦାନ ଦିଗରେ ସରକାର ବିଚାର କରିବାର ସମୟ ଆସିଛି।

ମଧୁବାବୁ ହେଉଛନ୍ତି ଅଦ୍ୱିତୀୟ, ସୁଦକ୍ଷ ଜନନାୟକ ଓ ପ୍ରଜ୍ଞାପୁରୁଷ। ମା' ଓ ମାଟିର ସୁରକ୍ଷା ପାଇଁ ତାଙ୍କ ତ୍ୟାଗ, ନିଷ୍ଠା ଓ ସଂକଳ୍ପ ଅତୁଳନୀୟ। ସେ କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତବାସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସଂଗ୍ରାମ ଓ ସଂଘର୍ଷମୟ ଜୀବନଯାପନ କରି ଓଡ଼ିଆଙ୍କ ସାମୂହିକ ବିକାଶ ଚିନ୍ତା କରୁଥିଲେ। ଏଣୁ ଏଭଳି ଜଣେ ବ୍ୟକ୍ତିତ୍ୱ ତଥା ସ୍ୱାଭିମାନୀ ମହାପୁରୁଷଙ୍କୁ ଭାରତ ରତ୍ନ ଭଳି ସମ୍ମାନରେ ସମ୍ମାନିତ କରାଗଲେ ନିଶ୍ଚିତ ଭାବେ ଯୁବପିଢ଼ିଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି ହୋଇପାରିବ। ମନେପଡ଼ିଯାଉଛି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଦ୍ୱାରା ଲିଖିତ ଉଦବୋଧନୀ କବିତାର ଧାଡ଼ିଟିଏ - 'ଜାତି ଇତିହାସ ଜାତିର ନିର୍ଝର, ତହୁଁ ବହୁଅଛି ଜାତିପ୍ରାଣ ଧାର, ସେ ଧାରରୁ ନିର ପିଉଛି ଯେ ନର, ନିଶ୍ଚୟ ହେବେ ସେ ଜାତି କର୍ମବୀର'।


ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ
ଅଶୋଭନୀୟତା ନିରୋଧ ଆନ୍ଦୋଳନ,
କଟକ,
ଦୂରଭାଷ : ୯୯୩୭୧୭୨୮୧୦


# 'ନିଆଁ ଆଉ ପାଣି'


ବିକାଶୀ ପ୍ରିୟଦର୍ଶିନୀ ରାଉତ




ଶ୍ରାବଣ ମାସର ସନ୍ଧ୍ୟା। କଟକ ଜୋବ୍ରା ବ୍ରିଜ୍ ତଳେ ମହାନଦୀ ବହି ଯାଉଥିଲା ନୀରବରେ, ଯେମିତି କାହା କଥା ଶୁଣିବାକୁ ଚାହୁଁନି। ବ୍ରିଜ୍ ଉପରେ ଛିଡା ହୋଇଥିଲା ସୁଧାଂଶୁ। ବୟସ ଅଠେଇଶ। ହାତରେ ଥିଲା ଗୋଟେ ଖାଲି ବୋତଲ ଆଉ ପକେଟରେ ଥିଲା ତା ବାପାର ଶେଷ ଫଟୋ। ବାପା ଯେତେବେଳେ ମରିଥିଲେ, ତାଙ୍କ ମୁହଁରୁ ବାହାରୁଥିଲା କେବଳ ଗୋଟେ ଗନ୍ଧ, ଦେଶୀ ମଦର ଗନ୍ଧ।

'ମାଉସୀ, ତମ ପୁଅକୁ ସମ୍ଭାଳ। ନହେଲେ ଦିନେ ଜେଲ୍ ରେ ସଢ଼ିବ।'

ଆଜି ସନ୍ଧ୍ୟାରେ ସୁଧାଂଶୁକୁ ଚାକିରିରୁ ବାହାର କରିଦିଆଗଲା। କାରଣ ସେ କଷ୍ଟମରଙ୍କ ସାମ୍ନାରେ ନିଶାରେ ଗାଳି କରିଦେଲା। ମାଲିକ କହିଲେ,'ତମ ଭଳି ଲୋକ ପାଇଁ ମୋ ଦୋକାନର ବଦନାମ।' ସେଇ ଅପମାନ ପିଇବାକୁ ସେ ପୁଣି ବାର୍ ଗଲା। ତିନି ପେଗ୍ ପରେ ମନେ ପଡିଲା, ଆଜି ମା'ର ଜନ୍ମଦିନ। ଗତ ବର୍ଷ ସେ କଥା ଦେଇଥିଲା, 'ମା, ଏ ବର୍ଷ ତମ ଜନ୍ମଦିନରେ ମୁଁ ମଦ ଛୁଇଁବିନି।' କିନ୍ତୁ କଥା ରଖିପାରିଲା ନାହିଁ।

ସେଇଥିପାଇଁ ସେ ଏବେ ଜୋବ୍ରା ବ୍ରିଜ୍ ଉପରେ। ତଳକୁ ଡେଇଁଲେ ସବୁ ସରିଯିବ। ନା ଅପମାନ, ନା ଯନ୍ତ୍ରଣା, ନା ମା'ର ଲୁହ। ସେ ଆଖି ବନ୍ଦ କଲା। ଠିକ୍ ସେତିକିବେଳେ ପଛରୁ କିଏ ଜଣେ ଡାକିଲା- 'ଭାଇ !'

ସୁଧାଂଶୁ ବୁଲି ଚାହିଁଲା। ଦଶ-ଏଗାର ବର୍ଷର ଗୋଟେ ପିଲା। ହାତରେ ଫୁଲ



ସୁଧାଂଶୁର ବାପା ଦିବାକର ପାତ୍ର ଥିଲେ ଗାଁ ସ୍କୁଲର ହେଡମାଷ୍ଟର। ଧୋତି ପିନ୍ଧିଲେ ଲାଗୁଥିଲେ ଯେମିତି ସରସ୍ୱତୀର ପୁଅ। କିନ୍ତୁ ସନ୍ଧ୍ୟା ହେଲେ ସେଇ ଧୋତି ପାଲଟି ଯାଉଥିଲା ଅପମାନର ଚାଦର। ପ୍ରଥମେ ସପ୍ତାହକୁ ଦିନେ, ତାପରେ ଦିନକୁ ଦୁଇଥର। ଯେଉଁ ହାତ ବ୍ଲାକବୋର୍ଡରେ 'ଅ' 'ଆ' ଲେଖୁଥିଲା, ସେଇ ହାତ ପରେ ନିଜ ସ୍ତ୍ରୀ ମାଳତୀର ଗାଲ ଉପରେ ଚିହ୍ନ ଛାଡୁଥିଲା । ମାଳତୀ କିଛି କହୁ ନ ଥିଲା। କାରଣ ସେ ଜାଣିଥିଲା, ମଦ ପିଇଲେ ମଣିଷ କଥା କହେନି, ମଦ କଥା କହେ।

ଟଙ୍କା ସରିଗଲା। ଜମି ବିକ୍ରି ହେଲା। ତାପରେ ମାଳତୀର ହାତର ଶଙ୍ଖା। ଶେଷରେ ଦିବାକର ବାବୁ ସ୍କୁଲର ଫଣ୍ଡରୁ ଟଙ୍କା ଉଠାଇଲେ। ଗାଁ ଲୋକ ଯେତେବେଳେ ଜାଣିଲେ, ସେଦିନ ପଞ୍ଚାୟତ ବସିଲା। ଯେଉଁ ଦିବାକର ମାଷ୍ଟ୍ରଙ୍କୁ ଲୋକେ ପାଦ ଛୁଉଁଥିଲେ, ସେଇଦିନ ସେଇ ଲୋକେ ତାଙ୍କ ମୁହଁକୁ ଚାହିଁଲେ ନାହିଁ। ନିନ୍ଦା କ'ଣ ହୋଇପାରେ, ଦିବାକର ସେଦିନ ବୁଝିଲେ । କିନ୍ତୁ ମଦ ସେ ବୁଝିବାକୁ ଦେଲା ନାହିଁ।

ସେଇ ରାତିରେ ଦିବାକର ନିଖୋଜ ହୋଇଗଲେ । ତିନିଦିନ ପରେ ତାଙ୍କ ଶବ ମିଳିଲା ଗାଁ ପୋଖରୀ ହୁଡାରେ। ପୋଷ୍ଟମର୍ଟମ ରିପୋର୍ଟ କହିଲା, ଲିଭର ସିରୋସିସ୍। କିନ୍ତୁ ମାଳତୀ ଜାଣିଥିଲା, ତା ସ୍ୱାମୀ ମରିଥିଲେ ଅପମାନରେ। ଶୁଦ୍ଧି କାମରେ କେହି ଖାଇଲେ ନାହିଁ। କାରଣ ଲୋକେ କହିଲେ, 'ମଦୁଆର ଘରେ ଖାଇଲେ ପାପ ଲାଗେ।'

ସୁଧାଂଶୁ ସେତେବେଳେ ବି.ଏ. ପଢୁଥିଲା। ବାପାଙ୍କର ମୃତ୍ୟୁ ପରେ ପାଠ ଛାଡିଦେଲା। ମା'କୁ ନେଇ କଟକ ଚାଲିଆସିଲା। ଭାବିଥିଲା ସହରରେ କେହି ଜାଣିବେନି ତା ବାପା କିଏ ଥିଲେ । କିନ୍ତୁ ମଦର ଛାୟା ଲମ୍ବା। ତାକୁ ବି ଗୋଡାଇଲା। ପ୍ରଥମେ ଦୁଃଖ ଭୁଲିବାକୁ, ତାପରେ ଅଭ୍ୟାସରେ।

ମାଳତୀ ଏବେ ଲୋକଙ୍କ ଘରେ ରୋଷେଇ କରେ। ପଚାଶ ବର୍ଷ ବୟସରେ ବି ତା ଆଖି ତଳେ କଳା ଦାଗ। ସେ ଦାଗ ବୟସର ନୁହେଁ, ନିଦ ନ ହେବାର। କାରଣ ପ୍ରତି ରାତିରେ ସେ ଅନେଇ ବସେ । ପୁଅ କେତେବେଳେ ଫେରିବ, କେମିତି ଅବସ୍ଥାରେ ଫେରିବ। ଗତ ମାସରେ ସୁଧାଂଶୁ ନିଶାରେ ଘର ଟିଭି ଭାଙ୍ଗିଦେଲା। ପଡୋଶୀ ଥାନାକୁ ଫୋନ୍ କଲେ। ପୁଲିସ ଆସି ନେଇଗଲା। ମାଳତୀ ଥାନାରେ ଛିଡା ହୋଇ କାନ୍ଦୁଥିଲା। ଇନସପେକ୍ଟର କହିଲା,

ବିକୁଛି। ପିଲାଟା କହିଲା, 'ଭାଇ, ମୋ ବାପା ବି ତମ ପରି ବ୍ରିଜ୍ ଉପରୁ ଡେଇଁଥିଲା। ମଦ ପିଇ ପିଇ। ତାପରେ ମା' ମୋତେ ନେଇ ଭିକ ମାଗୁଛି। ତମେ ଡେଇଁବ ନାହିଁ। ତମ ମା' ବି ଭିକ ମାଗିବ।'

ସୁଧାଂଶୁର ହାତରୁ ଖାଲି ବୋତଲ ଖସିପଡିଲା। ତଳେ ମହାନଦୀରେ ନୁହେଁ, ତା ଭିତରେ କିଛି ଗୋଟେ ଭାଙ୍ଗିଗଲା। ସେ ପିଲାଟାକୁ ଧରି କାନ୍ଦି ପକେଇଲା। ପ୍ରଥମ ଥର ପାଇଁ ତା ଲୁହରେ ମଦର ଗନ୍ଧ ନ ଥିଲା। ଥିଲା କେବଳ ପାଣି ନିଆଁକୁ ଲିଭେଇବା ପରି ପାଣି।

ସେ ରାତି ସେ ଘରକୁ ଫେରିଲା। ମାଳତୀ ଦୁଆର ପାଖରେ ବସିଥିଲା। ପୁଅକୁ ଦେଖି କିଛି କହିଲା ନାହିଁ। କେବଳ ଥାଳିଟେ ବଢାଇଦେଲା। ଭାତ ଥଣ୍ଡା ହୋଇଯାଇଥିଲା। କିନ୍ତୁ ସୁଧାଂଶୁ ପାଇଁ ସେଇଟା ଥିଲା ଜୀବନର ସବୁଠୁ ଗରମ ଭାତ।

ତିନି ବର୍ଷ ପରେ। କଟକ ଚାଉଳିଆ ଗଞ୍ଜରେ ଏବେ ଗୋଟେ ଛୋଟ ଚା' ଦୋକାନ 'ମା'ର ଆଶୀର୍ବାଦ'। ଦୋକାନ ଚଳାଏ ସୁଧାଂଶୁ। ଦୋକାନ ଆଗରେ ଲେଖାଅଛି 'ଏଠାରେ ନିଶା ମନା'। ସନ୍ଧ୍ୟାବେଳେ ସେ ବସ୍ତିର ପିଲାଙ୍କୁ ମାଗଣାରେ ପଢାଏ। ସେଇ ଫୁଲ ବିକାଳି ପିଲାଟା ଏବେ ନବମ ଶ୍ରେଣୀରେ। ତା ନାଁ ରାଜୁ। ରାଜୁ କୁହେ, 'ସୁଧାଂଶୁ ଭାଇ ମୋତେ ବ୍ରିଜ୍ ଉପରୁ ନୁହେଁ, ଜୀବନ ଉପରକୁ ଟାଣି ଆଣିଲା।'

ମାଳତୀ ଏବେ ଆଉ ଲୋକଙ୍କ ଘରେ ରୋଷେଇ କରେନି। ଦୋକାନରେ ବସି ଚା' କପ୍ ଧୁଏ। ଲୋକେ କୁହନ୍ତି, 'ମାଉସୀ, ତମ ଚା'ରେ କି ଯାଦୁ ଅଛି ?' ମାଳତୀ ହସିଦେଇ କୁହେ, 'ନିଆଁ ଲିଭିଗଲେ ପାଣି ମିଠା ଲାଗେ।'

ଦିବାକର ମାଷ୍ଟ୍ରଙ୍କ ଫଟୋ ଏବେ ବି ଘରେ ଅଛି। କିନ୍ତୁ ତା ତଳେ ଆଉ ବୋତଲ ନାହିଁ। ଅଛି ସୁଧାଂଶୁର ନିଶାମୁକ୍ତି କେନ୍ଦ୍ରର ସାର୍ଟିଫିକେଟ୍। ତାରିଖ ପଡିଛି, ଯେଉଁଦିନ ସେ ଜୋବ୍ରା ବ୍ରିଜ୍‌ରୁ ଡେଇଁ ନ ଥିଲା।

ମହାନଦୀ ଆଜି ବି ବହୁଛି। କିନ୍ତୁ ସୁଧାଂଶୁ ଜାଣିଗଲାଣି ଜୀବନ ବ୍ରିଜ୍ ଉପରେ ନୁହେଁ, ବ୍ରିଜ୍ ପାର୍ ହେଲା ପରେ। ଆଉ ମଦ ସେ ନିଆଁ, ଯାହା ପ୍ରଥମେ ଶୀତ ଦୂର କରେ ବୋଲି ଲାଗେ, କିନ୍ତୁ ଶେଷରେ ଘରକୁ ହିଁ ଜାଳିଦିଏ। ସେଇ ନିଆଁକୁ ଲିଭେଇବାକୁ ଦରକାର କେବଳ ଗୋଟେ ବୁନ୍ଦା ପାଣି । ସେ ନିଜ ଲୁହର ହେଉ, କି ମା'ର ଲୁହର, କି ଅନୁତାପର।


+ବଡ଼ପଲ୍ଲୀ, ରାଜନଗର, କେନ୍ଦ୍ରାପଡ଼ା


# ହରିଚରଣେ ଚିର ନିବେଦନ


ପୂଜା ସା




ହରି ହରି ବୋଲି ହୃଦୟର ବୀଣା
ହାହାକାର ତୋଳେ ନିତି,
ହେ ଅନନ୍ତ ! ତୁମ ନିରବ ଉତ୍ତରେ
ହଜିଯାଏ ମୋର ସ୍ମୃତି।

ହରିଥିଲ ତୁମେ ଗଜର ବେଦନା,
ହରିଥିଲ ଭକ୍ତର ଦୁଃଖ,
ହେ ମାଧବ, ମୋର ଲୁହର ଭାଷା,
ହେଲା କି ତୁମ ପାଖେ ମୂକ ?

ହରିଥିଲ ତୁମେ ବିଭୀଷଣ ଶରଣ,
ହରିଥିଲ ସୁଦାମା ମାନ,
ହେ ଦୀନବନ୍ଧୁ ! ମୋ ଶୂନ୍ୟ ଜୀବନେ
ଭରିଦିଅ ଭକ୍ତିର ପ୍ରାଣ।

ହରି ବିନା ଏ ହୃଦସ୍ପନ୍ଦନ
ନିଃଶବ୍ଦ ଶ୍ମଶାନର ସ୍ୱର,
ହେ ଘନଶ୍ୟାମ ! ତୁମ ନାମାମୃତେ
ସଞ୍ଜୀବିତ ହୁଏ ଜୀବନ-ଡୋର।

ହେ ଚକାଡୋଳା ! ଏ ଚଞ୍ଚଳ ମନ
ହଜାର ପଥେ ଭ୍ରମେ,
ହାତଟି ଧରି ପଥ ଦେଖାଇଦିଅ,
ହେଉ ଲୀନ ତୁମ ପ୍ରେମେ।

ହୀରା, ମାଣିକ୍ୟ, ରତ୍ନର ପ୍ରାଚୁର୍ଯ୍ୟ
ହୃଦୟେ ଜଗାଏନି ଲୋଭ,
ହେ ଚକାନୟନ ! ଚରଣ-ରେଣୁଟିଏ
ହେଉ ମୋ ଜୀବନର ସୌରଭ।

ହେ ନୀଳାଦ୍ରିନାଥ ! ଅଶ୍ରୁର ଅର୍ଘ୍ୟେ
ହେମନ୍ତର ଶିଶିର ଝରେ,
ହଜାର ପ୍ରାର୍ଥନା ଚରଣେ ବିଛାଇ
ହତଭାଗ୍ୟ ଭକ୍ତ ଡାକେ ଥରେ।

ହେ ମାଧବ ! ପାପର ପଙ୍କେ ଯଦି ବୁଡ଼ିଅଛି
ମୋର ଏ ଅଭିମାନୀ ପ୍ରାଣ,
ହରିନିଅ ପ୍ରଭୁ ସମସ୍ତ ଅହଂ,
ଦିଅ କେବଳ ଭକ୍ତିର ଦାନ।

ହୃଦୟ ମନ୍ଦିର ଦୁଆରେ ପ୍ରଭୁ,
ହରଷେ ଜଳାଇଛି ଦୀପ,
ହେବ କି ଆଜି ତୁମ ଶୁଭ ଆଗମନ,
ହରିବ ସଂସାର ତାପ।

ହାରିବା ପୂର୍ବରୁ କୋଳେ ନେଇନିଅ,
ହେ ପତିତପାବନ ହରି,
ହେଉ ମୋର ଆତ୍ମା ଚିରକାଳ ପାଇଁ
ତୁମ ପାଦପଦ୍ମେ ଅଧିକାରୀ।

ଶେଷ ନିଶ୍ୱାସର ଅନ୍ତିମ କ୍ଷଣେ
ରହୁ କେବଳ ତୁମରି ନାମ,
ହସି ହସି ଛାଡ଼ିବି ଏ ସଂସାର
ପାଇ ତୁମ ଚରଣଧାମ।

ଜନ୍ମେ ଜନ୍ମେ ନାହିଁ ମୋର କାମନା
ସ୍ୱର୍ଗ, ସିଦ୍ଧି କି ମୋକ୍ଷଧାମ,
ତୁମ ଚରଣେ ଭକ୍ତିର ଅଶ୍ରୁ ହୋଇ
ଝରୁ ମୋର ସମସ୍ତ ପ୍ରାଣ।


+ଦେପୁର, ଭବାନୀପାଟଣା (କଳାହାଣ୍ଡି)




# ବର୍ଷା


ଡଃ ମାଙ୍ଗଳିକା ମହାପାତ୍ର




ବର୍ଷା...
ଯେବେ ତାକୁ କରେ ମୁଁ ଈର୍ଷା
ସେ ଆସି ମୋ ପାଖରେ ଗେହ୍ଲେଇ ହୁଏ
କାନ ପାଖରେ କୁହେ.. ଆଗୋ ପ୍ରେମିକା
କର ତ ମୋ ଉପରେ ଭରସା
ତୁମେ ମୋର ଆଶା ଓ ନିରାଶା
କେମିତି କହିବି ମୋ ଦୁର୍ବଳତାକୁ
ସବୁରି ଆଗରେ ପାଉ ନାହିଁ ଯେ ଭାଷା
ଭୁଲିକି ଗଲ.. କେତେ ଥର ଭିଜିଛ
ମୋ କୋମଳ ପରଶରେ
ପାଗଳ ପ୍ରେମିକ ମୁଁ
ରୁହେ ସଦା ତୁମ ଆଶାରେ
ମନ କଥା କହି ପାରେନି ବୋଲି
ରଖେ ସବୁ ହୃଦୟରେ
ମନର ବ୍ୟଥା ସବୁକୁ
ବଖାଣେ ନୀରବତାରେ
ଯେତେ କର ପଛେ ଈର୍ଷା
ଉଠାଅ ନାହିଁ ମୋ ଉପରୁ ଭରସା
କେବଳ ତୁମକୁ.. ହଁ.. ତୁମକୁ ହିଁ
ଭିଜାଇବାକୁ ଆସିଛି ମୁଁ ବର୍ଷା...


+ ରେଭେନସା ବିଶ୍ୱବିଦ୍ୟାଳୟ


# ଅକୁହା ଅନୁରାଗ


ଅନସୂୟା ପଣ୍ଡା




ଶାୟିତ ତୁମ ଚପଳ ଛନ୍ଦ
ରଙ୍ଗ ଅଧର ବେଣୁ
ଶାୟିତା ପୁଣି ଯମୁନାକୂଳ
ଉଲ୍ଲସିତ ତା' ଢେଉ
ନଥିଲେ ଥାଅ ପାଖରେ ମୋର
ଦେହର ସ୍ପର୍ଶ ହୋଇ
ସୂକ୍ଷ୍ମ ମନର ଅଖଣ୍ଡ ଦୀପ
ଆଦ୍ୟ ଜ୍ୟୋତିଟି ହୋଇ
ମୃଦୁ ହସରେ ଚହଲି ଯାଅ
ଅଲିଖିତ ଚୁକ୍ତିପତ୍ରଟି ନେଇ।
ନ ଶୁଭୁ ପଛେ ବଂଶୀର ସ୍ୱନ
ସ୍ପନ୍ଦନ ମୋ'ର ତେଜି
ନ ଦିଶ ପଛେ କଦମ୍ବ ବନେ
ପୀତାମ୍ବରୀରେ ସାଜି
ଅଛି ମୋ ପାଶେ ବଂଶୀଟି ବନ୍ଧା
ପଞ୍ଚଭୂତରେ ମିଶି
ତିନ୍ତିଛି ସିଏ ଅନୁରାଗରେ
ପବିତ୍ର ଆତ୍ମାକୁ ଭେଦି।


+ ଭୁବନେଶ୍ୱର
ମୋ: ୯୪୩୯୨୧୧୯୭୧

# ପୁରୀ–କୋରାପୁଟ ତ୍ରି-ସାପ୍ତାହିକ ଏକ୍ସପ୍ରେସ ହେଲା ନିୟମିତ : ଜୁଲାଇ ୧୧ରେ ପୁରୀରୁ ଏବଂ ଜୁଲାଇ ୧୨ରୁ କୋରାପୁଟରୁ କରିବ ଚଳାଚଳ

ସମ୍ବଲପୁର, ୦୮/୦୭ (ନି.ପ୍ର): ଓଡ଼ିଶାରେ ରେଳ ସଂଯୋଗକୁ ସୁଦୃଢ଼ କରିବା ଦିଗରେ ଭାରତୀୟ ରେଳପଥ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ଗତ ୦୬ ଜୁଲାଇ ୨୦୨୬ ତାରିଖରେ ପୁରୀ ରେଳ ଷ୍ଟେସନରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ଶୁଭାରମ୍ଭ ପରେ ପୁରୀ–କୋରାପୁଟ–ପୁରୀ ତ୍ରି-ସାପ୍ତାହିକ ଏକ୍ସପ୍ରେସ ବର୍ତ୍ତମାନ ନିୟମିତ ଭାବେ ଚଳାଚଳ କରିବ। ଏହି ଟ୍ରେନ ୧୧ ଜୁଲାଇ ୨୦୨୬ ଠାରୁ ପୁରୀରୁ ଏବଂ ୧୨ ଜୁଲାଇ ୨୦୨୬ ଠାରୁ କୋରାପୁଟରୁ ନିୟମିତ ଭାବରେ ଚଳାଚଳ କରିବ। ଟ୍ରେନ୍ ନଂ. ୧୮୪୦୭ ପୁରୀ–କୋରାପୁଟ ତ୍ରି-ସାପ୍ତାହିକ ଏକ୍ସପ୍ରେସ ୧୧ ଜୁଲାଇ ୨୦୨୬ ଠାରୁ ପ୍ରତ୍ୟେକ ସୋମବାର, ଗୁରୁବାର ଓ ଶନିବାର ଚଳାଚଳ କରିବ। ଟ୍ରେନଟି ସକାଳ ୭:୦୦ଟାରେ ପୁରୀରୁ ଛାଡ଼ି ସେହିଦିନ ରାତି ୧୧:୩୦ଟାରେ କୋରାପୁଟରେ ପହଂଚିବ। ସେହିପରି ଟ୍ରେନ ନଂ. ୧୮୪୦୮ କୋରାପୁଟ–ପୁରୀ ତ୍ରି-ସାପ୍ତାହିକ ଏକ୍ସପ୍ରେସ ୧୨ ଜୁଲାଇ ୨୦୨୬ ଠାରୁ ପ୍ରତ୍ୟେକ ମଙ୍ଗଳବାର, ଶୁକ୍ରବାର ଓ ରବିବାର ଚଳାଚଳ କରିବ। ଏହା ସକାଳ ୫:୦୦ଟାରେ କୋରାପୁଟରୁ ଛାଡ଼ି ସେହିଦିନ ରାତି ୧୦:୨୦ଟାରେ ପୁରୀରେ ପହଂଚିବ। ଏହି ଟ୍ରେନ୍ ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, ନରାଜ୍ ମାର୍ଥାପୁର, ଢେଙ୍କାନାଳ, ତାଳଚେର ରୋଡ୍, ଅନୁଗୁଳ, ବଇଣ୍ଡା, ରେଢାଖୋଲ, ସମ୍ବଲପୁର, ବରଗଡ଼ ରୋଡ୍, ବଲାଙ୍ଗୀର, ଟିଟିଲାଗଡ଼, କେସିଙ୍ଗା, ମୁନିଗୁଡ଼ା, ରାୟଗଡ଼ା, ଟିକିରି, ଲକ୍ଷ୍ମୀପୁର ରୋଡ୍, କାକିରିଗୁମ୍ମା ଏବଂ ଦାମନଯୋଡ଼ି ଭଳି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନରେ ରହଣି କରିବ। ଏହା ଦ୍ୱାରା ଉପକୂଳ, ମଧ୍ୟ ଓ ଦକ୍ଷିଣ ଓଡ଼ିଶାର ଯାତ୍ରୀମାନେ ଅଧିକ ସୁବିଧାଜନକ ରେଳ ସଂଯୋଗ ପାଇପାରିବେ। ଏହି ଟ୍ରେନରେ ସମୁଦାୟ ୧୮ଟି ଆଧୁନିକ ଏଲ୍ଏଚ୍ବି କୋଚ୍ ରହିବ। ସେଥିରେ ଗୋଟିଏ ଏସି ଦ୍ୱିତୀୟ ଶ୍ରେଣୀ କୋଚ୍, ତିନୋଟି ଏସି ତୃତୀୟ ଶ୍ରେଣୀ କୋଚ୍, ଆଠଟି ଶୟନଯାନ କୋଚ୍, ଚାରିଟି ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚ୍, ଗୋଟିଏ ଦ୍ୱିତୀୟ ଶ୍ରେଣୀ ସହ ଲଗେଜ୍ ବ୍ରେକ୍ ଭ୍ୟାନ୍ ଏବଂ ଗୋଟିଏ ଦିବ୍ୟାଙ୍ଗ-ଅନୁକୂଳ ଦ୍ୱିତୀୟ ଶ୍ରେଣୀ ସହ ଲଗେଜ୍ କୋଚ୍ ରହିଛି, ଯାହା ବିଭିନ୍ନ ଶ୍ରେଣୀର ଯାତ୍ରୀଙ୍କୁ ସୁରକ୍ଷିତ ଓ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବ। ପୁରୀ–କୋରାପୁଟ ତ୍ରି-ସାପ୍ତାହିକ ଏକ୍ସପ୍ରେସର ନିୟମିତ ଚଳାଚଳ ଆରମ୍ଭ ଓଡ଼ିଶାରେ ଯାତ୍ରୀ ସୁବିଧା ବୃଦ୍ଧି ଏବଂ ରେଳ ସଂଯୋଗ ବିସ୍ତାର ଦିଗରେ ଭାରତୀୟ ରେଳପଥର ଆଉ ଏକ ମାଇଲଖୁଂଟ ସାବ୍ୟସ୍ତ ହେବ। ଏହି ଟ୍ରେନ୍ ସେବା ପର୍ଯ୍ୟଟନ, ତୀର୍ଥଯାତ୍ରା, ବାଣିଜ୍ୟ, ଶିକ୍ଷା ଏବଂ ସାମାଜିକ ଓ ଆର୍ଥିକ ବିକାଶକୁ ଗତିଶୀଳ କରିବା ସହିତ ଉପକୂଳ ଓ ଦକ୍ଷିଣ ଓଡ଼ିଶା ମଧ୍ୟରେ ଦ୍ରୁତ ଓ ସୁବିଧାଜନକ ରେଳ ସଂଯୋଗ ପ୍ରଦାନ କରିବ। ଯାତ୍ରୀମାନେ ଏହି ନୂତନ ଟ୍ରେନ ନଂ. ୧୮୪୦୭/୧୮୪୦୮ ପୁରୀ–କୋରାପୁଟ–ପୁରୀ ତ୍ରି-ସାପ୍ତାହିକ ଏକ୍ସପ୍ରେସ ସେବାର ଲାଭ ଉଠାଇପାରିବେ। ଟ୍ରେନ୍ ସମ୍ବନ୍ଧୀୟ ଅଧିକ ସୂଚନା ପାଇଁ ଯାତ୍ରୀମାନେ ନ୍ୟାସନାଲ୍ ଟ୍ରେନ ଏନ୍କ୍ୱାରି ସିଷ୍ଟମ୍ କିମ୍ବା ଭାରତୀୟ ରେଳପଥର ଅଧିକୃତ ୱେବସାଇଟ୍ ପରିଦର୍ଶନ କରି ଯାତ୍ରା ଯୋଜନା କରିବାକୁ ରେଳ କର୍ତୃପକ୍ଷଙ୍କ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଛି ।

# କଳାହାଣ୍ଡିରେ ଜିଲ୍ଲା ଜନଗଣନା ହସ୍ତପୁସ୍ତିକା (ଡିସିଏଚବି) ପ୍ରଶିକ୍ଷଣ ଅନୁଷ୍ଠିତ

ଭବାନୀପାଟଣା , ୦୮/୦୭ (ନି.ପ୍ର): ଆଜି କଳାହାଣ୍ଡି ଜିଲ୍ଲା କଲେକ୍ଟରେଟ୍ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲା ଜନଗଣନା ହସ୍ତପୁସ୍ତିକା ପ୍ରସ୍ତୁତି ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଜନଗଣନା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରଓ୍ୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣରେ ଡେପୁଟି କଲେକ୍ଟର ତଥା ଡେପୁଟି ଜିଲ୍ଲା ଜନଗଣନା ଅଧିକାରୀ ଲମ୍ବୋଦର ନାଏକ ଉପସ୍ଥିତ ରହି ପ୍ରଶିକ୍ଷଣର ସୁପରିଚାଳନା କରିଥିଲେ। ଜନଗଣନା ଟ୍ରେନର ପ୍ରଶିକ୍ଷକ ଶ୍ରୀ ସୌରଭ ତିଓ୍ୱାରୀ ଓ ଶ୍ରୀ ପମ୍ପୁ ସିଂହ ଡିସିଏଚବି ପ୍ରସ୍ତୁତିର ବିଭିନ୍ନ ବୈଷୟିକ ଓ ପ୍ରାୟୋଗିକ ଦିଗ ସମ୍ପର୍କରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣରେ ଜିଲ୍ଲାର ସମସ୍ତ ତହସିଲଦାର-କମ୍-ଚାର୍ଜ ଜନଗଣନା ଅଧିକାରୀ, ଅତିରିକ୍ତ ତହସିଲଦାର-କମ୍-ଅତିରିକ୍ତ ଚାର୍ଜ ଜନଗଣନା ଅଧିକାରୀ, ରାଜସ୍ୱ ସୁପରଭାଇଜର, ରାଜସ୍ୱ ନିରୀକ୍ଷକ (ଆର.ଆଇ.), ଅମିନ, ବୈଷୟିକ ସହାୟକ ଓ ଅନ୍ୟାନ୍ୟ କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣରେ ଡିସିଏଚବିରେ ସମ୍ମିଳିତ ହେବାକୁ ଥିବା ଜିଲ୍ଲାର ଭୌଗୋଳିକ, ସାମାଜିକ, ଆର୍ଥିକ, ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ, ଭିତିଭୂମି ଓ ଅନ୍ୟାନ୍ୟ ସମ୍ବଳ ସମ୍ପର୍କିତ ତଥ୍ୟର ସଠିକ୍ ସଂଗ୍ରହ, ସଂକଳନ ଓ ଯାଂଚ ପ୍ରକ୍ରିୟା ଉପରେ ବିଶେଷ ଆଲୋଚନା କରାଯାଇଥିଲା। ବକ୍ତାମାନେ କହିଥିଲେ ଯେ, ଜିଲ୍ଲା ଜନଗଣନା ହସ୍ତପୁସ୍ତିକା କେବଳ ଏକ ପରିସଂଖ୍ୟାନ ପୁସ୍ତକ ନୁହେଁ; ଏହା ଜିଲ୍ଲାର ସାମଗ୍ରିକ ବିକାଶର ଏକ ପ୍ରମାଣିକ ଦଲିଲ। ଏଥିରେ ସଂକଳିତ ତଥ୍ୟ ଆଗାମୀ ଦଶ ବର୍ଷ ପାଇଁ ସରକାରଙ୍କ ଉନ୍ନୟନ ଯୋଜନା ପ୍ରସ୍ତୁତି, ନୀତି ନିର୍ଦ୍ଧାରଣ, ସମ୍ବଳର ସୁଚିନ୍ତିତ ବଂଟନ ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟଣରେ ଗୁରୁତ୍ୱପୂର୍ଣ୍ଣ ସହାୟକ ହେବ। ତେଣୁ ସମସ୍ତ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ନିର୍ଭୁଲ ଓ ଗୁଣାତ୍ମକ ତଥ୍ୟ ସଂଗ୍ରହ କରିବାକୁ ଆହ୍ୱାନ କରାଯାଇଥିଲା।

# ବାଲେଶ୍ୱରରେ ଦକ୍ଷିଣ ପୂର୍ବ ରେଳବାଇ ମେନ୍ସ ୟୁନିଅନର ଶାଖା ପରିଷଦ ବୈଠକ ସଫଳତାର ସହ ସମ୍ପନ୍ନ




ବାଲେଶ୍ୱର, ୦୮/୦୭ (ନି.ପ୍ର): ଆଜି ଦକ୍ଷିଣ ପୂର୍ବ ରେଳବାଇ ମେନ୍ସ ୟୁନିଅନ, ବାଲେଶ୍ୱର ଶାଖାର ଶାଖା ପରିଷଦ ବୈଠକ ମୁଖ୍ୟ ଉପଦେଷ୍ଟା ଡ: ଗୌର ସାଧନ ମିଶ୍ରଙ୍କ ସଭାପତିତ୍ୱରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୟୁନିୟନର ଖଡ଼ଗପୁର ମଣ୍ଡଳ ସଂଯୋଜକ ଶ୍ରୀ ଅଭିଜିତ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ଶାଖାର ସମସ୍ତ ପଦାଧିକାରୀ କର୍ମକର୍ତ୍ତା ଓ ଶାଖା ପରିଷଦ ସଦସ୍ୟମାନେ ମଧ୍ୟ ବୈଠକରେ ଯୋଗଦେଇଥିଲେ। ବୈଠକରେ ସଂଗଠନର ସୁଦୃଢ଼ୀକରଣ, ସଦସ୍ୟ ସଂଗ୍ରହ, ରେଳ କର୍ମଚାରୀଙ୍କ କଲ୍ୟାଣ, ସଂଗଠନର କାର୍ଯ୍ୟକ୍ଷମତା ବୃଦ୍ଧି ଏବଂ ବିଭିନ୍ନ ୟୁନିଅନ ସମ୍ବନ୍ଧୀୟ ବିଷୟ ଉପରେ ବିସ୍ତୃତ ଆଲୋଚନା କରାଯାଇ ଏକାଧିକ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଦକ୍ଷିଣ ପୂର୍ବ ରେଳବାଇ ମେନ୍ସ ୟୁନିଅନ, ଖଡଗପୁର ମହିଳା ଶାଖାର ସହ-ସଂପାଦକ ରୂପେ ଶ୍ରୀମତୀ ମିନତୀ ମାନ୍ନା ମହାନ୍ତି ଓ ଶାଖା ପରିଷଦ ରୂପେ ଶ୍ରୀମତୀ ମେଙ୍କୁ ମାଝି ମୋନନିତ ହୋଇଥିବାରୁ ତାଙ୍କୁ ସମସ୍ତେ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ମଣ୍ଡଳ ସଂଯୋଜକ ଶ୍ରୀ ଅଭିଜିତ ମଲ୍ଲିକ ସଂଗଠନକୁ ଏକତାବୋଧ ସୁଦୃଢ଼ କରିବାରେ ମୁଖ୍ୟ ଉପଦେଷ୍ଟା ଡ: ଗୌର ସାଧନ ମିଶ୍ର ଏବଂ ଶାଖା ସମ୍ପାଦକ ଶ୍ରୀ ଉମେଶ ଚନ୍ଦ୍ର ଅଗସ୍ତି ଓ ସଭାପତି ଶ୍ରୀ ଅରୁଣ କୁମାର ପଲେଇଙ୍କ ଦୃଢ଼, ଦକ୍ଷ ଓ ଗତିଶୀଳ ନେତୃତ୍ୱର ଉଚ୍ଚ ପ୍ରଶଂସା କରିଥିଲେ। ସେହିପରି ବୈଠକର ସଫଳ ଆୟୋଜନ ପାଇଁ ସମସ୍ତ ପଦାଧିକାରୀ କର୍ମକର୍ତ୍ତା ଓ ଶାଖା ପରିଷଦ ସଦସ୍ୟ ତଥା ମହିଳା ଶାଖାର ସଦସ୍ୟଙ୍କ ସକ୍ରିୟ ସହଯୋଗକୁ ଧନ୍ୟବାଦ ଜଣାଇଥିଲେ । ଶେଷରେ ଶାଖା କୋଷାଧ୍ୟକ୍ଷ ଶ୍ରୀ ଅଭିମନ୍ୟୁ ବେହେରା ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରି ମୁଖ୍ୟ ଉପଦେଷ୍ଟା, ମଣ୍ଡଳ ସଂଯୋଜକ, ସମସ୍ତ ପଦାଧିକାରୀ କର୍ମକର୍ତ୍ତା, ଶାଖା ପରିଷଦ ସଦସ୍ୟ ତଥା ଉପଦେଷ୍ଟା ଓ ମହିଳା ଶାଖାର ସଦସ୍ୟା ଏବଂ ଉପସ୍ଥିତ ସମସ୍ତ ସଦସ୍ୟମାନଙ୍କୁ କୃତଜ୍ଞତା ଜଣାଇଥିଲେ। ସମସ୍ତଙ୍କ ସମ୍ମିଳିତ ପ୍ରୟାସରେ ବୈଠକଟି ଭବ୍ୟ ଓ ସଫଳ ଭାବେ ସମ୍ପନ୍ନ ହୋଇଥିବା ସେ ମତ ପ୍ରକାଶ କରିଥିଲେ ।

# ଓଡ଼ିଶାର ସବୁଠାରୁ ବଡ଼ ଓ ଭିନ୍ନ ଧରଣର ରିଆଲିଟି ଶୋ' 'ଜୀ ସାର୍ଥକ ସଂସାର ଉତ୍ସବ' ୧୧ ଜୁଲାଇରୁ ପ୍ରତି ଶନିବାର ଓ ରବିବାର ସନ୍ଧ୍ୟା ୯:୩୦ରୁ



ଭୁବନେଶ୍ୱର, ୦୮/୦୭ (ନି.ପ୍ର): ଓଡ଼ିଆ କଳା, ସଂସ୍କୃତି, ପରମ୍ପରା ଏବଂ ପାରିବାରିକ ମୂଲ୍ୟବୋଧକୁ ନେଇ ସବୁବେଳେ ଦର୍ଶକଙ୍କ ହୃଦୟ ଜିଣି ଆସିଛି ଜୀ ସାର୍ଥକ। ନିଜର ହିଟ୍ ମେଗା-ଧାରାବାହିକ ଓ ରିଆଲିଟି ଶୋ' ମାଧ୍ୟମରେ ଦର୍ଶକଙ୍କୁ ବାନ୍ଧି ରଖିଥିବା ଏହି ଚ୍ୟାନେଲ ଏବେ ନେଇ ଆସୁଛି ଏକ ସମ୍ପୂର୍ଣ୍ଣ ନୂଆ ତଥା ନିଆରା ରିଆଲିଟି ଶୋ' "ଜୀ ସାର୍ଥକ ସଂସାର ଉତ୍ସବ"। ପ୍ରଥମ ଥର ପାଇଁ ଓଡ଼ିଶା ଟେଲିଭିଜନ ଇତିହାସରେ ଏମିତି ଏକ ଶୋ' ଆରମ୍ଭ ହେବାକୁ ଯାଉଛି, ଯେଉଁଥିରେ ଜୀ ସାର୍ଥକର ୪ଟି ଲୋକପ୍ରିୟ ମେଗା ଧାରାବାହିକର କଳାକାରମାନଙ୍କ ସଂସାର କୁ ନେଇ ବିଭିନ୍ନ ମଜାଦାର ଖେଳ ଓ ପ୍ରତିଯୋଗିତା ମାଧ୍ୟମରେ ସେମାନଙ୍କ ସଂସାର ମଧ୍ୟରୁ ବଛାଯିବ ୧ ନମ୍ବର ସଂସାର, ଯିଏ ଆସନ୍ତା ଜୀ ସାର୍ଥକ ସଂସାର ଆୱାର୍ଡର ମେଗା ବିଜେତା ହେବେ । ଏଥିରେ ଅଂଶଗ୍ରହଣ କରୁଥିବା ୪ଟି ଲୋକପ୍ରିୟ ଧାରାବାହିକର ସଂସାର ହେଲା, 'ସାଥି ସାତ ଜନ୍ମର', 'ସୁନାଝିଅ', 'କିଛି ସତ କିଛି ମିଛ' ଓ 'ତୁ ଖରା ମୁଁ ଛାଇ' । ଏହି ନୂଆ ସ୍ୱାଦର ଶୋ'ରେ ବିଚାରକ ଭାବେ ନଜର ଆସିବେ ଓଲିଉଡର ଲୋକପ୍ରିୟ ଅଭିନେତା ଶ୍ରୀତମ ଦାସ ଓ ଅଭିନେତ୍ରୀ ଅନିଷା ମାହାକୁଡ଼। ସେହିପରି ଉପସ୍ଥାପନା ଦାୟିତ୍ୱ ତୁଲାଇବେ ସୁଜିତ କୁମାର ଏବଂ ଜ୍ୟୋତିରଞ୍ଜନ। କେବଳ ଏତିକି ନୁହେଁ, ଦର୍ଶକଙ୍କୁ ହସେଇ ହସେଇ ବେଦମ୍ କରିବା ପାଇଁ ପ୍ରତି ଏପିସୋଡ୍‌ରେ କମେଡିର ତଡ଼କା ଲଗାଇବେ ଓଡିଆ ଫିଲ୍ମର ଲୋକପ୍ରିୟ ହାସ୍ୟ ଅଭିନେତା ଭକ୍ତି ଓ ସୋସିଆଲ୍ ମିଡିଆ ଷ୍ଟାର୍ କ୍ରୀଷ୍ଟା। ଏହି ଅବସରରେ ଜୀ ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ଶ୍ରୀ ରାହୁଲ ରାଓ ଦର୍ଶକମାନଙ୍କୁ ଉତ୍ସାହିତ କରି କହିଛନ୍ତି ଯେ, 'ଏହା ଓଡ଼ିଶା ଟିଭି ଇତିହାସରେ ଏକ ନୂତନ ପ୍ରୟାସ। ନାଚ, ଗୀତ, କମେଡି ଏବଂ ସେଲିବ୍ରିଟିଙ୍କୁ ନେଇ ଏହା ଏକ ସମ୍ପୂର୍ଣ୍ଣ ମନୋରଞ୍ଜନ ପ୍ୟାକେଜ୍ ହେବ।' ସେ ସମସ୍ତ ଦର୍ଶକଙ୍କୁ ସପରିବାର ଏହି ଶୋ' ଦେଖିବାକୁ ଅନୁରୋଧ କରିବା ସହ ଅନ୍ୟ ସବୁ ରିଆଲିଟି ଶୋ' ପରି ଏହା ମଧ୍ୟ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶାବ୍ୟକ୍ତ କରିଛନ୍ତି। ଆସନ୍ତା ଜୁଲାଇ ୧୧ ତାରିଖରୁ ପ୍ରତି ଶନିବାର ଓ ରବିବାର ରାତି ୯:୩୦ ମିନିଟ୍‌ରେ କେବଳ ଜୀ ସାର୍ଥକରେ ପ୍ରସାରିତ ହେବ ଏହି ନିଆରା ରିଆଲିଟି ଶୋ' 'ଜୀ ସାର୍ଥକ ସଂସାର ଉତ୍ସବ'। ଦେଖିବାକୁ ଆଦୌ ଭୁଲିବେ ନାହିଁ!

# ମାସିକ ଶିକ୍ଷା ସମୀକ୍ଷା ବୈଠକରେ 'ଆସ୍ୱାୟର' ଲୋଗୋ ଉନ୍ମୋଚିତ

ମାଲକାନଗିରି, ୦୮/୦୭ (ନି.ପ୍ର): ଆଜି ଜିଲ୍ଲା ପରିଷଦ ସଭାଗୃହ ଠାରେ ଜୁଲାଇ ମାସ ନିମନ୍ତେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ମାଲକାନଗିରି ତରଫରୁ ଜିଲ୍ଲାସ୍ତରୀୟ ଶିକ୍ଷା ସମୀକ୍ଷା ବୈଠକ ଜିଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବର୍ଷା ଦିନରେ ପିଲାଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ଉପରେ ଧ୍ୟାନ ଦେବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ, ଜିଲ୍ଲା ମଙ୍ଗଳ ଅଧିକାରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ନିମନ୍ତେ ଚାଲୁଥିବା ସ୍ୱତନ୍ତ କାର୍ଯ୍ୟକ୍ରମ ' ଆସ୍ୱାୟର ' ର ଲୋଗୋ ଓ ଜର୍ନାଲ ଅନାବରଣ ହେଲା । ଆବାହକ ଜିଲ୍ଲା ଶିକ୍ଷା ଅଧିକାରୀ ଚିତରଞ୍ଜନ ପାଣିଗ୍ରାହୀ ବିଭାଗରେ ଚାଲୁଥିବା ସମଗ୍ର ଧାରଣା ଦେଲାବେଳେ ନାମଲେଖା ଅଭିଯାନ, ଡ୍ରପଆଉଟ୍ ପିଲାଙ୍କୁ ସ୍କୁଲକୁ ଫେରାଇ ଆଣିବା, ପାଠ୍ୟପୁସ୍ତକ ଓ ୟୁନିଫର୍ମ ବଣ୍ଟନ, ଶିକ୍ଷକ ଉପସ୍ଥାନ ଓ ପଦବୀ ପୂରଣ, ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ସ୍କୁଲ ଭିତିଭୂମି ଶ୍ରେଣୀଗୃହ, ଶୌଚାଳୟ, ପାନୀୟ ଜଳ, ବିଜୁଳି, ବୋର୍ଡ ପରୀକ୍ଷାରେ ଭଲ ଫଳାଫଳ, ବ୍ୟୟ ଅଟକଳ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ପିଏମଶ୍ରୀ ସ୍କୁଲ, ଛାତ୍ରାବାସ ଆଦି ମୁଖ୍ୟ ବିଷୟ ଆଲୋଚନା ହେଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରିନ୍ସିପାଲ, ସମଗ୍ର ଶିକ୍ଷାର ସମସ୍ତ ବିଭାଗୀୟ ମୁଖ୍ୟ, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀ ପ୍ରମୁଖ ଯୋଗଦେବା ସହ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ସମସ୍ତ ବିଭାଗୀୟ କର୍ମଚାରୀ ମାନଙ୍କୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାର୍ଯ୍ୟ ସମ୍ପାଦନ କରିବା ସହ ପିଲାଙ୍କ ସୁରକ୍ଷା ଓ ସୁବିଧାକୁ ଧ୍ୟାନ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦୁଆ ପଞ୍ଚାୟତର ମଝି ଭାଗରେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ଦାବି




ବେତନଟୀ, ୦୮/୦୭ (ନି.ପ୍ର): ବେତନଟୀ ବ୍ଲକ ଅର୍ନ୍ତଗତ କେନ୍ଦୁଆ ଗ୍ରାମପଞ୍ଚାୟତ ନୂତନ ଗୃହ ନିର୍ମାଣକୁ ନେଇ ତେଜିବାରେ ଲାଗିଛି ଜନ ଅସନ୍ତୋଷ। ମଙ୍ଗଳବାର ସକାଳେ ବହୁସଂଖ୍ୟକ ମହିଳା ପୁରୁଷ ହାତରେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ବୈଶିଙ୍ଗାରୁ ଏକ ଶୋଭାଯାତ୍ରାରେ ବାହାରି କଳମା ସ୍ଥିତ ବିଧାୟକ ସନାତନ ବିଜୁଳିଙ୍କ ବାସଭବନକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେବେ ଆଜି ଆଉ ଗୋଟିଏ ଗୋଷ୍ଠି ଶୋଭାଯାତ୍ରାରେ ବାହାରି ବେତନଟୀ ବ୍ଲକ ପରିସରକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ବିଭିନ୍ନ ସ୍ଲୋଗାନ ଦେଇଥିଲେ । କେନ୍ଦୁଆ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ବୈଶିଙ୍ଗା ପଞ୍ଚାୟତ ପରିସରରେ ହେଲେ ଏହା କେନ୍ଦୁଆ ଗ୍ରାମପଞ୍ଚାୟତର ଗ୍ରାମଗୁଡ଼ିକ ଠାରୁ ଜାତୀୟ ରାଜପଥର ବିପରୀତ ପାର୍ଶ୍ୱ ଏବଂ ଏହାର ଦୂରତା ଚୁଆପଦା, ଖଇରବଣି, ଭୁରୁଡୁବଣି, ଦଲଦଲି, ହାତୀପତୁକା, ବିଦୁକୁଡିଆ ଠାରୁ ୫ରୁ ୬ କି.ମି. ଦୂରତା ହେବ । ଯାହା ଫଳରେ ପଞ୍ଚାୟତକୁ ଆସୁଥିବା ଭତ୍ତା, ରେସନ ଓ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ପାଇଁ ଗମନାଗମନରେ ଗ୍ରାମପଞ୍ଚାୟତ ବାସୀଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ ବୋଲି ପ୍ରକାଶ କରିଥିଲେ। ତେଣୁ କେନ୍ଦୁଆ ପଞ୍ଚାୟତର ମଧ୍ୟ ଭାଗରେ ଜାଗା ଚିହ୍ନଟ କରି ନୂତନ ଗ୍ରାମପଞ୍ଚାୟତ ଗୃହ ନିର୍ମାଣ ପାଇଁ ଦାବି କରିଥିଲେ ଏବଂ ବେତନଟୀ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦଲଦଲି ୱାର୍ଡ ସଭ୍ୟ ପ୍ରତାପ ଚନ୍ଦ୍ର ମହାରଣା, ଖଇରବଣି ୱାର୍ଡ ସଭ୍ୟା ମାଧୁରୀ ସିଂ, ବିଦୁକୁଡିଆ ୱାର୍ଡ ସଭ୍ୟା ସସ୍ମିତା ସିଂ,ଚୁଆପଦା ୱାର୍ଡ ସଭ୍ୟା ସୁଚିତ୍ରା ସାମଲ,ମୋହନପୁର ୱାର୍ଡ ସଭ୍ଯା ଗଙ୍ଗା ସିଂ, ତପନ କୁମାର ମହାନ୍ତ, ଗୋପାଲ ମାଝୀ, ଶତ୍ରୁଘ୍ନ ସିଂ, ପ୍ରତାପ ଚନ୍ଦ୍ର ମହାରଣା,ପ୍ରଭାସ ସେଠି, ଜହରଲାଲ ସିଂ, ଘାସିରାମ ସିଂ, ଲିପ୍ତିମୟୀ ସାହୁ, କଟି ସିଂଙ୍କ ନେତୃତ୍ୱରେ ବେତନଟୀ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ଘରୁ ପଳାଇ ଆସିଥିବା ୨ ନାବାଳକଙ୍କୁ ପୋଲିସ ଉଦ୍ଧାର କରି ପରିବାରକୁ କଲା ହସ୍ତାନ୍ତର

ପୁରୀ, ୦୮/୦୭ (ନି.ପ୍ର): ମଙ୍ଗଳବାର ସକାଳ ପ୍ରାୟ ୧୦ଟା ୩୦ ମିନିଟ ସମୟରେ ୧୧୨ ଜରୁରୀକାଳୀନ ସେବାକୁ ଏକ ସୂଚନା ମିଳିଥିଲା ଯେ, କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଅଂଚଳର ଦୁଇ ଜଣ ନାବାଳକ ନିଜ ହଷ୍ଟେଲରୁ ପଳାଇ ଆସି ପୁରୀରେ ବୁଲୁଛନ୍ତି। ଖବର ପାଇବା ମାତ୍ରେ ପୁରୀ ପୋଲିସର ପିସିଆର-୩ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଂଚି ଉଭୟ ନାବାଳକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କ ପରିଚୟ ଯାଂଚ୍ କରି ପରିବାର ସଦସ୍ୟଙ୍କ ସହ ଯୋଗାଯୋଗ କରାଯାଇଥିଲା।

**AFFIDAVIT**

ମୁଁ ଆନନ୍ଦ କୁମାର ମାଇତି, ବୟସ ୪୪ ବର୍ଷ, ଗ୍ରାମ - ଧୋବେଇ ଜଙ୍ଗଲ, ପୋ - ଜପା ଭୂୟାଁ, ଥାନା - ଏରସମା, ଜିଲ୍ଲା - ଜଗତସିଂହ ପୁର, ମୁଁ ଜଣେ ଭାରତୀୟ । କେନ୍ଦ୍ରାପଡ଼ା ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ସତ୍ୟପାଠ କ୍ରମିକ ନମ୍ବର (SL NO ୪୦୦୩)ଅନୁଯାୟୀ ମୋ ପୁଅର ନାମ ଆଧାର କାର୍ଡରେ - ଏକେ ସାଭାନ୍ନ କୁମାର ମାଇତି ( AK SAVANNA KUMAR maity) ପିତା - ଆନନ୍ଦ ମାଇତି (ANAND MAITI) ତ୍ରୁଟିକୁ ସୁଧାରି ଏକେ ସାୟାହ୍ନ କୁମାର ମାଇତି କରାଯିବାର ଘୋଷଣା କରାଗଲା। ଆଗାମୀ ଦିନରେ ସମସ୍ତ ସରକାରୀ, ଘରୋଇ ଓ ବେସରକାରୀ କାର୍ଯ୍ୟାଳୟ , ସ୍କୁଲ କଲେଜରେ ଏକେ ସାୟାହ୍ନ କୁମାର ମାଇତି (AK SAYAHNA KUMAR MAITY) ପିତା - ଆନନ୍ଦ କୁମାର ମାଇତି (ANANDA KUMAR MAITY) ନାମରେ ସମସ୍ତ କାର୍ଯ୍ୟମାନ ସମ୍ପାଦନ କରାଯିବର ମୁଁ ନିଜ ଜ୍ଞାନରେ ସତ୍ୟପାଠ କରୁଅଛି।

ସ୍ୱା/-
ଆନନ୍ଦ କୁମାର ମାଇତି

**AFFIDAVIT**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଉ ଅଛି କି ମୁଁ ଶ୍ରୀଯୁକ୍ତ ଅଭିରାମ ବେହେରା. ପିତା- ଗଣେଶ ବେହେରା, ଗ୍ରାମ- କଣ୍ଟି, ପୋ- ସରସଦା, ଜିଲ୍ଲା- ଭଦ୍ରକ, ପିନ୍- ୭୫୬୧୨୦, ମୋ:- ନାମରେ ଥିବା ମୌଜା- କଣ୍ଟି, ତହସିଲ୍ ଭଣ୍ଡାରିପୋଖରୀ, ଥାନା- ଭଣ୍ଡାରିପୋଖରି, ପ୍ଲଟ ନଂ- ୧୩୧୮, ଖାତା ନଂ- ୮୧ ଜମିକୁ ବନ୍ଧକ ରଖି ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କ ଭଦ୍ରକ ଶାଖାରେ ଋଣ ଆବେଦନ କରିଛି । ଯଦି କୌଣସି ବ୍ୟକ୍ତିଙ୍କର ଏନେଇ କୌଣସି ଆପତ୍ତି, ଅଭିଯୋଗ ଥାଏ ତେବେ ନୋଟିସ୍ ପ୍ରକାଶ ପାଇବାର ୧୪ ଦିନ ମଧ୍ୟରେ ଆମ୍ଭର ଓକିଲ ଗଦାଧର ବଳଙ୍କୁ ମୋବାଇଲ ନଂ - ୭୦୦୮୮୩୦୬୧୬ରେ ଯୋଗାଯୋଗ କରିପାରିବେ। ନୋଟିସ୍ ପ୍ରକାଶ ପାଇବାର ୧୪ ଦିନ ପରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

ସ୍ୱା/-
ଅଭିରାମ ବେହେରା

# ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ୮୨ତମ ପ୍ରତିଷ୍ଠା ଦିବସ ପାଳିତ, ଆଂଚଳିକ ଐତିହ୍ୟ ଓ ସଂସ୍କୃତି ସଂରକ୍ଷଣ ପାଇଁ ଗୁରୁତ୍ୱାରୋପ

ସମ୍ବଲପୁର, ୦୮/୦୭ (ନି.ପ୍ର): ସମ୍ବଲପୁର ଜିଲ୍ଲାର ଅଗ୍ରଣୀ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ୮୨ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ଆଜି ପାଳିତ ହୋଇଯାଇଛି। ଦେଶ ସ୍ୱାଧୀନତା ପୂର୍ବରୁ ଆରମ୍ଭ ହୋଇଥିବା ଏହି ଶିକ୍ଷାନୁଷ୍ଠାନ ଉଚ୍ଚଶିକ୍ଷା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଏକ ଐତିହ୍ୟ ବିଶ୍ୱବିଦ୍ୟାଳୟ ଭାବେ ପରିଚିତ। କାର୍ଯ୍ୟକ୍ରମର ପ୍ରାରମ୍ଭରେ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ବୃକ୍ଷରୋପଣ କରାଯାଇଥିଲା। କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନିଜ ବ୍ୟକ୍ତବ୍ୟରେ ବିଶ୍ୱବିଦ୍ୟାଳୟର ସମୃଦ୍ଧ ଐତିହ୍ୟ, ଶିକ୍ଷାଦାନ, ଗବେଷଣା, ନବସୃଜନ ଓ ସାମାଜିକ ସଂପୃକ୍ତତା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶ ସ୍ଥାନୀୟ ଐତିହ୍ୟ, ଆଂଚଳିକ ସଂସ୍କୃତି, ସାହିତ୍ୟ ଓ ଭାଷା କ୍ଷେତ୍ରରେ ବିଶ୍ୱବିଦ୍ୟାଳୟର ଗବେଷଣାମୂଳକ ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ କଠିନ ପରିଶ୍ରମ ସହ ସମୟର ସଦୁପଯୋଗକୁ ସଫଳତାର ମୂଳମନ୍ତ୍ର ବୋଲି କହିଥିଲେ। ଏହି ଅବସରରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷୀକେଶ ସେନାପତି ଜାତୀୟ ଶିକ୍ଷା ନୀତି-୨୦୨୦ର ରୂପାନ୍ତରକାରୀ ଦୃଷ୍ଟିକୋଣ ଏବଂ ବହୁବିଧ ଶିକ୍ଷା, ଗବେଷଣା ଓ ଦକ୍ଷତା ବିକାଶର ଗୁରୁତ୍ୱ ଉପରେ ମତ ରଖିଥିଲେ। ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟର ମହାନିର୍ଦ୍ଦେଶକ ପ୍ରଫେସର ରବି ନାରାୟଣ ଆଚାର୍ଯ୍ୟ ପାରମ୍ପରିକ ସ୍ୱାସ୍ଥ୍ୟ ବ୍ୟବସ୍ଥା, ଔଷଧୀୟ ଉଦ୍ଭିଦ ଏବଂ ସ୍ୱଦେଶୀ ଜ୍ଞାନ ଉପରେ ଗବେଷଣାକୁ ପ୍ରୋତ୍ସାହନ ଦେବାକୁ ଆହ୍ୱାନ କରିଥିଲେ। ଆଦିତ୍ୟ ଆଲୁମିନିୟମର ଅଧ୍ୟକ୍ଷ ଜଗନ୍ନାଥ ପ୍ରସାଦ ନାୟକ ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସହଯୋଗ ବୃଦ୍ଧି, ଇଂଟର୍ନସିପ୍, ଦକ୍ଷତା ବିକାଶ ଏବଂ ଗବେଷଣା କ୍ଷେତ୍ରରେ ସମର୍ଥନ ଜାରି ରଖିବା ପ୍ରତିବଦ୍ଧତା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ପାର୍ଥ ସାରଥୀ ମଲ୍ଲିକ ବିଶ୍ୱବିଦ୍ୟାଳୟର ଶିକ୍ଷା ଓ ଗବେଷଣା କ୍ଷେତ୍ରର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିବାବେଳେ କୁଳସଚିବ ସନତ କୁମାର ନାୟକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ।

# ଭେଜାଲ୍ ପେଟ୍ରୋଲ୍ ଡିଜେଲ୍ ବିକ୍ରିକୁ ପ୍ରତିବାଦ କରି ସିଭିଲ୍ ସୋସାଇଟିର ଗଣଧାରଣା ଆସନ୍ତା ୧୩ରେ

ବାଲେଶ୍ୱର, ୦୮/୭ (ନି.ପ୍ର): ପେଟ୍ରୋଲ୍ ଓ ଡିଜେଲରେ ଶତକଡ଼ା ୨୦ଭାଗ ଇଥାନୋଏଲ୍ ମିଶ୍ରଣ କରି ତୈଳକମ୍ପାନୀମାନେ ବିକ୍ରି କରୁଥିବାରୁ ଇଞ୍ଜିନ୍‌ଚାଳିତ ଯାନବାହନଗୁଡ଼ିକର ଇଞ୍ଜିନ୍ ଖରାପ ହେଉଛି ଓ ମାଇଲେଜ୍ କମ୍ ଦେଉଥିବା ଘଟଣାରେ ଦେଶବ୍ୟାପୀ ପ୍ରତିବାଦ ହେଉଛି। ଗତକାଲି ମଙ୍ଗଳବାର ସନ୍ଧ୍ୟାରେ ବାଲେଶ୍ୱର ସିଭିଲ୍ ସୋସାଇଟିର କାର୍ଯ୍ୟକାରୀ କମିଟି ତରଫରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ୍ ବିଭାଗର ଜ୍ଞାତସାରରେ ଏହି ଅପମିଶ୍ରଣ କରାଯାଉଥିଲେ ବି ଗ୍ରାହକମାନେ ପେଟ୍ରୋଲ୍ ଓ ଡିଜେଲ୍‌ର ଧାର୍ଯ୍ୟ ଦାମ୍ ଦେଇ ଅପମିଶ୍ରିତ ତେଲ କିଣିବାକୁ ବାଧ ହେଉଛନ୍ତି ବୋଲି ସିଭିଲ୍ ସୋସାଇଟି ଅଭିଯୋଗ କରିଛି।




୧୫ ବର୍ଷ ପରେ ଗାଡ଼ିଗୁଡ଼ିକ ଚଳାଇବାକୁ ଅନୁପଯୁକ୍ତ ବୋଲି ପରିବହନ ବିଭାଗର କେନ୍ଦ୍ର ମନ୍ତ୍ରୀଙ୍କ ଘୋଷଣା ଫଳରେ ଏହା ଗାଡ଼ି ବିକ୍ରି କରୁଥିବା କମ୍ପାନୀମାନଙ୍କୁ ସହାୟକ ହେଉଥିବାରୁ କମ୍ପାନୀମାନଙ୍କ ସ୍ୱାର୍ଥରେ ଏପରି ଅପମିଶ୍ରଣ କରାଯାଉଥିବାର କେତେକ ମତ ଦେଇଥିଲେ। ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ମନୋଜ ନାୟକ ଆଲୋଚନାର ପ୍ରସଙ୍ଗ ଆଗତ କରି ପେଟ୍ରୋଲ୍ ଓ ଡିଜେଲରେ ଇଥାନଲ୍ ମିଶାଇ ସରକାର ଦେଶର ଜନତାଙ୍କ ପ୍ରତି ବିଶ୍ୱାସଘାତକତା କରୁଥିବାର କହିଥିଲେ। ଦୀର୍ଘ ଆଲୋଚନା ପରେ ଆସନ୍ତା ୧୩ ତାରିଖ ସନ୍ଧ୍ୟା ୬ଟାରୁ ୮ଟା ପର୍ଯ୍ୟନ୍ତ ଓ.ଟି. ରୋଡ୍ ପାର୍ଶ୍ୱରେ ଥିବା ବାର୍ଜୋଜୀ ପେଟ୍ରୋଲ୍ ପମ୍ପ୍ ନିକଟରେ ପ୍ରତିବାଦ ଗଣଧାରଣା ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଉକ୍ତଦିନ ବାଲେଶ୍ୱର ଜିଲ୍ଲାପାଳଙ୍କ ଜରିଆରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ। ଏହି ବୈଠକରେ ସିଭିଲ୍ ସୋସାଇଟିର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁଙ୍କ ସମେତ ଅରୁଣ ଜେନା, ଜୟନ୍ତ ଦାସ, ଶରତ ଚନ୍ଦ୍ର ଦଳାଇ, ଜୀବନବୀମା କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା, ତୁଷାରକାନ୍ତି ମହାପାତ୍ର, ମଳୟ ରାୟ, କମଳାକାନ୍ତ ବେହେରା, ଭରତ ଚନ୍ଦ୍ର ସେଠୀ, ଶରତ ଚନ୍ଦ୍ର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପାତ୍ର ଓ ପୁରୁଷୋତ୍ତମ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ଶାନ୍ତିପୂର୍ଣ୍ଣ ପ୍ରତିବାଦ ଗଣଧାରଣାରେ ଜନସାଧାରଣ ଯୋଗଦେବାକୁ ନିବେଦନ କରାଯାଇଛି। ଉଠାଜଳସେଚନ କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା ଉପସ୍ଥିତମାନଙ୍କୁ ଧନ୍ୟବାଦ ଦେଇଥିଲେ।

# ସ୍ୱଚ୍ଛ ବେଳାଭୂମି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ: ଓୟୁଜେ

ବାଲେଶ୍ୱର, ୦୮/୭ (ନି.ପ୍ର): ଦେଶ ବିଦେଶର ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବାକୁ ହେଲେ ବେଳାଭୂମି ଗୁଡ଼ିକର ସ୍ୱଚ୍ଛତା ରକ୍ଷା ନିହାତି ଜରୁରୀ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତ ବ୍ୟକ୍ତ କରିଛନ୍ତି।ଆଜି ଓଡିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ବାଲିଆପାଳ ବ୍ଲକ ର ଯମୁନାଶୂଳ ବେଳାଭୂମିରେ ସ୍ୱଚ୍ଛତା ଅଭିଯାନ ରେ ସମୂହ ସଫେଇଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବେଳାଭୂମିକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ବିଶେଷ କରି ସ୍ଥାନୀୟ ଲୋକମାନଙ୍କର ଗୁରୁଦାୟିତ୍ୱ ରହିଛି। ପରିବେଶ ସ୍ୱଚ୍ଛ ରହିଲେ ବେଳାଭୂମିକୁ ବୁଲିବାକୁ ଆସୁଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ବକ୍ତା ମାନେ ମତ ବ୍ୟକ୍ତ କରିଥିଲେ। ବାଲେଶ୍ୱର ଜିଲ୍ଲାର ତାଳସାରି, ଉଦୟପୁର, ଡଗରା,



ଯମୁନା ଶୂଳ,ବଳରାମଗଡି, ଇଞ୍ଚୁଡ଼ି,ଚାନ୍ଦିପୁର, ଦୁବଲା ଗଡି ଆଦି ସ୍ଥାନକୁ ଗୁରୁତ୍ୱ ଦେଇ ପର୍ଯ୍ୟଟକ ମାନେ ଆସୁଥିବାରୁ ଏହି ସ୍ଥାନ ଗୁଡ଼ିକର ପରିବେଶ ଠିକ୍ ରହିବା ଆବଶ୍ୟକ ବୋଲି ବରିଷ୍ଠ ସାମ୍ବାଦିକ ମାନେ ମତବ୍ୟକ୍ତ କରିଥିଲେ। ୟୁନିଅନର ବରିଷ୍ଠ ସଦସ୍ୟ ଅନାମ ଚରଣ ପଣ୍ଡା, ଶିଶିର କୁମାର ଦାସ, ରାମନାରାୟଣ ଶତପଥି ଓ ବିବେକାନଦ ଦାସଙ୍କ ପରାମର୍ଶ କ୍ରମେ ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତଙ୍କ ନେତୃତ୍ୱରେ କରଯାଇଥିବା ଏହି ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ଉକ୍ଳ ବନ୍ଧୁ ପଣ୍ଡା, ସୁରେଶ ଚନ୍ଦ୍ର ଦାସ ଲକ୍ଷ୍ମୀଧର ଗାଣ , ତପୋଧନ ବାରିକ,ସଞ୍ଜୟ ବେହେରା, ସଞ୍ଜୟ କୁମାର ଗିରି, କହ୍ନେଇ ଚରଣ ପ୍ରଧାନ, ରବିରଞ୍ଜନ ତ୍ରୀପାଠୀ, ପ୍ରତିମା ଜେନା,ରାଜଶ୍ରୀ ପାଣିଗ୍ରାହୀ, ଶମ୍ଭୁନାଥ ନାୟକ, କୈଳାସ ଚନ୍ଦ୍ର ଦାସ, ପ୍ରଦୀପ୍ତ କୁମାର ଦାସ,ଶାନ୍ତନୁ ମହାପାତ୍ର, ମନ୍ମଥ ଚକ୍ରବର୍ତ୍ତୀ,ସତ୍ୟ ରଞ୍ଜନ ସାହୁଙ୍କ ସମେତ ବହୁ ସ୍ଥାନୀୟ ଲୋକେ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମ କୁ ସଫଳ କରିଥିଲେ।

## ମୃତକଙ୍କ ପରିବାରକୁ ଭେଟିଲେ ପୁଇଁନ୍ତଲା ବ୍ଲକ କଂଗ୍ରେସ କମିଟି

ବଲାଙ୍ଗିର, ୦୮/୭ (ନି.ପ୍ର): ଗତ ୫ ତାରିଖରେ ହୋଇଥିବା ଲଗାଣ ବର୍ଷାରେ ପଥର୍ଲା ପଂଚାୟତର ଲୁହରେନପାଲି ଗ୍ରାମର ମୃତ ଗଣ୍ଡାରାମ କୁମ୍ଭାରଙ୍କ ପରିବାର କୁ ଭେଟି ଆର୍ଥିକ ସହାୟତା ଏବଂ ସମବେଦନା ଜ୍ଞାପନ କରିଛି ପୁଇଁନ୍ତଲା ବ୍ଲକ କଂଗ୍ରେସ କମିଟି । ପ୍ରକାଶ ଥାଉ କି ଗତ ୫ ତାରିଖ ବର୍ଷାରେ ଗଣ୍ଡାରାମ କୁମ୍ଭାର (୭୬) ଙ୍କ କାନ୍ଥ ପଡି ମୃତ୍ୟୁ ହୋଇଛି । ତାଙ୍କ ସ୍ତ୍ରୀ ଲକ୍ଷ୍ମୀ କୁମ୍ଭାର (୭୦) ଅକ୍ଷକେ ବଂଚି ଯାଇଛନ୍ତି । ମୃତକ ପରିବାରକୁ ଆର୍ଥିକ ସହାୟତା ରେଡକ୍ରସ ପାଣ୍ଠିରୁ ଏବଂ ପ୍ରଶାସନ ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯୋଗାଇ ଦେବା ପାଇଁ ବ୍ଲକ କଂଗ୍ରେସ କମିଟି ଦାବି କରିଛି।

# ବନ ମହୋତ୍ସବ ପାଳିତ: ପରିବେଶ ପାଇଁ ବୃକ୍ଷର ଯତ୍ନ ନେବାକୁ ଆହ୍ୱାନ

ଖୋର୍ଦ୍ଧା, ୦୮/୭ (ନି.ପ୍ର): ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସିଗମା ପବ୍ଲିକ ସ୍କୁଲ ରେ ବନ ମହୋତ୍ସବ ଏବଂ ବ୍ୟାଙ୍କ୍ ସାଇବର କ୍ରାଇମ ସଚେତନତା ସମ୍ପର୍କିତ କର୍ମଶାଳା ଆୟୋଜିତ ହୋଇଯାଇଛି। ଗତ ଜୁଲାଇ ୧ତାରିଖ ରୁ ଜୁଲାଇ ୭ତାରିଖ ପର୍ଯ୍ୟନ୍ତ ବନ ମହୋତ୍ସବ ସପ୍ତାହ ପାଳନ ଅବସର ରେ ଛାତ୍ର ଛାତ୍ରୀ ଙ୍କ ମଧ୍ୟ ରେ ବୃକ୍ଷ ରୋପଣ , ଯତ୍ନ , ପରିବେଶ ସୁରକ୍ଷା ସମ୍ପର୍କିତ ଚିତ୍ରାଙ୍କନ, ପ୍ରବନ୍ଧ, କୁଇଜ୍, ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସିନିୟର୍ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ବିଷ୍ଣୁ ପ୍ରସାଦ ସେଠୀ, ଦ୍ୱିତୀୟ କ୍ରିଷ୍ଣ କାନ୍ତ ସାମନ୍ତରାୟ, ତୃତୀୟ ପ୍ରତ୍ୟୁଷ ରଞ୍ଜନ ସାହୁ, ଜୁନିଅର ବିଭାଗ ରେ ଶୁଭଲକ୍ଷ୍ମୀ ଦାସ, ସୁଜ୍ଞାନି




ପ୍ରିୟଦର୍ଶନୀ, ସାଇ ସାସ୍ୱତୀ ବେହେରା, ଚିତ୍ରାଙ୍କନ ରେ ରୂତ୍ୟୁପୁନମ୍ ସିଂ, ଯୋଷିକା ଜାଗୃତି ପ୍ରଧାନ, ସାଇ ସମ୍ପୂର୍ଣ୍ଣ ସାହୁ, ଶୁଭାଙ୍ଗି ବିଶ୍ୱାଳ, ପଦ୍ମିନୀ ଜେନା, ଅଭିଲିପସା ଲେଙ୍କା ପ୍ରମୁଖ ଯୋଗ୍ୟ ବିବେଚିତ ହୋଇ ମୁଖ୍ୟ ଅତିଥି ଙ୍କ ଠାରୁ ପ୍ରମାଣ ପତ୍ର, ଟ୍ରଫି ପୁରସ୍କାର ଗ୍ରହଣ କରିଥିଲେ। ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟ ରେ ବୃକ୍ଷ ରୋପଣ ଏବଂ ପରିବେଶ ସୁରକ୍ଷା ସଚେତନ ଟା ସମ୍ପର୍କିତ ଏକ ଗୋଷ୍ଠୀ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ସାତଦିନ ଧରି ଚାଲୁଥିବା ଏହି ଉତ୍ସବ ର ଉଦ୍ଯାପନି ଦିବସରେ ଆକ୍ସିସ ବ୍ୟାଙ୍କ୍ ତରଫ ରୁ ସାଇବର୍ ବ୍ୟାଙ୍କ୍ ଠକେଇ ସଚେତନତା ସମ୍ପର୍କ ରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଶିକ୍ଷୟତ୍ରୀ ସୁମିତା ତ୍ରିପାଠୀ ଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବ ରେ ଖୋର୍ଦ୍ଧା ଏକ୍ସିସ ବ୍ୟାଙ୍କ୍ ଶାଖା ପରିଚାଳକ ରାଜେନ୍ଦ୍ର ଖଣ୍ଡୁଆଳ, ସ୍କୁଲ ଚେୟାରମେନ ଶୁଭ୍ରାଂଶୁ ରଂଜନ ସାମନ୍ତରାୟ ଏବଂ। ସ୍କୁଲ ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ବୃକ୍ଷ ରୋପଣ ଏବଂ ଯତ୍ନ ସରେ ଛାତ୍ର ଛାତ୍ରୀ ଙ୍କ ମୁଖ୍ୟ ଭୂମିକା କୁ ବର୍ଣ୍ଣନା କରିଥିଲେ। ଆଜିର ଛାତ୍ର ଆଗାମୀ କାଲି ର ଭବିଷ୍ୟତ । ଭବିଷ୍ୟତ ରେ ସୁସ୍ଥ ପରିବେଶ, ଏବଂ ଉତ୍ତମ ଜଳବାୟୁ ଅନୁଭୂତ ପାଇଁ ସମସ୍ତେ ଖାଲି ସ୍ଥାନ ରେ ବୃକ୍ଷ ରୋପଣ ଏବଂ ଯତ୍ନ ପାଇଁ ଆହ୍ୱାନ ଦେଇଥିଲେ। ସମସ୍ତ ପିଲାମାନଙ୍କୁ ତାଙ୍କ ପିତାମାତା ଙ୍କ ପରିଶ୍ରମ ର ଅର୍ଥ କୁ ବ୍ୟାଙ୍କ୍ ସାଇବର୍ ଠକେଇ ରୁ ନିବୃତ୍ତ ରଖିବାକୁ ସଚେତନ କରାଯାଇଥିଲା। ସ୍କୁଲ ର ଉପାଧ୍ୟକ୍ଷ ତୁଷାର କାନ୍ତ ମହାନ୍ତି, ଏକାଡେମିକ ଡିନ୍ ବନଦୁର୍ଗା ଶାହା, ଶିକ୍ଷକ ବିରଞ୍ଚି ନାରାୟଣ ପଣ୍ଡା, ମାନସ ରଞ୍ଜନ ମହାପାତ୍ର , କରସିମା ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଇରାନର ଆକ୍ରମଣ କ୍ଷମତାକୁ ...

ଶକ୍ତି କେନ୍ଦ୍ରଗୁଡ଼ିକ ଉପରେ ପୁଣି ଥରେ ପରୋକ୍ଷ ଆକ୍ରମଣର ବିପଦ ରହିଛି। ସାଉଦି ଆରବର ବିଶାଳ ତୈଳ ବିଶୋଧନାଗାର ଏବଂ କତରର ସାମୁଦ୍ରିକ ଗ୍ୟାସ ଭିତ୍ତିଭୂମି ଉପରେ ବିପଦ ଘନେଇବାରେ ଲାଗିଛି। ସାଧାରଣ ଯାତ୍ରୀମାନଙ୍କୁ ମୁଖ୍ୟ ରାସ୍ତାରୁ ଦୂରେଇ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶ୍ୱ ବଜାର ଓ ଜଳପଥ ଉପରେ ସଙ୍କଟଏହି ସଂଘର୍ଷ ଯୋଗୁଁ ବିଶ୍ୱର ପ୍ରାୟ ୨୦ ପ୍ରତିଶତ ଦୈନିକ ତୈଳ ଯୋଗାଣ କରୁଥିବା ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀ ସମ୍ପୂର୍ଣ୍ଣ ବିପଦ ମଧ୍ୟକୁ ଚାଲିଆସିଛି। ଆର୍ଥିକ ବିଶ୍ଳେଷକମାନେ ଚେତାବନୀ ଦେଇଛନ୍ତି ଯେ ଯଦି ଆମେରିକା ଏହି ସାମୁଦ୍ରିକ ପଥକୁ ସମ୍ପୂର୍ଣ୍ଣ ଅବରୋଧ କରେ, ତେବେ ବାଣିଜ୍ୟ ଉପରେ ନିର୍ଭରଶୀଳ ଏହି ଅଞ୍ଚଳର ଅର୍ଥନୀତି ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିବ। ଆଜି ଆକ୍ରମଣ ପରେ କୁଏତ ଏବଂ ବାହାରିନର ପ୍ରମୁଖ ସହରଗୁଡ଼ିକରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରବଳ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାର ଜରୁରୀକାଳୀନ ପଦକ୍ଷେପ ଗ୍ରହଣ କରିଛନ୍ତି। କୁଏତ କର୍ତ୍ତୃପକ୍ଷ ସରକାରୀ ମନ୍ତ୍ରଣାଳୟ ପରିସର ମଧ୍ୟରେ ଜରୁରୀକାଳୀନ ବୋମା ଆଶ୍ରୟସ୍ଥଳୀ ସକ୍ରିୟ କରିଛନ୍ତି। ଏହାସହ ଗଣସାଧାରଣ ପରିବହନ, ପ୍ରମୁଖ ଜାତୀୟ ରାଜପଥ ଏବଂ ରଣନୀତିକ ବିମାନ ଚଳାଚଳ ପଥକୁ ସମ୍ପୂର୍ଣ୍ଣ ବନ୍ଦ କିମ୍ବା ସୀମିତ କରାଯାଇଛି। ସାଧାରଣ ଯାତ୍ରୀମାନଙ୍କୁ ମୁଖ୍ୟ ରାସ୍ତାରୁ ଦୂରେଇ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶ୍ୱ ବଜାର ଓ ଜଳପଥ ଉପରେ ସଙ୍କଟଏହି ସଂଘର୍ଷ ଯୋଗୁଁ ବିଶ୍ୱର ପ୍ରାୟ ୨୦ ପ୍ରତିଶତ ଦୈନିକ ତୈଳ ଯୋଗାଣ କରୁଥିବା ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀ ସମ୍ପୂର୍ଣ୍ଣ ବିପଦ ମଧ୍ୟକୁ ଚାଲିଆସିଛି। ଆର୍ଥିକ ବିଶ୍ଳେଷକମାନେ ଚେତାବନୀ ଦେଇଛନ୍ତି ଯେ ଯଦି ଆମେରିକା ଏହି ସାମୁଦ୍ରିକ ପଥକୁ ସମ୍ପୂର୍ଣ୍ଣ ଅବରୋଧ କରେ, ତେବେ ବାଣିଜ୍ୟ ଉପରେ ନିର୍ଭରଶୀଳ ଏହି ଅଞ୍ଚଳର ଅର୍ଥନୀତି ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିବ। ଜିସିସି ଇରାନର ଆକ୍ରମଣକୁ କଡ଼ା ନିନ୍ଦା କରିଥିବା ବେଳେ କତର ନେତୃତ୍ୱରେ ମଧ୍ୟସ୍ଥତା ପାଇଁ ପୁଣି ଗୋପନୀୟ ପ୍ରୟାସ ଆରମ୍ଭ ହୋଇଛି।

### ତାମିଲନାଡୁ ଗ୍ୟାସ୍ ଟ୍ରାଜେଡି ପରେ...

ଭଲ ଦରମାର ଲୋଭ ସୁନେଲି ଭବିଷ୍ୟତର ସ୍ୱପ୍ନ ଆଉ ତା'ପରେ ଆରମ୍ଭ ହୁଏ ଶୋଷଣର ନର୍କ ଯନ୍ତ୍ରଣା। କେନ୍ଦୁଝରର ଜୁଆଙ୍ଗ ଆଦିବାସୀଙ୍କ ଦାଦନ ମୃତ୍ୟୁ ପରେ ସରକାରଙ୍କ ଚେତା ପଶିଲା । ବର୍ଷ ବର୍ଷ ଧରି ଚାଲିଥିବା ଏହି ଶୋଷଣକୁ ଭାଙ୍ଗିବାକୁ ଏବେ ଆକ୍ସନ ମୋଡ଼ରେ ରାଜ୍ୟ ସରକାର। ଶ୍ରମ ମନ୍ତ୍ରୀଙ୍କ ସିଧା ଚେତାବନୀ ବିନା ପଞ୍ଜୀକରଣରେ ବାହାରକୁ ଶ୍ରମିକ ପଠାଇଲେ ଦଲାଲଙ୍କୁ ଆଉ ନିସ୍ତାର ନାହିଁ। ଦାଦନ ଦଲାଲଙ୍କୁ ଚିହ୍ନଟ କରାଯିବ। ମାମଲା ରୁଜୁ ହେବ। ଆଇନ ଅନୁସାରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ଖାଲି ସେତିକି ନୁହେଁ... ପ୍ରତ୍ୟେକ ପଞ୍ଚାୟତକୁ ଦିଆଯାଇଛି ନୂଆ ଦାୟିତ୍ୱ। କିନ୍ତୁ ସବୁଠୁ ବଡ଼ ପ୍ରଶ୍ନ, ଦାଦନ ରୋକିବାକୁ ଗଠିତ ଟାସ୍କଫୋର୍ସ ଏବେ କେଉଁଠି ? ନିୟମ ଅନୁସାରେ, ପ୍ରତି ଛଅ ମାସରେ ବୈଠକ ବସୁନି କାହିଁକି ? ଟାସ୍କଫୋର୍ସ କେବଳ କାଗଜକଲମରେ ସୀମିତ କି ? ଦାଦନ ଦଲାଲଙ୍କ ବିରୋଧରେ ସରକାରଙ୍କ ଏହି ଆକ୍ସନ କେତେ ଦୂର ପ୍ରଭାବଶାଳୀ ହେବ, ତାହା ସମୟ କହିବ। କିନ୍ତୁ ଗୋଟିଏ ପଟେ ଦଲାଲଙ୍କୁ କଡ଼ା ଚେତାବନୀ ଅନ୍ୟପଟେ ନିଷ୍କ୍ରିୟ ଟାସ୍କ ଫୋର୍ସକୁ ନେଇ ଉଠୁଛି ପ୍ରଶ୍ନ। ଦାଦନ ରୋକିବାକୁ ସରକାରଙ୍କ ଘୋଷଣା ଏଥର ମାଟିରେ ଦେଖାଯିବ ନା ପୁଣିଥରେ କାଗଜକଲମରେ ସୀମିତ ରହିଯିବ ? ସେହି ଉତ୍ତରକୁ ଅପେକ୍ଷା। ବାହାରକୁ ଯାଉଥିବା ପ୍ରତ୍ୟେକ ଶ୍ରମିକଙ୍କ ନାମ, ଠିକଣା, କେଉଁଠି କାମ କରୁଛନ୍ତି, କାହା ପାଖରେ କାମ କରୁଛନ୍ତି ସବୁ ତଥ୍ୟ ରହିବ ଶ୍ରମ ବିଭାଗ ପାଖରେ। ଅର୍ଥାତ୍ ଏବେ ପ୍ରତ୍ୟେକ ପ୍ରବାସୀ ଶ୍ରମିକଙ୍କ ଉପରେ ରହିବ ସରକାରଙ୍କ ସିଧା ନଜର। ସରକାରଙ୍କ ଦାବି ଗୋଟିଏ କିନ୍ତୁ ବାସ୍ତବ ଚିତ୍ର ଆଉଗୋଟିଏ । ୨୦୨୪ ମସିହାରେ ୭୦ ହଜାର ୧୪୨ ଜଣ ଓଡ଼ିଆ ଶ୍ରମିକଙ୍କୁ ବାହାର ରାଜ୍ୟରେ ନିଯୁକ୍ତି ପାଇଁ ୧,୦୩୭ଟି ଲାଇସେନ୍ସ ଜାରି ହୋଇଥିଲା। ଶ୍ରମ ଆଇନ କହୁଛି କେବଳ ଲାଇସେନ୍ସପ୍ରାପ୍ତ ଠିକାଦାର ହିଁ ଶ୍ରମିକଙ୍କୁ କାମ କରାଇବାକୁ ବାହାରକୁ ନେଇପାରିବେ, - ଶ୍ରମିକଙ୍କୁ ମଜୁରିଠାରୁ ଆରମ୍ଭ କରି ସମସ୍ତ ସୁବିଧା ଦେବାକୁ ବାଧ୍ୟ, କିନ୍ତୁ ଏହାରି ଭିତରେ ସାମ୍ନାକୁ ଆସିଛି ଚିନ୍ତାଜନକ ଚିତ୍ର। ବିଗତ ତିନି ବର୍ଷରେ ଦାଦନ ଖଟିବାକୁ ଯାଇ ବାହାର ରାଜ୍ୟରେ ପ୍ରାଣ ହରାଇଛନ୍ତି ୨୬୨ ଜଣ ଓଡ଼ିଆ ଶ୍ରମିକ। ଏବେ ଦାଦନ ପ୍ରଥାକୁ ମୂଳରୁ ଉପାଡ଼ିବାକୁ ରାଜ୍ୟବ୍ୟାପୀ ଗ୍ରାଉଣ୍ଡ ସର୍ଭେ ଆରମ୍ଭ ହେବ। ବିଡିଓଙ୍କୁ ଦିଆଯାଇଛି ସ୍ୱତନ୍ତ୍ର ସର୍ଭେ ଫର୍ମ। ବାହାରେ ଥିବା ଶ୍ରମିକଙ୍କ ତଥ୍ୟ ସଂଗ୍ରହ ସହ ଫେରି ଆସୁଥିବା ଶ୍ରମିକଙ୍କୁ ଜିଲ୍ଲାରେ ରୋଜଗାର ଦେବାକୁ ମଧ୍ୟ ସରକାର ଯୋଜନା କରୁଛନ୍ତି। କିନ୍ତୁ ସବୁଠୁ ବଡ଼ ପ୍ରଶ୍ନ, ଦାଦନ ରୋକିବାକୁ ଗଠିତ ଟାସ୍କଫୋର୍ସ ଏବେ କେଉଁଠି ? ନିୟମ ଅନୁସାରେ, ପ୍ରତି ଛଅ ମାସରେ ବୈଠକ ବସୁନି କାହିଁକି ? ଟାସ୍କଫୋର୍ସ କେବଳ କାଗଜକଲମରେ ସୀମିତ କି ? ଦାଦନ ଦଲାଲଙ୍କ ବିରୋଧରେ ସରକାରଙ୍କ ଏହି ଆକ୍ସନ କେତେ ଦୂର ପ୍ରଭାବଶାଳୀ ହେବ, ତାହା ସମୟ କହିବ। କିନ୍ତୁ ଗୋଟିଏ ପଟେ ଦଲାଲଙ୍କୁ କଡ଼ା ଚେତାବନୀ ଅନ୍ୟପଟେ ନିଷ୍କ୍ରିୟ ଟାସ୍କ ଫୋର୍ସକୁ ନେଇ ଉଠୁଛି ପ୍ରଶ୍ନ। ଦାଦନ ରୋକିବାକୁ ସରକାରଙ୍କ ଘୋଷଣା ଏଥର ମାଟିରେ ଦେଖାଯିବ ନା ପୁଣିଥରେ କାଗଜକଲମରେ ସୀମିତ ରହିଯିବ ? ସେହି ଉତ୍ତରକୁ ଅପେକ୍ଷା।

### ବୋମା ଗୁଜବ, ନ୍ୟାୟାଳୟରେ...

ଆଉ ଏଭଳି ଖବର ପାଇବା ପରେ, ପୁଲିସ, ଅଗ୍ନିଶମ ବିଭାଗ ପୂରା ଆକ୍ସନ ମୋଡ଼ରେ । ଫ୍ୟାମିଲି କୋର୍ଟକୁ ବୋମାରେ ଉଡାଇ ଦେବାକୁ ନେଇ ଧମକ ମିଳିବା ପରେ ଚାଲିଛି ଛାନଭିନ୍ । କିନ୍ତୁ ଫଳ ଶୂନ । ଦୀର୍ଘ ୨ ଘଣ୍ଟାର ଅପରେସନ ପରେ ଜଣାପଡିଥିଲା ଯେ ଏହା କେବଳ ଗୁଜବ । ଏହି ଗୋଟିଏ ଘଟଣା ନୁହେଁ, ଗତ କିଛିଦିନ ହେଲା ମୁଣ୍ଡବିନ୍ଧାର କାରଣ ପାଲଟିଛି ବିଭିନ୍ନ କୋର୍ଟକୁ ବୋମା ଧମକ । ୱାର୍କିଂ ଡେ'ରେ ଏଭଳି ମେଲ୍ ପଠାଇ ନ୍ୟାୟିକ ବ୍ୟବସ୍ଥାକୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି ଅପରାଧୀ । ସାଇବର ଠକଙ୍କ ଏହା ଚାଲ୍ ବୋଲି ସନ୍ଦେହ କରାଯାଉଛି । କିନ୍ତୁ ମେଲ୍ ଆଇଡି ଜରିଆରେ ଆଇପି ଆଡ୍ରେସ ଟ୍ରେସ୍ ହୋଇପାରୁନି । କେତେକ କ୍ଷେତ୍ରରେ ଅନ୍ତର୍ଜାତୀୟ ମେଲ୍ ଆସୁଥିବାରୁ ଅଭିଯୁକ୍ତ ସମ୍ପର୍କରେ ସୂଚନା ନମିଳିବା ବଡ଼ ବିପଦ ସୃଷ୍ଟି କରିଛି । ଗତ ଜାନୁଆରୀ ୮ରେ ଓଡ଼ିଶା ହାଇକୋର୍ଟ ସମେତ ସମ୍ବଲପୁର ଏବଂ ଦେବଗଡ଼ ଜିଲ୍ଲା କୋର୍ଟକୁ ବୋମା ଧମକ ଆସିଥିଲା। ଓଡ଼ିଶାର ଏକାଧିକ କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଗତ ଫେବୃଆରୀ ୬ ତାରିଖରେ ମଧ୍ୟ ଏକ ସଙ୍ଗେ ଇମେଲ୍ ଆସିଥିଲା। ମାର୍ଚ୍ଚ ମାସରେ ମଧ୍ୟ ସମ୍ବଲପୁର ଏବଂ ବରଗଡ଼ ଜିଲ୍ଲା କୋର୍ଟକୁ ଇମେଲ୍ ଜରିଆରେ ବୋମା ଧମକ ଦିଆଯାଇଥିଲା। ହାଇକୋର୍ଟକୁ ବୋମା ଧମକ ପରେ ମୁଖ୍ୟମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିବା ସହ ଘଟଣାର ସଠିକ ତଦନ୍ତ କରି ଅଭିଯୁକ୍ତଙ୍କୁ ଧରିବାକୁ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ ମାତ୍ର ଫଳ ଶୂନ ।

### ଶିଶୁ କିଶୋର ପତ୍ରିକା...

ପ୍ରାରମ୍ଭରେ ପ୍ରାକ୍ କଥାନ କବି ପଦ୍ମଲୋଚନ ପ୍ରଧାନ ରଖିବା ସହ ଅତିଥିମାନଙ୍କୁ ମଂଚ ଅହ୍ୱାନ କରିଥିଲେ। ପତ୍ରିକାର ମୁଖ୍ୟସମ୍ପାଦକ ପୀତାମ୍ବର ଦାସ ପତ୍ରିକା ପ୍ରକାଶନର ଆଭିମୁଖ୍ୟ ସମ୍ବନ୍ଧରେ ନିଜ ବକ୍ତବ୍ୟ ରଖିଥିଲେ। ବାଲେଶ୍ୱର ମାଟିରେ ଶିଶୁ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ସହାୟକ ହେବ ବୋଲି ନିଜସ୍ୱ ବକ୍ତବ୍ୟ ରଖିଥିଲେ ପ୍ରକାଶକ କମଳ ଦାସ। ସମଗ୍ର କାର୍ଯ୍ୟକ୍ରମକୁ କବି ରମେଶ ଚନ୍ଦ୍ର ବେହେରା, ଗୌରୀ ଶଙ୍କର ସାହାଣୀ, କଲ୍ୟାଣୀ ନନ୍ଦ, ଶାନ୍ତି ବିଶି, ଶାନ୍ତିଲତା ପଣ୍ଡା, ସୁକାନ୍ତି ଦାସ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ କବି ନଟବର ପାଢ଼ୀ, ଡ. ସାରଙ୍ଗଧର ତ୍ରିପାଠୀ, ସର୍ବେଶ୍ୱର ପଣ୍ଡା ନିରଞ୍ଜନ ରାଉତ, ପ୍ରଭାକର ସାହୁ, ରମାକାନ୍ତ ମହାନ୍ତି, ରାମପ୍ରସାଦ ପ୍ରଧାନ, ଅଜୟ ରାଉଳ, ଦେବାଶିଷ ସିଂ,ଲକ୍ଷ୍ମଣ ବିଶ୍ୱାଳ,ଲକ୍ଷ୍ମୀଧର ଜେନା, ଜୟନ୍ତୀ ବେହେରା, ସୁନାମଣି ଜେନା, ପୁଷ୍ପଲତା ଚକ୍ରବର୍ତ୍ତୀ, ବସନ୍ତୀ ଦେ, ତୃପ୍ତିରାଣୀ ପାତ୍ର, ସୁବ୍ରତା ମହାନ୍ତି, ସ୍ନିଗ୍ଧା ସାମନ୍ତରାୟ, ସଂଗୀତା ବାରିକ, ଜୁମରନାଥ ପାତ୍ର, ପୁଷ୍ପିତା ପାଢ଼ୀ, ଦିବାକର ମହାନ୍ତି, ସମରାଇ କର, ରତିକାନ୍ତ ମଲ୍ଲିକ, ପ୍ରସନ୍ନ କୁମାର ଦାସ, ମଦନ ମୋହନ ସାହୁ, ପ୍ରମୁଖ ବହୁ ମାନ୍ୟଗଣ୍ୟବ୍ୟକ୍ତି ଉପସ୍ଥିତ ଥିଲେ।

# ପ୍ରଧାନ ଶିକ୍ଷକ ନୀଳମଣି ବେହେରାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାସୁଦେବପୁର, ୦୮/୭ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟର ନୂତନ ପ୍ରଧାନ ଶିକ୍ଷକ ନୀଳମଣି ବେହେରାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହା ପୂର୍ବରୁ ଶ୍ରୀ ବେହେରା ବାରାପୁର ହାଇସ୍କୁଲରେ ଦୀର୍ଘ ବର୍ଷ ଧରି ଶିକ୍ଷକତା କାର୍ଯ୍ୟ କରିଥିଲେ। ୨୦୨୬ ମସିହା ଜୁନ୍ ମାସ ୫ ତାରିଖରେ ଶ୍ରୀ ବେହେରା ନୂତନ ଭାବେ ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ବାସୁଦେବପୁରରେ ଦାୟିତ୍ୱ ଗ୍ରହଣ କଲେ। ଏହି ଅବସରରେ ବାସୁଦେବପୁର ଅଟଳ ବିହାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର



ଶିକ୍ଷକ ଶିକ୍ଷୟତ୍ରୀ ଶୁଭଲକ୍ଷ୍ମୀ ରାଉତ, ହରିଶ୍ଚନ୍ଦ୍ର ପଣ୍ଡା, ଶଶଧର ମହାଳିକ, ଦିଲ୍ଲୀପ ମିଶ୍ର, ଶଶଧର ମହାଳିକ, ସୁଚିସ୍ମିତା ଦିଦି ଓ ଅନ୍ୟାନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପ୍ରମୁଖ ନୂତନ ପ୍ରଧାନ ଶିକ୍ଷକ ନୀଳମଣି ବେହେରାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ନୂତନ ପ୍ରଧାନ ଶିକ୍ଷକ ନୀଳମଣି ବେହେରା ଜଣେ ଆଦର୍ଶ ଶିକ୍ଷକ, ସମାଜସେବୀ ଓ ମିଷ୍ଟଭାଷୀ ତଥା ପରୋପକାରୀ ବ୍ୟକ୍ତି। ଏହି ଅବସରରେ ଶ୍ରୀ ବେହେରା ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ପାଠ ପଢା ଓ ବିଦ୍ୟାଳୟର ସୁନ୍ଦର ପରିବେଶ ସମ୍ପର୍କରେ ଅଧିକ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି।

# ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ ଓ କାଞ୍ଚନେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ନାୟକଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା

ବାଲିଆପାଳ, ୦୮/୭ (ନି.ପ୍ର): ବାଲିଆପାଳ ବ୍ଲକର ନିକଟବର୍ତ୍ତୀ କାଞ୍ଚନେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ନାୟକଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ବାଲିଆପାଳର ବିଶିଷ୍ଟ ସମାଜ ସେବୀ, ବିଦ୍ୟାଳୟ ନିର୍ମାଣର ପ୍ରଥମ ସମ୍ପାଦକ ସୁବ୍ରତ କୁମାର ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ରୂପେ ମୁଖ୍ୟ ଶିକ୍ଷକନେତା ତଥା ବ୍ଲକ ଗ୍ରାଣ୍ଟ ଶିକ୍ଷକ ରାଜ୍ୟ ସମ୍ପାଦକ ପ୍ୟାରୀ ମୋହନ ବିଶ୍ୱାଳ, ମୁଖ୍ୟ ବକ୍ତା ରୂପ ନାରାୟଣ ମହାନ୍ତି, ସମ୍ମାନିତ ଅତିଥି ରୂପେ ଅବସର ସାମରିକ ସଂଘର ସଭାପତି ମନୋଜ କୁମାର ସୀ, କମଳ ଲୋଚନ ପୀଳା ଓ କାଞ୍ଚନେଶ୍ୱର ପ୍ରାଥମିକ ବିଦ୍ୟାଳୟର




ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାଳୟା ପାତ୍ର ମଂଚାସୀନ ହୋଇଥିଲେ ।ପ୍ରାରମ୍ଭରେ ଅତିଥି ମାନେ ଶ୍ରୀ ଜଗନ୍ନାଥ ଙ୍କ ଠାରେ ପ୍ରଦୀପ ଜାଳି ଉଦଘାଟନ କରିଥିବା ବେଳେ,ଉତ୍କଳ ସମ୍ମିଳନୀ ସମ୍ପାଦକ, କବି, ସାମ୍ବାଦିକ ଡ଼ ସନ୍ୟାସୀ ବେହେରା ବେଦ ମନ୍ତ୍ର ପାଠ କରିଥିଲେ ।ବିଦ୍ୟାଳୟର ପିଲାମାନେ ଗୁରୁ ବନ୍ଦନା, ଆବାହନୀ ସଂଗୀତ ଓ ନୃତ୍ୟ ମାଧ୍ୟମରେ ଗୁରୁଙ୍କୁ ବନ୍ଦାପନା କରିଥିଲେ ।କାଞ୍ଚନେଶ୍ୱର ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଭାରତୀ ବେହେରା ଉଦ୍ଘାଟନୀ ବକ୍ତବ୍ୟ ରଖି ଗୁରୁ ହେଉଛନ୍ତି ସମାଜର ବିନ୍ଧାଣି, ମଣିଷ କାରଖାନାର ପ୍ରଥମ ନାୟକ ଅଟନ୍ତି ।ସଞ୍ଜୟ ନାୟକ ସାର ଜଣେ ଶିକ୍ଷକ ନ ଥିଲେ ବରଂ ଜଣେ ଅନୁଷ୍ଠାନ ପ୍ରେମୀ, ସମାଜ ସେବୀ ଥିଲେ ବୋଲି ଅତିଥିମାନେ ନିଜ ନିଜ ବକ୍ତବ୍ୟରେ କହିଥିଲେ ।ଏହି ସଭାରେ ବେଣୁଧର ପ୍ରମାଣିକ, ଅତୁଲ କୁମାର ଦାସ, ଗୋପାଳ ଚନ୍ଦ୍ର ଜେନା, ସାହାବୁଦ୍ଦିନ ସାହା, ଦୁର୍ଜ୍ଜୟ ନାୟକ, ମନୋରମା ନାୟକ, ଅନ୍ନପୂର୍ଣ୍ଣା ପଢ଼ିଆରୀ, ସୁଜାତା ରାଣୀ ସୀ, ଖଲ ରଫି ରୁଦ୍ଦିନ, ପ୍ରକାଶ ସାହୁ ଉପସ୍ଥିତ ଥିଲେ ।ପୂର୍ବତନ ଉଜଉ ଅଶୋକ କୁମାର ଗିରି, ନିତାୟ ରାଉଳ, ଓ ଶିକ୍ଷକ ପ୍ରଦୀପ ପଣ୍ଡା, ଶିଶିର କୁମାର ନାୟକ ସଞ୍ଜୟ ସାରଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ।ଗ୍ରାମବାସୀ ତଥା ତାଙ୍କ ଛାତ୍ର ମାନେ ଓ ବିଦ୍ୟାଳୟର ଶିକ୍ଷକ ମାନେ ସମ୍ବର୍ଦ୍ଧିତ କରିଥିଲେ । କଚୁଆ ପଡା ଗ୍ରାମର ସମାଜ ସେବୀ ଜଗବନ୍ଧୁ ଜେନା ମଞ୍ଚ ଆହ୍ୱାନ କରିଥିବା ବେଳେକାଞ୍ଚନେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ନରେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ ।

ଧ୍ୱନି ପ୍ରତିଧ୍ୱନି



# ଶ୍ରୀ ଶ୍ରୀ ଆଖଣ୍ଡଳେଶ୍ୱର ମହାଦେବ ବିଜେ - ଆରଡ଼ି ୨୦୨୬ ଶ୍ରାବଣୀ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଭଦ୍ରକ, ୦୮/୭ (ନି.ପ୍ର): ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଶୈବ ପୀଠ ଶ୍ରୀ ଶ୍ରୀ ଆଖଣ୍ଡଳେଶ୍ୱର ମହାଦେବ - ବିଜେ ଆରଡ଼ିଙ୍କ ପବିତ୍ର ଶ୍ରାବଣ ଉତ୍ସବ - ୨୦୨୬ ର ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ପରିଚାଳନା ନିମନ୍ତେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହରେ ଭଦ୍ରକ ଉପଜିଲ୍ଲାପାଳ ଶ୍ରୀ ସୌରଭ ଚକ୍ରବର୍ତ୍ତୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲପାଳ ଶ୍ରୀ ରବି ନାରାୟଣ ସାହୁ ,ଆରକ୍ଷୀ ଅଧିକ୍ଷକ ଶ୍ରୀ ମନୋଜ ରାଉତ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଡି ଆଇ ବି ଶ୍ରୀ ଅଙ୍ଗଶୁମାନ୍ ଦ୍ୱିବେଦି ଉପସ୍ଥିତ ଥିଲେ କ୍ଷ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ମନ୍ଦିର ସେବାୟତ ମାନେ ମଧ ପ୍ରସ୍ତୁତି ବୈଠକ ରେ ଯୋଗ ଦେଇଥିଲେ। ଚଳିତ ବର୍ଷ ଶ୍ରାବଣ ଜଳାଭିଷେକ ପର୍ବ ୨୦.୦୭.୨୦୨୬ ସୋମବାର ଠାରୁ ଆରମ୍ଭ ହୋଇ ୨୪.୦୮.୨୦୨୬ ସୋମବାର ପର୍ଯ୍ୟନ୍ତ କ୍ରମାଗତ ୬ଟି ସୋମବାର ଅନୁଷ୍ଠିତ ହେବ। ଏହା ବ୍ୟତୀତ ଜୁଲାଇ ୧୯, ୨୬ ଏବଂ ଅଗଷ୍ଟ ୨, ୯, ୧୬ ଓ ୨୩ ତାରିଖ ରବିବାର ଦିନମାନଙ୍କରେ ମଧ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହେବ ବୋଲି ଆଶା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ।ଆଜିର ଏହି ପ୍ରସ୍ତୁତି ବୈଠକ ରେ ଆଇନ ଶୃଙ୍ଖଳା ,ପୋଲିସ ଫୋର୍ସ ଓ ସ୍ୱେଚ୍ଛାସେବୀ ମାନଙ୍କୁ ନିଯୁକ୍ତି,ସୁରକ୍ଷାକର୍ମୀ ଙ୍କ ରହିବା ପାଇଁ ବ୍ୟବସ୍ଥା ,ଭକ୍ତମାନଙ୍କ ସୁବିଧା ପାଇଁ ଦର୍ଶନ ଲାଇନ୍ ନିୟନ୍ତ୍ରଣ ଓ ବ୍ୟାରିକେଡିଂ, ଆବଶ୍ୟକ ସ୍ଥଳେ ଡ.ଉ.ଜ.ଇ.ର ବାହିନୀ ନିଯୁକ୍ତି ଓ ନଦୀଘାଟରେ ଉଦ୍ଧାରକାରୀ ଦଳ ମୁତୟନ,ଅତିରିକ୍ତ ପାର୍କିଂ ସ୍ଥଳ ନିର୍ଦ୍ଧାରଣ ଓ ଆବଶ୍ୟକ ସ୍ଥଳେ ରାସ୍ତା ମରାମତି, ଭକ୍ତମାନଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା, ମନ୍ଦିର ଓ ଉତ୍ସବ ସ୍ଥଳର ସଜ୍ଜା ଓ ଆଲୋକୀକରଣ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ,ଭକ୍ତଙ୍କ ବିଶ୍ରାମ ପାଇଁ ରହିବା ବ୍ୟବସ୍ଥା ଆଦି ବିଷୟରେ ଆଲୋଚନା ହୋଇଥିଲା । ପ୍ରତିବର୍ଷ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଏହି ପବିତ୍ର ପୀଠକୁ ଆସିଥାନ୍ତି। ତେଣୁ ଭକ୍ତମାନଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ବୋଲି ବୈଠକରେ ସ୍ପଷ୍ଟ କରାଯାଇଛି ।

# ବିଷାକ୍ତ ସାପ କାମୁଡ଼ିବାରୁ ପଞ୍ଚମ ଶ୍ରେଣୀ ଛାତ୍ର ଗୁରୁତର: କଟକ ସ୍ଥାନାନ୍ତର




ବୈଶିଙ୍ଗା, ୦୮/୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆ ଗ୍ରାମର ୧୮ନଂ ଜାତୀୟ ରାଜପଥ ଠାର ଅନତୀ ଦୂରରେ ଥିବା ଗଡ଼ଦେଉଳିଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପିଲା ଖେଳୁଥିବା ସମୟରେ ବିଷାକ୍ତ ସାପ କାମୁଡ଼ିବାରୁ ବିଦ୍ୟାଳୟର ଅନ୍ତେବାସୀ ତଥା ପଞ୍ଚମ ଶ୍ରେଣୀ ଛାତ୍ର ଗୁରୁତର ଭାବେ କଟକ ସ୍ଥାନାନ୍ତର । ବିଦ୍ୟାଳୟ ଘେରିଲେ ଅଭିଭାବକ ଏବଂ ଗ୍ରାମବାସୀ । ପ୍ରାପ୍ତ ସୂଚନା ମୁତାବକ ଗଡ଼ଦେଉଳିଆ ପ୍ରାଥମିକ ବିଦ୍ୟାଳୟରେ ମୋଟ ୧୪୮ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ୨୫ ଜଣ ଛାତ୍ର ବିଦ୍ୟାଳୟରେ ଥିବା ପ୍ରାଥମିକ ଛାତ୍ରାବାସରେ ରହୁଛନ୍ତି । ମଙ୍ଗଳବାର ଦିନ ଦ୍ୱିପ୍ରହର ସମୟରେ ସମସ୍ତ ପିଲା ମଧ୍ୟାହ୍ନ ଭୋଜନ ଖାଇ ପଡ଼ିଆରେ ଖେଳୁଥିବା ସମୟରେ ସପନ ସୋରେନ ନାମକ ପଞ୍ଚମ ଶ୍ରେଣୀ ଛାତ୍ରକୁ ଏକ ବିଷାକ୍ତ କାମୁଡ଼ି ଥିଲା । କିଛି ସମୟ ମଧରେ ସେ ଅସୁସ୍ଥ ଅନୁଭବ କରିବାରୁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁବର୍ଣ୍ଣ ଭୂୟାଁ ଙ୍କୁ ଜଣାଇଥିଲା । ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଭୂୟାଁ ସଙ୍ଗେ ସଙ୍ଗେ ଆହତ ସପନଙ୍କୁ ପ୍ରଥମେ ବୈଶିଙ୍ଗା ପରେ ପରେ ବାରିପଦା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ । ସେଠାରୁ ଆଜି ବୁଧବାର ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିବା ନେଇ ସୂଚନା ମିଳିଛି । ଏହି ଘଟଣାକୁ ନେଇ ବୁଧବାର ପୂର୍ବାହ୍ନ ସମୟରେ ଶତାଧିକ ଗ୍ରାମବାସୀ ଓ ଅଭିଭାବକ ବିଦ୍ୟାଳୟ ପରିସରକୁ ଆସି ପ୍ରଧାନ ଶିକ୍ଷୟତ୍ରୀଙ୍କୁ ଏବଂ ତାଙ୍କ କାର୍ଯ୍ୟକୁ ବିରୋଧ କରିଥିଲେ । ପ୍ରଧାନ ଶିକ୍ଷୟତ୍ରୀଙ୍କ ଅସାବଧାନତା କାରଣରୁ ଏହି କୋମଳମତି ଶିଶୁ ମାନଙ୍କର ଜୀବନ ବିପଦରେ ପଡୁଥିବା ନେଇ ଅଭିଯୋଗ କରିଥିଲେ । ଏହା ସହ ବିଦ୍ୟାଳୟ ଚାଲୁଥିବା ସମୟରେ କିପରି ପିଲାମାନେ ବାହାରେ ବୁଲୁଛନ୍ତି, ନିମ୍ନମାନର ଖାଦ୍ୟ ପ୍ରଦାନ ହେଉଛି ବୋଲି ଅଭିଯୋଗ କରିଥିଲେ । ପ୍ରଧାନ ଶିକ୍ଷୟତ୍ରୀ ଆଜି ବିଦ୍ୟାଳୟରେ ଅନୁପସ୍ଥିତ ଥିବାକୁ ନେଇ ସମସ୍ତେ ଆହୁରି ବିରକ୍ତି ଭାବ ପ୍ରକାଶ କରିବା ସହ ଅନ୍ୟ କର୍ମଚାରୀଙ୍କ ଉପରେ ବିରକ୍ତିଭାବ ପ୍ରକାଶ କରିଥିଲେ ଓ ଖବର ପାଇ ବେତନଟୀ ବ୍ଲକ ଶିକ୍ଷାଧିକାରୀ ବିପ୍ଳବ କର, ବେତନଟୀ ମଙ୍ଗଳ ସଂପ୍ରସାରଣ ଅଧିକାରୀ ମଦନ ସିଂ, ବେତନଟୀ ଅତିରିକ୍ତ ତହସିଲଦାର ପିକେ ହିତାଂଶୁ , ସିଆରସିସି ପ୍ରଦୀପ କୁମାର ପରିଡ଼ା , ସରପଞ୍ଚ ବବିତା ସିଂ ବିଦ୍ୟାଳୟରେ ପହଞ୍ଚି ଅଭିଭାବକ ଏବଂ ଗ୍ରାମବାସୀ ମାନଙ୍କର ଅଭିଯୋଗର ସ୍ଥିତି ସମୀକ୍ଷା କରିଥିଲେ । ବିଦ୍ୟାଳୟ ପରିବେଶ ସୁରକ୍ଷା ଏବଂ ସ୍ୱଚ୍ଛତା ଉପରେ ସମସ୍ତ ଅଧିକାରୀ ଗୁରୁତ୍ୱାରୋପ କରିଥିଲେ । ଏହା ପରେ ଉପସ୍ଥିତ ସମସ୍ତ ଗ୍ରାମବାସୀ ଏବଂ ଅଭିଭାବକ ମାନଙ୍କର ସମସ୍ତ ଅଭିଯୋଗକୁ ଶୁଣିବା ସହ ଏହାର ସମାଧାନ କରିବା ନେଇ ପ୍ରତିଶୃତି ଦେଇଥିଲେ । ନିଜେ ବ୍ଲକ ଶିକ୍ଷାଧିକାରୀ ଗୁରୁତର ସପନର ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ । ଏହା ପରେ ପରିସ୍ଥିତି ଶାନ୍ତ ପଡିଥିଲା ।

## ଉଗ୍ରବାଦ ପାଇଁ ଦେଶବ୍ୟାପୀ ଅନୁସନ୍ଧାନ କରୁଛି ଏନ୍.ଆଇ.ଏ

ନୂଆଦିଲ୍ଲୀ,୮/୭ : ଦେଶରେ ଏକ ଇସଲାମିକ୍ ରାଷ୍ଟ୍ର ପ୍ରତିଷ୍ଠା ଉଦ୍ଦେଶ୍ୟରେ ଅନଲାଇନ୍ ଆତଙ୍କବାଦୀ ଉଗ୍ରବାଦୀ ଚିନ୍ତାଧାରାକୁ ପ୍ରୋତ୍ସାହିତ କରୁଥିବା ଏକ ମାମଲାରେ ଜାତୀୟ ଅନୁସନ୍ଧାନ ଏଜେନ୍ସି (ଏନ୍.ଆଇ.ଏ.) ବୁଧବାର ଦିନ ଦେଶବ୍ୟାପୀ ସର୍ଚ୍ଚ ଅପରେସନ କରିଛି । ଅନୁସନ୍ଧାନ ଏଜେନ୍ସି ଅନୁଯାୟୀ, ଏନ୍.ଆଇ.ଏ. ଦଳ ଏକ ସମନ୍ୱିତ କାର୍ଯ୍ୟାନୁଷ୍ଠାନରେ ମୋଟ ୨୦ଟି ସ୍ଥାନରେ ଚଢ଼ଉ କରିଥିଲେ। ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ, ମହାରାଷ୍ଟ୍ର, ଉତରପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ରାଜସ୍ଥାନ, ଗୁଜରାଟ ଏବଂ ଦିଲ୍ଲୀରେ ଏହି ଚଢ଼ଉ କରାଯାଇଥିଲା। ଏନ୍.ଆଇ.ଏ. ଚଳିତ ବର୍ଷ ମେ ମାସରେ ବିଜୟୱାଡ଼ା ପୋଲିସ୍ ଠାରୁ ଏହି ମାମଲାର ତଦନ୍ତ ଦାୟିତ୍ୱ ଗ୍ରହଣ କରିଥିଲା। ଏଜେନ୍ସି କହିଛି ଯେ ଆଜିର ଅନୁସନ୍ଧାନରେ ଅନେକ ଡିଜିଟାଲ୍ ଉପକରଣ ଜବତ କରାଯାଇଛି।

# ମୟୂରଭଞ୍ଜରେ ଜନଗଣନା-୨୦୨୭ ପାଇଁ ଚାର୍ଜ ଜନଗଣନା ଅଧିକାରୀମାନଙ୍କର ହସ୍ତପୁସ୍ତିକା ପ୍ରସ୍ତୁତି ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଅନୁଷ୍ଠିତ



ବାରିପଦା, ୦୮/୭ (ନି.ପ୍ର): ଜନଗଣନା-୨୦୨୭ର ସଫଳ ଓ ସୁଚାରୁ ରୂପାୟନ ନିମନ୍ତେ ମୟୂରଭଞ୍ଜ ଜିଲ୍ଲାରେ ଜନଗଣନା ହସ୍ତପୁସ୍ତିକା ପ୍ରସ୍ତୁତି ପାଇଁ ଚାର୍ଜ ଜନଗଣନା ଅଧିକାରୀ, ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ, ଅମିନ ଏବଂ ବୈଷୟିକ ସହାୟକମାନଙ୍କ ପାଇଁ ପ୍ରଥମ ଦିବସର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ବାରିପଦାସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଜନଗଣନା ପ୍ରକ୍ରିୟାକୁ ସଠିକ୍, ନିର୍ଭୁଲ ଏବଂ ସମୟବଦ୍ଧ ଭାବେ ସମ୍ପାଦନ କରିବା ଉଦ୍ଦେଶ୍ୟରେ ଏହି ପ୍ରଶିକ୍ଷଣ ଆୟୋଜନ କରାଯାଇଥିଲା । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜନଗଣନା ନିର୍ଦ୍ଦେଶାଳୟ, ଭୁବନେଶ୍ୱରର ଅଧିକାରୀ ଶ୍ରୀ ତନ୍ମୟ ଗୁପ୍ତା ଏବଂ ଶ୍ରୀ ସୁଧାଂଶୁ ପାଠକ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଜନଗଣନା ହସ୍ତପୁସ୍ତିକା ପ୍ରସ୍ତୁତିର ବିଭିନ୍ନ ତଥ୍ୟ ସଂଗ୍ରହ କରିବା ପାଇଁ ପୂର୍ବ ପ୍ରସ୍ତୁତି, ନିର୍ଦ୍ଦିଷ୍ଟ ପତ୍ର ପୂରଣ ପ୍ରକ୍ରିୟା, ଅନଲାଇନ୍ ତଥ୍ୟ ପରିଚାଳନା ଓ ଜନଗଣନା ସମ୍ବନ୍ଧୀୟ ବୈଷୟିକ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ପ୍ରଶିକ୍ଷଣ ସମୟରେ ବିଭିନ୍ନ ବ୍ୟବହାରିକ ଉଦାହରଣ ମାଧ୍ୟମରେ ପ୍ରଶିକ୍ଷାର୍ଥୀମାନଙ୍କର ସନ୍ଦେହ ଦୂର କରାଯାଇଥିଲା । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ-ତଥା-ଜିଲ୍ଲା ଜନଗଣନା ଅଧିକାରୀ ଶ୍ରୀ ଦୁଃଖବନ୍ଧୁ ନାୟକ ଉପସ୍ଥିତ ରହି ଜନଗଣନା ଦେଶର ଯୋଜନା ପ୍ରସ୍ତୁତି, ପ୍ରଶାସନିକ ନିଷ୍ପତ୍ତି ଏବଂ ସାମାଜିକ-ଆର୍ଥିକ ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଧାର ବୋଲି ଉଲ୍ଲେଖ କରିଥିଲେ । ସେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ନିର୍ଦ୍ଦେଶାବଳୀକୁ ଯଥାର୍ଥ ଭାବେ ଅନୁସରଣ କରି ସଠିକ୍ ତଥ୍ୟ ସଂଗ୍ରହ ଓ ହସ୍ତପୁସ୍ତିକା ପ୍ରସ୍ତୁତି କାର୍ଯ୍ୟକୁ ଗୁରୁତ୍ୱର ସହ ସମ୍ପାଦନ କରିବାକୁ ଆହ୍ୱାନ ଦେଇଥିଲେ । ଉପ-ଜିଲ୍ଲା ଜନଗଣନା ଅଧିକାରୀ ଶ୍ରୀମତୀ ମାନସୀ ତରେଇ ମଧ ଉପସ୍ଥିତ ରହି ପ୍ରଶିକ୍ଷଣର ବିଭିନ୍ନ ବ୍ୟବସ୍ଥାର ତଦାରଖ କରିବା ସହିତ ଜନଗଣନା କାର୍ଯ୍ୟକ୍ରମର ପରିଚାଳନାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

# ଲୋକଙ୍କ ଠାରୁ ଅର୍ଥ ଉଧାର ନେଇ ଫେରାର ଥିବା ମହିଳା ବ୍ୟାଙ୍କ ଆସିଥିବା ବେଳେ ସ୍ଥାନୀୟ ଲୋକଙ୍କ ଦ୍ୱାରା ହଟହଟା: ଅଟକ ମହିଳାଙ୍କୁ ଉଦ୍ଧାର କଲା ବସ୍ତା ପୁଲିସ



ବସ୍ତା, ୦୮/୭ (ନି.ପ୍ର): ବିଭିନ୍ନ ଲୋକଙ୍କ ଠାରୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଉଧାର ନେଇ ଗତ ୩ ବର୍ଷ ଧରି ଫେରାର ଥିବା ଜଣେ ମହିଳାଙ୍କୁ ଆଜି ଭେଲୋରା ଓଡିଶା ଗ୍ରାମୀଣ ବ୍ୟାଙ୍କ ଆସି ଥିବା ବେଳେ ଲୋକେ ଘେରି ଯାଇଥିଲେ।ଉକ୍ତ ମହିଳାଙ୍କୁ ଧରି ଲୋକେ ପୁଲିସକୁ ହସ୍ତାନ୍ତର କରିଛନ୍ତି। ସୂଚନା ଅନୁଯାୟୀ ବସ୍ତା ବ୍ଲକ ଭେଲୋରା ଗାଁର ସଂଯୁକ୍ତା ଜେନା(ଡଲି) ନାମକ ମହିଳା ଜଣକ ଗ୍ରାମର ପ୍ରାୟ ୨୦ ରୁ ଅଧିକ ଲୋକଙ୍କ ଠାରୁ ବ୍ୟବସାୟରେ ଅଧିକ ଲାଭ ଦେବା ପ୍ରତିଶୃତି ଦେଇ ପ୍ରାୟ ୧୨ ଲକ୍ଷ ଟଙ୍କା ଉଧାର ନେଇଥିଲେ। ଟଙ୍କା ନେବା ପରେ ସେ ଫୋନ୍ ସୁଇଚ୍ ଅଫ୍ କରି ଭଡା ଘରେ ତାଲା ଲଗାଇ ଫେରାର ହୋଇଯାଇଥିଲା। ଆଜି ସକାଳେ ସେ ଉକ୍ତ ବ୍ୟାଙ୍କକୁ ନିଜର କେୱାଇସି କରିବା ପାଇଁ ଆସିଥିଲେ। ବ୍ୟାଙ୍କ ଆଗରେ ତାଙ୍କୁ ଦେଖି ଜଣେ ପାଉଣା ଦାର ଚିହ୍ନିଥିଲେ। ସେ ଚିତ୍କାର କରିବା ପରେ ଆଖପାଖ ଲୋକେ ଏକାଠି ହୋଇ ମହିଳାଙ୍କୁ ଘେରି ଏକ ପ୍ରକାର ଅଟକ ରଖିଥିଲେ। ଖବର ପାଇ ବସ୍ତା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କ କବଳରୁ ମହିଳାଙ୍କୁ ଉଦ୍ଧାର କରି ଥାନାକୁ ଆଣିଛି। ଜଣେ ପାଉଣାଦାର କହିଲେ, ମାସକୁ ୫ ପ୍ରତିଶତ ସୁଧ ଦେବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେବାରୁ ବିଶ୍ୱାସ କରି ମୋ ସ୍ୱାମୀଙ୍କୁ ନଜଣାଇ ପଇସା ଦେଇଥିଲି।ମାତ୍ର ଡଲି ଫେରାର ପରେ ସ୍ୱାମୀ ସ୍ତ୍ରୀ ମଧରେ ଝଗଡା ଲାଗି ୨ ବର୍ଷ ହେଲା ମୋ ସ୍ୱାମୀ ଘରକୁ ଆସୁନାହାନ୍ତି। ଏବେ ଘର ଚଳାଇବା ମୁସ୍କିଲ ହୋଇଗଲାଣି। ମହିଳା ଜଣକ ଧରାପଡିବା ଖବର ପାଇବା ପରେ ଆହୁରି ଅନେକ ଲୋକ ଥାନାକୁ ଆସି ଅଭିଯୋଗ କରିବାରେ ଲାଗିଛନ୍ତି। ପୁଲିସ ଏ ବାବଦରେ ତଦନ୍ତ ଜାରି ରଖିଛି।

## ଶୋପିଆନ୍ ଏନକାଉଂଟରରେ ଲସ୍କର କମାଣ୍ଡର ଜାକିର ଘନି ନିହତ

ନୂଆଦିଲ୍ଲୀ,୮/୭ : ଦକ୍ଷିଣ କାଶ୍ମୀରର ଶୋପିଆନ୍ ଜିଲ୍ଲାର ଚାନାପୋରା ଅଂଚଳରେ ଚାଲିଥିବା ଆତଙ୍କବାଦ ବିରୋଧୀ ଅପରେସନରେ ଅନ୍ୟ ଜଣେ ଆତଙ୍କବାଦୀ ଫସି ରହିଥିବା ଆଶଙ୍କା କରାଯାଉଥିବା ବେଳେ ଲସ୍କର-ଇ-ତାଇବାର ଶୀର୍ଷ କମାଣ୍ଡର ଜାକିର ଗନି ନିହତ ହୋଇଛନ୍ତି ବୋଲି ଜାମ୍ମୁ କାଶ୍ମୀର ପୋଲିସ ବୁଧବାର ଦିନ କହିଛି। ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି ଯେ ଜାକିର ଗତ ପାଂଚ ଦିନ ଧରି ତାଙ୍କ ସହଯୋଗୀଙ୍କ ସହ ଏନକାଉଂଟରରେ ଥିଲେ। 'ତାଙ୍କୁ ହତ୍ୟା କରାଯାଇଛି ଏବଂ ଆଜି ତାଙ୍କ ମୃତଦେହ ଅସ୍ତ୍ରଶସ୍ତ୍ର ଏବଂ ଗୁଳିଗୋଳା ସହିତ ଏକ ଗୋଶାଳାରୁ ଉଦ୍ଧାର କରାଯାଇଛି', 'ସେ କହିଛନ୍ତି।'

# ୨୦ ଘଣ୍ଟାର ପରିଶ୍ରମ ପରେ ଓଡ୍ରାଫ୍ ଟିମକୁ ଯୁବକର ମୃତଦେହ ମିଳିଲା

ବୈଶିଙ୍ଗା, ୦୮/୭ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ବୁଢ଼ାବଳଙ୍ଗ ନଦୀରେ ଜଳକ୍ରୀଡ଼ା ସହ ସେଲଫି ନେବା ବେଳେ ଯୁବକ ନିଖୋଜ ହେବା ଘଟଣା। ଦୀର୍ଘ ୨୦ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ଉଦ୍ଧାର ହେଲା ଯୁବକଙ୍କ ମୃତଦେହ। ଗତକାଲି ଯୁବକ ଜଣଙ୍କ ବୁଢ଼ାବଳଙ୍ଗ ନଦୀର ନାଖରା ପୋଲ ତଳେ ଗାଧୋଇବା ବେଳେ ଭାସି ଯାଇଥିଲେ। ଆଜି ତାଙ୍କର ମୃତଦେହ ଭାସିଯାଇଥିବା ସ୍ଥାନରୁ ଏକ କିଲୋମିଟର ଦୂରରେ ଥିବା ପାଟଲିପୁରା ବାଲି ଖାଦାନ ନିକଟରୁ ମିଳିଛି। ସୂଚନାନୁଯାୟୀ, ବାଲେଶ୍ୱର ଜିଲ୍ଲାର ପାଞ୍ଚ ଜଣ ଯୁବକ ମୟୁରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଅଞ୍ଚଳର ବୁଢ଼ାବଳଙ୍ଗ ନଦୀର ନାଖରା ପୋଲ ତଳେ ଗାଧୋଉଥିଲେ। ଏତିକି ବେଳେ ଜଣେ ଯୁବକ ଭାସି ଯାଇଥିଲେ । ସେ ହେଉଛନ୍ତି ବାଲେଶ୍ୱର ଜିଲ୍ଲା କଅଁରାକୁଳର ଆକାଶ କୁମାର ଜେନା। ସେ ଯୁକ୍ତ ଦୁଇ ଶ୍ରେଣୀର ଛାତ୍ର ବୋଲି ଜଣାପଡ଼ିଛି। ଆଜି ତାଙ୍କ ମୃତଦେହ ଉଦ୍ଧାର ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଓଡ୍ରାଫ ଓ ଅଗ୍ନିଶମ ବାହିନୀ ଗତକାଲି ଠାରୁ ଖୋଜାଖୋଜି ଚଳାଇଥିବା ବେଳେ ଆଜି ବେତନଟୀ ଅଗ୍ନିଶମ ବାହିନୀ ମୃତଦେହ ଠାବ କରିଛି। ନାଖରା ପୋଲରେ ଲୋକଙ୍କ ଭିଡ଼ ଜମିଛି। ପୁଲିସ ଏହି ଘଟଣାରେ ୩୨/୨୦୨୬ ମୂଳେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ମେଡିକାଲକୁ ପଠାଇଥିବା ଜଣାଯାଇଛି ।

# ବାଲେଶ୍ୱର ଜିଲ୍ଲାରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ

## ଶେଖ ହମିଦର ହତ୍ୟାକାରୀ ଓ ସୁପାରୀ କିଲରଙ୍କୁ ଧରିବାରେ ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ : ସଦର କଂଗ୍ରେସ




ବାଲେଶ୍ୱର , ୦୮/୭ (ନି.ପ୍ର): ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ସମେତ ବିଭିନ୍ନ ବ୍ଲକ ରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଲାଣି। ବ୍ରାଉନ ସୁଗାର କାରବାର ଠାରୁ ଆରମ୍ଭ କରି ସୁପାରୀ କିଲିଂ ବେଧଡ଼କ ଭାବେ ଚାଲିଛି। ଗୃହ ବିଭାଗ ଠାରୁ ଆରମ୍ଭ କରି ଜିଲ୍ଲା ପୋଲିସ ପ୍ରଶାସନ ଜିଲ୍ଲା ରେ ଅପରାଧୀ ମାନଙ୍କୁ ଠାବ କରିବାକୁ ବିଫଳ ହୋଇଛି। ବୁଧବାର ଅପରାହ୍ନ ରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଦର କଂଗ୍ରେସ ର ଯୁବ ନେତା ତଥା ଜିଲ୍ଲା କଂଗ୍ରେସ ଉପସଭାପତି ସରୋଜ କୁମାର ଲେଙ୍କା ଏ କଥା ଉଲ୍ଲେଖ କରି ଉଦବେଗ ପ୍ରକାଶ କରିଛନ୍ତି। ସମ୍ପ୍ରତି ଗତ ଜୁନ ୨୫ତାରିଖ ରେ ଅରଡ଼ ବଜାର ରେ ଶେଖ ହମିଦ ନାମକ ବ୍ୟବସାୟୀ ଙ୍କୁ ବିଚ ରାସ୍ତାରେ ଦୁଇ ଜଣ ସୁପାରୀ କିଲର ବାଇକ ରେ ଆସି ଲୋକଙ୍କ ସମ୍ମୁଖରେ ଆଠ ରାଉଣ୍ଡ ଗୁଳି ଚଳାଇ ହତ୍ୟା କରିଥିଲେ। ଇତି ମଧରେ ତେର ଦିନ ବିତି ଯାଇଥିଲେ ହେଁ ପୋଲିସ ର ଚାରୋଟି ଟିମ ସୁପାରୀ କିଲର ଓ ମୁଖ୍ୟ ଆସାମୀ ଙ୍କୁ ଧରି ପାରିନାହିଁ। ଏହା ଫଳରେ ସାଧାରଣ ଲୋକେ ପୋଲିସ କୁ ଭରଷା କରି ପାରୁନାହାନ୍ତି। କେଉଁ କାରଣ ରୁ ତାଙ୍କୁ ହତ୍ୟା କରାଗଲା ସେ ସମ୍ପର୍କରେ ପୋଲିସ ପାଖରେ ସୂଚନା ନାହିଁ। ତୁରନ୍ତ ହମିଦଙ୍କ ପ୍ରକୃତ ହତ୍ୟାକାରୀଙ୍କୁ ଗିରଫ କରିବାକୁ ଶ୍ରୀ ଲେଙ୍କା ଦାବି କରିଛନ୍ତି। ରେମୁଣା ର ପୂର୍ବତନ ବିଧାୟକ ସୁଦର୍ଶନ ଜେନା କହିଥିଲେ କି ଏସପି ଙ୍କ ତତ୍ୱାବଧାନ ରେ ଚାରୋଟି ପୋଲିସ ଟିମ ଗଠନ ସତ୍ୱେ କାହାରିକୁ ଗିରଫ କରାଯାଇ ପାରିନାହିଁ। ଶେଖ ହମିଦ ଙ୍କ ପରିବାର ଲୋକେ ମଧ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଆଗାମୀ ସାତ ଦିନ ମଧରେ ଜିଲ୍ଲା ପୋଲିସ ପ୍ରଶାସନ ଶେଖ ହମିଦଙ୍କ ହତ୍ୟାକାରୀମାନଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି ଶ୍ରୀ ଜେନା। ନଚେତ ଦଳ ପକ୍ଷରୁ ଏସ ପି ଙ୍କ କାର୍ଯ୍ୟାଳୟ ସମ୍ମୁଖ ରେ ଧାରଣା ଦିଆଯିବ। ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କାଉନସିଲର ପଦ୍ମ ଲୋଚନ ଲେଙ୍କା ସାମ୍ବାଦିକ ସମ୍ମିଳନୀ ର ଉଦ୍ଦେଶ୍ୟ ସମ୍ପର୍କରେ ଉଲ୍ଲେଖ କରିଥିବା ବେଳେ ଟାଉନ କଂଗ୍ରେସ ସଭାପତି ଅନୁପ କୁମାର ସ୍ୱାଇଁ, ପି ସି ସି ସଭ୍ୟା ଅର୍ଚ୍ଚନା ନନ୍ଦୀ, ଗୌତମ ସାହୁ ଓ ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଜ୍ୟୋସ୍ନା ସେନାପତି ଉପସ୍ଥିତ ରହିଥିଲେ।

# ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ଆରମ୍ଭ ହେଲା ଆଂଚଳିକ ସାଧନ କେନ୍ଦ୍ରସ୍ତରୀୟ ମାସିକ ବୈଠକ




ଉଦଳା , ୦୮/୭ (ନି.ପ୍ର): ଜାତୀୟ ଶିକ୍ଷା ନୀତି - ୨୦୨୦କୁ କାର୍ଯ୍ୟକ୍ଷେତ୍ରରେ ପ୍ରୟୋଗ କରିବା ପାଇଁ ଶିକ୍ଷକ ଶିକ୍ଷୟିତ୍ରିଙ୍କ ଦକ୍ଷତା ବୃଦ୍ଧି ସକାଶେ ଆଂଚଳିକ ସାଧନକେନ୍ଦ୍ର ସ୍ତରୀୟ ମାସିକ ବୈଠକର ପର୍ବ ସରକାରଙ୍କ ନିର୍ଦ୍ଦେଶରେ ଆୟୋଜନ କରାଯାଉଛି। ଏଥିପାଇଁ ପ୍ରତିମାସର ପ୍ରଥମ ଶନିବାରଟିକୁ ଦିନ ଧାର୍ଯ୍ୟ କରାଯାଇଛି । ଏହି ଅବସରରେ ଉଦଳା ବ୍ଲକ ଅନ୍ତର୍ଗତ କଇଁସାରୀ କ୍ଲଷ୍ଟରର ମାସିକ ଆଂଚଳିକ ସାଧନକେନ୍ଦ୍ର ସ୍ତରୀୟ ପ୍ରଥମ ବୈଠକ ଚଳିତ ଜୁଲାଇ ୪ ତାରିଖ ଶନିବାର ଦିନ ସରକାରୀ ପ୍ରାଥମିକ ବିଦ୍ୟାଳୟ ଛୋଟରାୟପୁର ଠାରେ ଅନୁଷ୍ଠିତ ହୋଇ ଯାଇଛି । ଦିବସବ୍ୟାପି ଚାଲିଥିବା ଏହି ବୈଠକରେ ଏଠାରେ କାର୍ଯ୍ୟରତ ସିଆରସିସି ଶାନ୍ତନୁ କୁମାର ଦାଶ ଅଧକ୍ଷତା କରିବା ସହ ନୂତନ ପାଠ୍ୟକ୍ରମର ରୂପରେଖ ଭାରତୀୟ ଜ୍ଞାନ, ପରମ୍ପରା, ଭାବଧାରା, ପ୍ରାଚୀନ ଶିକ୍ଷା ବ୍ୟବସ୍ଥା, ଗୁରୁକୁଳ ବୈଶିଷ୍ଟ ଉପରେ ଆଧାରିତ ବୋଲି ବ୍ୟକ୍ତ କରିଥିଲେ । ଏହାପରେ ବାର୍ଷିକ କାର୍ଯ୍ୟ ଯୋଜନା, ବିଦ୍ୟାଳୟ ସମୟ ନିର୍ଘଂଟ, ଶିକ୍ଷତା ଫଳାଫଳ ପୁସ୍ତିକା, ଶୈକ୍ଷିକ କ୍ୟାଲେଣ୍ଡର, ଯାଦୁ ପେଡ଼ି, ଖେଳଭିତିକ କାର୍ଯ୍ୟ, ଶିକ୍ଷତା ସୋପାନ ରେଜିଷ୍ଟର, ବିଦ୍ୟାଳୟ ସୁରକ୍ଷା ଯୋଜନା ଇତ୍ୟାଦି ବିଷୟରେ ବିସ୍ତୃତ ଆଲୋଚାନ କରାଯାଇଥିଲା । ଶିକ୍ଷକ ନରେଶ ଚନ୍ଦ୍ର ବେହେରା ଆଜିର ବୈଠକ ପରିଚାଳନାର ନେତୃତ୍ୱ ନେଇଥିବା ବେଳେ ଉଦଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁବ୍ରତ କୁମାର କିସ୍କୁ ଅତିଥି ଭାବରେ ଯୋଗ ଦେଇ ସମସ୍ତ ପାଠ୍ୟକ୍ରମକୁ ବିଦ୍ୟାଳୟ ସ୍ତରରେ ଶତପ୍ରତିଶତ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଥିଲେ । ପ୍ରଧାନ ଶିକ୍ଷକ ସହଦେବ ପାତ୍ର ଶେଷରେ ଧନ୍ୟବାଦ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମର ଯବନିକା ପକାଇଥିଲେ ।

# ହଜିଥିବା ଟଙ୍କା ଏବଂ ମୋବାଇଲ ରାସ୍ତାରୁ ପାଇ ମାଲିକଙ୍କୁ ଫେରାଇ ମହାନତା ଦେଖାଇଲେ ଯୁବକ

ବସ୍ତା, ୦୮/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ କଇନଗରୀ ପଞ୍ଚାୟତ କଇନଗରୀ ଗ୍ରାମର ପ୍ରଭାକର ମାନ୍ନାଙ୍କ ପୁଅ ଦୀପକ ଘର ପାଖରୁ ବସ୍ତା ଆଡକୁ ଯାଉଥିବାବେଳେ ପେଜଗଳା ପୋଲ ପାଖରେ ମୋବାଇଲ ଏବଂ କିଛି ଟଙ୍କା ରାସ୍ତାରେ ପଡିଥିଲା। ଉକ୍ତ ରାସ୍ତା ଦେଇ ସିଂଲା ଗ୍ରାମର ତପନ କୁମାର ସେଠୀ ଟଙ୍କା ଏବଂ ମୋବାଇଲ ପାଇ ସିଂଲା ଥାନାରେ ପହଞ୍ଚି ଥାନା ସହାୟତାରେ ଉକ୍ତ ବ୍ୟକ୍ତିଙ୍କୁ ଯୋଗାଯୋଗ କରିଥିଲେ। ଉକ୍ତ ବ୍ୟକ୍ତି ଜଣକ ଥାନାରେ ପହଞ୍ଚି ଥାନା ଏସ ଆଇ ତପନ କୁମାର ଜେନା ଏବଂ କନେଷ୍ଟବଳ ଜାଟା ହେମ୍ବ୍ରମଙ୍କ ଉପସ୍ଥିତିରେ ତାଙ୍କର ହଜିଯାଇଥିବା ଟଙ୍କା ଏବଂ ମୋବାଇଲ ଫେରି ପାଇବା ସହ ଏଭଳି ମହାନତା ଦେଖାଇ ଥିବା ତପନ ସେଠୀଙ୍କୁ ଧନ୍ୟବାଦ ଦେଇଥିଲେ ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida